


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 JANUARY 2022
Vol.No. 33 ■ No. 7 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦେଶରେ ଲକ୍ଷେ ମୁହାଁ କରୋନାର ଦୈନିକ ସଂକ୍ରମଣ




ନୂଆଦିଲ୍ଲୀ,୦୬/୦୧: ହୁ ହୁ ହୋଇ ବଢ଼ିବାରେ ଲାଗିଛି କରୋନା ସଂକ୍ରମଣ । ଦୈନିକ ସଂକ୍ରମଣ ଏବେ ଏକ ଲକ୍ଷ ମୁହାଁ ହେବାରେ ଲାଗିଛି । ଗତ ୨୪ ଘଂଟାରେ ସଂକ୍ରମଣ ମାମଲା ୫୬.୫ ପ୍ରତିଶତ ବୃଦ୍ଧି ପାଇଛି । ଦେଶରେ ଯେଉଁ ଭଳି ଭାବେ ସଂକ୍ରମଣ ବଢ଼ିବାରେ ଲାଗିଛି, ଏହା ତୃତୀୟ ଲହର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଆଉ ଚଳିତ ମାସ ଶେଷ ସୁଦ୍ଧା ଏହା ପିକ୍ ନେବ ବୋଲି କୁହାଯାଉଛି । ମହାରାଷ୍ଟ୍ର ଓ ଦିଲ୍ଲୀରେ ସ୍ଥିତି ଖରାପ ହୋଇଛି । ଏହି ଦୁଇ ରାଜ୍ୟ ସହ ପଶ୍ଚିମବଙ୍ଗ, କେରଳ ଓ ତାମିଲନାଡୁରେ କରୋନା ମାମଲା ବଢ଼ୁଛି । ମହାରାଷ୍ଟ୍ରରେ ୨୬. ୫୩୮. ଦିଲ୍ଲୀରେ ୧୦, ୬୬୫, ପଶ୍ଚିମବଙ୍ଗରେ ୧୪ ହଜାର ୨୨, ତାମିଲନାଡୁରେ ୪ ହଜାର ୪ ହଜାର ୮୬୨ ଓ କେରଳରେ ୪ ହଜାର ୮୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗତ ୨୪ ଘଂଟାରେ ଚିହ୍ନଟ ହୋଇଥିବା ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଏହି ୫ ରାଜ୍ୟରୁ ଆକ୍ରାନ୍ତଙ୍କ ସଂଖ୍ୟା ହେଉଛି ୬୬. ୯୭ ପ୍ରତିଶତ । କେବଳ ମହାରାଷ୍ଟ୍ରରେ ୨୯. ୧୯ ପ୍ରତିଶତ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଢ଼ୁଥିବା ସଂକ୍ରମଣକୁ ଦେଖି ବିଭିନ୍ନ ରାଜ୍ୟରେ ଅନେକ କଟକଣା ଲଗା ଯାଉଛି । ନାଇଟ୍ କର୍ଫ୍ୟୁ ସହ ଶୀକ୍ଷାନୁଷ୍ଠାନଗୁଡିକୁ ବନ୍ଦ କରାଯାଉଛି । ଏହାସହ ଟିକାକରଣ ମଧ୍ୟ କରାଯାଉଛି । ୧୪୮ କୋଟି ୬୭ ଲକ୍ଷ କରୋନା ଟିକାର ଡୋଜ୍ ପ୍ରଦାନ କରା ଯାଇ ସାରିଲାଣି । କିଶୋରଙ୍କୁ ଟିକାକରଣ ମଧ୍ୟ କରାଯାଉଛି । ଏହି ଭିତରେ କରୋନା ସଂକ୍ରମଣକୁ ନେଇ ଆତଙ୍କ ବଢ଼ିବାରେ ଲାଗିଛି ।

## ଓମ୍ରିକନ ସଂକ୍ରମିତ ମହିଳାଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ରାଜ୍ୟରେ କରୋନାର ନୂଆ ଭାରିଆଂଟ ଓମିକ୍ରନ୍ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ବଲାଙ୍ଗୀର ଜିଲ୍ଲାର । ବଲାଙ୍ଗୀର ଜିଲ୍ଲାର ସିଡିଏମଓ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସମ୍ବଲପୁର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ବଲାଙ୍ଗୀର ଆଗଲପୁର ଅଞ୍ଚଳର ଜଣେ ମହିଳା ବୋଲି ଜଣାପଡିଛି । ଏହା ବଲାଙ୍ଗୀର ଜିଲ୍ଲାର ପ୍ରଥମ ଓମିକ୍ରନ୍ କେସ୍ ଥିଲା । ଏହାପରେ ଏକ ଟିମ୍ ସଂପୃକ୍ତ ମୃତକଙ୍କ ଘରେ ପହଂଚି ତାଙ୍କ ସଂସର୍ଶରେ ଆସିଥିବା ସମସ୍ତଙ୍କର ଆରଟିପିସିଆର ଟେଷ୍ଟ କରିବା ସହ ତାଙ୍କ କଂଟାକ୍ଟ ଟ୍ରେସିଂ ଜାରି ରଖିଥିବା ସୂଚନା ମିଳିଛି ।

## କରୋନା ଭୟ ଭିତରେ କିପରି ହେବ ନିର୍ବାଚନ ?

### ନୀତି ଆୟୋଗ ଓ ଗୃହ ମନ୍ତ୍ରଳାୟ ସହିତ ନିର୍ବାଚନ କମିଶନଙ୍କ ବୈଠକ



ନୂଆଦିଲ୍ଲୀ,୦୬/୦୧: ଦେଶରେ କରୋନାର ଭୟ ଭିତରେ କିପରି ହେବ ନିର୍ବାଚନ ? ମୁଖ୍ୟ ନିର୍ବାଚନ କମିଶନଙ୍କୁ ଭେଟିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ । ଦେଶରେ ବର୍ତ୍ତମାନର କରୋନା ସ୍ଥିତି ନେଇ ନିର୍ବାଚନ କମିଶନଙ୍କୁ ଅବଗତ କରାଉଛନ୍ତି । କରୋନା ସ୍ଥିତି ନେଇ ଦ୍ୱିତୀୟ ଥର ନିର୍ବାଚନ କମିଶନଙ୍କୁ ଅବଗତ କରାଉଛନ୍ତି । ଆଗକୁ ୫ଟି ରାଜ୍ୟରେ ନିର୍ବାଚନ ହେବାର ଅଛି । ଉତରପ୍ରଦେଶ, ଉତରାଖଣ୍ଡ, ଗୋଆ, ପଂଜାବ ଓ ମଣିପୁରରେ ନିର୍ବାଚନ ହେବ । ତେଣୁ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ କିପରି ନିର୍ବାଚନ ହେବ ସେନେଇ ନିର୍ବାଚନ କମିଶନ ନିଷ୍ପତି ନେବେ । ଏପଟେ ଭର୍ଚୁଆଲ ରାଲି ଓ ଅନ୍ଲାଇନ୍ ଭୋଟିଂ ହୋଇପାରିବ କି ନାହିଁ, ସେନେଇ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି ଉତରାଖଣ୍ଡ ହାଇକୋର୍ଟ । ଜାନୁଆରୀ ୧୨ ତାରିଖ ସୁଦ୍ଧା ଏହା ଉପରେ ପ୍ରତିକ୍ରିୟା ଦାଖଲ କରିବାକୁ ଇସିଆଙ୍କୁ କୁହାଯାଇଛି ।

## ପୁଣି ୪ଟି ସ୍ଥାନକୁ କଣ୍ଟେନମେଣ୍ଟ ଘୋଷଣା କଲା ବିଏମସି

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବା ବେଳେ ଆଜି ରାଜଧାନୀରେ ୪ଟି ସ୍ଥାନ କଂଟେନମେଂଟ ଘୋଷିତ ହୋଇଛି । ଆଜି ରାଜଧାନୀର ନୟାପଲ୍ଲୀ ଓ ଭୀମପୁରରେ ଗୋଟିଏ ଲେଖାଏଁ ଏବଂ ଶ୍ରୀକ୍ଷେତ୍ର ବିହାରରେ ଦୁଇଟି ସ୍ଥାନକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି । ବିଏମସି ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଗୋଟିଏ ସ୍ଥାନରୁ ଏକାଧିକ ସଂକ୍ରମିତ ଚିହ୍ନଟ ପରେ ବିଏମସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ନେଇ ସୂଚନା ଦିଆ ଯାଇଛି ।

## ଭୁବନେଶ୍ୱର ଆସୁଥିବା ସବୁ ବିମାନଯାତ୍ରୀଙ୍କର ହେବ ଆରଟିପିସିଆର୍ ଟେଷ୍ଟ୍




ଭୁବନେଶ୍ୱର, ୦୬/୦୧ (ନି.ପ୍ର): ବିମାନରେ ଭୁବନେଶ୍ୱର ଆସୁଥିବା ସମସ୍ତ ଯାତ୍ରୀଙ୍କର ଆରଟି-ପିସିଆର୍ ଟେଷ୍ଟ୍ କରାଯିବ ବୋଲି ବିଏମ୍ସି ନିର୍ଦ୍ଦେଶ ଦେଇଛି । ରିପୋର୍ଟ ଆସିବା ପର୍ଯ୍ୟନ୍ତ ଯାତ୍ରୀମାନେ ହୋମ୍ ଆଇସୋଲେସନ୍ ରେ ରହିବେ । ଏହି ନିର୍ଦ୍ଦେଶ ଆସନ୍ତାକାଲିଠାରୁ ଲାଗୁ କରାଯିବ । ବିଏମ୍ ସି ପକ୍ଷରୁ ବିମାନବନ୍ଦରରେ ହିଁ ଯାତ୍ରୀଙ୍କ ଆରଟି-ପିସିଆର ଟେଷ୍ଟ୍ ପାଇଁ ବ୍ୟବସ୍ଥା କରାଯିବ । ରାଜ୍ୟ ଏବଂ ରାଜଧାନୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବିମାନବନ୍ଦର ପାଇଁ ଗାଇଡ୍ ଲାଇନ୍ ଜାରି କରିଛି ବିଏମ୍ସି । ଏହି ନିର୍ଦ୍ଦେଶ ଅନୁଯାୟୀ, ବିମାନ ଯାତ୍ରୀଙ୍କ ପାଇଁ ଆର୍ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ । ଯାତ୍ରୀମାନେ ଡବଲ୍ ଡୋଜ୍ ଟିକା ନେଇଥିଲେ ବା ନେଗେଟିଭ୍ ରିପୋର୍ଟ ଥିଲେ ବି ସେମାନଙ୍କର ଆରଟି-ପିସିଆର୍ ଟେଷ୍ଟ କରାଯିବ । ରିପୋର୍ଟ ଆସିବ ପର୍ଯ୍ୟନ୍ତ ଯାତ୍ରୀମାନେ ହୋମ୍ ଆଇସୋଲେସନ୍ ରେ ରହିବେ । ଯଦି ରିପୋର୍ଟ ପଜିଟିଭ୍ ଆସେ, ତା'ହେଲେ ପ୍ରୋଟୋକଲ୍ ଅନୁଯାୟୀ ପରବର୍ତ୍ତୀ ବ୍ୟବସ୍ଥା କରାଯିବ । ବିଏମ୍ସି ଅଂଚଳରେ ଗତ ୨୪ ଘଂଟାରେ ୪୦୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଗତକାଲି ଓ ଆଜି ମିଶାଇ ମୋଟ ୧୪ ଟି ସ୍ଥାନକୁ କଂଟେନ୍ମେଂଟ୍ ଜୋନ୍ ଘୋଷଣା କରାଯାଇଛି ।

## ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ବି ଓମିକ୍ରନ୍ ସଂକ୍ରମଣ ବଢ଼ିବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ରାଜ୍ୟରେ ସବୁ ଜିଲ୍ଲାରେ ଓମିକ୍ରନ ଉପସ୍ଥିତି ଦେଖା ଗଲାଣି । ତେଣୁ ଆଗାମୀ ଦିନରେ ସଂକ୍ରମଣ ଆଗକୁ ଆହୁରି ବଢ଼ିବ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ସୂଚନା ଦେଇଛନ୍ତି । ଆଗାମୀ ୧୦ ତାରିଖରୁ ବୟସ୍କ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ବୁଷ୍ଟର ଡୋଜ ଆରମ୍ଭ ହେବ । କେନ୍ଦ୍ର ନିଷ୍ପତ୍ତି ଅନୁସାରେ ଯିଏ ଯେଉଁ ଟିକା ନେଇଛନ୍ତି, ▶▶ପୃଷ୍ଠା ୭

## ୧୦ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ଗୁରୁବାର ଏକ ସଦ୍ୟତମ ପଶ୍ଚିମାଝଡ ଆଫଗାନିସ୍ତାନ ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସମୁଦ୍ର ପତନ ଠାରୁ ୩.୧କିମି ଉଚ୍ଚତାରେ ବାୟୁମଣ୍ଡଳରେ ଗୋଟିଏ ଘୁର୍ଣ୍ଣିବଳୟ ରୂପରେ ସକ୍ରିୟ ରହିଛି । ଏହାର ପ୍ରଭାବରେ ଏକ ପ୍ରେରିତ ଘୁର୍ଣ୍ଣିବଳୟ ଆସନ୍ତା କାଲି, ୭ଜାନୁଆରୀ ରେ ଦକ୍ଷିଣପଶ୍ଚିମ-ରାଜସ୍ଥାନ ତଥା ତାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ସୃଷ୍ଟିହେବା ସମ୍ଭାବନା ରହିଛି । ଏଥିଯୋଗୁଁ ▶▶ପୃଷ୍ଠା ୭

## ଧର୍ମେନ୍ଦ୍ର କଲେ ବିଜେଡିକୁ ଟାର୍ଗେଟ୍



ଭୁବନେଶ୍ୱର,୦୬/୦୧(ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣାକୁ ବର୍ଷେ ବିତି ଯାଇଥିବାବେଳେ କୁଳମଣି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ପ୍ରଥମ ବାର୍ଷିକ ସ୍ମୃତି ସଭାରେ ଭିସି ଜରିଆରେ ଯୋଗ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଖୁବ କଡାକଥା କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଗରିବ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା କୁଳମଣି ବରାଳଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି କହିଛନ୍ତି ଧର୍ମେନ୍ଦ୍ର । ଏପରିକି ଓଡିଶା ସରକାରଙ୍କ ▶▶ପୃଷ୍ଠା ୭

## ସୁପ୍ରିମକୋର୍ଟରେ ପହଞ୍ଚିଲା ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗ



ନୂଆଦିଲ୍ଲୀ,୦୬/୦୧: ପଞ୍ଜାବ ଫିରୋଜପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁରକ୍ଷାରେ ତ୍ରୁଟି ଘଟଣାକୁ ନେଇ ତେଜୁଛି ବିବାଦ । ଏହାରି ଭିତରେ ରାଷ୍ଟ୍ରପତି ରାମନାଥ କୋବିନ୍ଦକୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି ମୋଦୀ । ରାଷ୍ଟ୍ରପତି ମଧ୍ୟ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । କ୍ୟାବିନେଟ ସୁରକ୍ଷା କମିଟି ବୈଠକରେ ମଧ୍ୟ ଏହି ପ୍ରସଙ୍ଗରେ ଆଲୋଚନା ହୋଇଛି । ଆଉ ପଞ୍ଜାବ ସରକାରଙ୍କ ଆଭିମୁଖ୍ୟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ମାମଲା ପହଞ୍ଚିଛି । ଲୟର୍ସ ଭଏସ ନାମକ ସଂସ୍ଥା କୋର୍ଟରେ ପିଟିସନ ଦାଖଲ କରି ଶୁଣାଣି ପାଇଁ ନିବେଦନ କରିଛି । ଶୁକ୍ରବାର ଏହାର ଶୁଣାଣି ହେବ ବୋଲି ସୂଚନା ରହିଛି । ତେବେ ଆଗକୁ ପଞ୍ଜାବରେ ବିଧାନସଭା ନିର୍ବାଚନ ରହିଛି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ବିଚ୍ୟୁତି ଘଟଣାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେପି ଏବଂ କଂଗ୍ରେସ । ଆଉ ପଞ୍ଜାବରେ କଂଗ୍ରେସ ଏବେ ଏହି ପ୍ରସଙ୍ଗରେ ଏକ ଘରିକିଆ ହୋଇଥିବା ବେଳେ ବିଜେପି, ଆମ୍ ଆଦମୀ ପାର୍ଟି ଏହି ପ୍ରସଙ୍ଗରେ ଚନ୍ନି ସରକାର ଉପରେ ପ୍ରଶ୍ନ ଉଠାଇଛନ୍ତି । ଯେଉଁ କୃଷି ଆନ୍ଦୋଳନକୁ ନେଇ କେନ୍ଦ୍ର ସରକାର ଅଡୁଆରେ ଥିଲେ । ଏବେ ସମାନ ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାସ୍ତା ଅବରୋଧ କରିଥିଲେ ବୋଲି ଜଣାପଡିଛି । ସବୁଠୁ ବଡ କଥା ହେଲା ଭାରତୀୟ କିଷାନ ୟୁନିଅନ୍ ଏଥିପାଇଁ ନିଜକୁ ଦାୟୀ କରିଛି । ଆଉ ରାଜ୍ୟ ପୁଲିସର ସୂଚନା ଆଧାରରେ ସେମାନେ ରାସ୍ତା ଜାମ କରିଥିଲେ ବୋଲି କହିଛନ୍ତି । ଅନ୍ୟପଟେ ମୋଦୀଙ୍କ ରାଲି ବାତିଲ ପ୍ରସଙ୍ଗରେ ବିଜେପି ଏବଂ କଂଗ୍ରେସ ନେତା ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରିଛନ୍ତି । ଆଉ ବିଜେପି ସାରାଦେଶରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଛି । ପଞ୍ଜାବ ବିଧାନସଭା ନିର୍ବାଚନ ବେଳେ କଂଗ୍ରେସ ଚାଷୀ ପ୍ରସଙ୍ଗ ଉଠାଇ ବିଜେପି ବିରୋଧରେ ବଡ ପ୍ରସଙ୍ଗ କରିଥାନ୍ତା । ହେଲେ ଫିରୋଜପୁର ଘଟଣା କଂଗ୍ରେସକୁ ବ୍ୟାକଫୁଟକୁ ଠେଲି ଦେଇଛି । ଅନ୍ୟପଟେ ଏହି ପ୍ରସଙ୍ଗରେ ଏକ କମିଟି ଗଠନ କରି ତିନି ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ।


Azadi Ka Amrit Mahotsav



ଓଡ଼ିଶାରେ
ରେଳ ସଂଯୋଗର ସୁଦୃଢୀକରଣ ଉଦ୍ଦେଶ୍ୟରେ
ଆଉ ଏକ ସୋପାନ

ଭଦ୍ରକରୁ ବାଲେଶ୍ୱର ପର୍ଯ୍ୟନ୍ତ 08411 ଭଦ୍ରକ - ଭୁବନେଶ୍ୱର ଏକ୍ସପ୍ରେସ ସ୍ପେଶାଲ ସେବା ସଂପ୍ରସାରଣର ଶୁଭାରମ୍ଭ
(ବାଲେଶ୍ୱର ଷ୍ଟେସନଠାରେ ଅପରାହ୍ନ 12.30 ଘଟିକା ସମୟରେ)

ବାଲେଶ୍ୱର ଓ ଗୋପୀନାଥପୁର ମଧ୍ୟରେ
ଯାତ୍ରୀ ସେବା ପ୍ରଚଳନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ
(ନୀଳଗିରିଠାରେ ଅପରାହ୍ନ 01.30 ଘଟିକା ସମୟରେ)

ବସ୍ତା ଷ୍ଟେସନର ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ
(ବସ୍ତା ଷ୍ଟେସନଠାରେ ଅପରାହ୍ନ 03.45 ଘଟିକା ସମୟରେ)

ଜଳେଶ୍ୱର ଷ୍ଟେସନରେ ନୂତନ ଷ୍ଟେସନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ
(ଜଳେଶ୍ୱର ଷ୍ଟେସନଠାରେ ଅପରାହ୍ନ 04.30 ଘଟିକା ସମୟରେ)

ଉପକାର

- ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହ ବାଲେଶ୍ୱର ର ଉତ୍ତମ ସଂଯୋଗ ।
- ବାଲେଶ୍ୱର ଓ ପାର୍ଶ୍ୱବର୍ତ୍ତି ଭିତିରି ଅଂଚଳ ଯଥା ଗୋପୀନାଥପୁର, ଧୋବସିଲା, କୁଲଡିହା, ବିମ୍ପୁରିଆ ଇତ୍ୟାଦି ପାଇଁ ରେଳ ନେଟୱର୍କର ସଂପ୍ରସାରଣ, ଯାହା ଦ୍ୱାରା ଏହି ଅଂଚଳର ଯାତ୍ରୀମାନେ ପ୍ରମୁଖ ଷ୍ଟେସନ ଯଥା ବାଲେଶ୍ୱର ଓ ଭଦ୍ରକ ଆଡ଼କୁ ଯାତ୍ରା କରିପାରିବେ ।
- ବସ୍ତାଠାରେ ଷ୍ଟେସନ ଭବନର ବିକାଶ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ସ୍ଥାପନ ଦ୍ୱାରା ନିକଟବର୍ତ୍ତି ଗ୍ରାମ ଯଥା ଅଗରଡା, ଆଖୁଆରି, ବଡ଼ବଜାର, ଭରଦା ଇତ୍ୟାଦିର ଯାତ୍ରୀମାନେ ଉପକୃତ ହୋଇପାରିବେ ।
- ଜଳେଶ୍ୱରରେ ନୂଆ ଷ୍ଟେସନ ଭବନ ସହିତ ଅତ୍ୟାଧୁନିକ ବ୍ୟବସ୍ଥା ଓ ବିଶ୍ୱଶ୍ରେଣୀୟ ଯାତ୍ରୀ ସୁବିଧା ଦ୍ୱାରା ସମଗ୍ର ଜଳେଶ୍ୱର ଟାଉନ ସହ ନିକଟବର୍ତ୍ତି ଗ୍ରାମ ଯଥା ନନ୍ଦିକା, ଅର୍ଜୁନ କଲ୍ୟାଣପୁର,ବିଗଜୁଡ ଇତ୍ୟାଦିର ଯାତ୍ରୀମାନେ ଉପକୃତ ହୋଇ ପାରିବେ । ଦକ୍ଷିଣ ଭାରତ ଓ ପୁରୀ ସହିତ ସଂଯୋଗକାରୀ ପ୍ରମୁଖ ଟ୍ରେନ ଏହି ଷ୍ଟେସନରେ ସୂଚୀ ଅନୁସାରେ ରହଣୀ କରିବ ।

ଅଶ୍ୱିନୀ ବୈଷ୍ଣବ
ରେଲୱେ, ସଂଚାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ମନ୍ତ୍ରୀ, ଭାରତ ସରକାରଙ୍କ
ଦ୍ୱାରା ସଂପାଦିତ ହେବ

ସଦୟ ଉପସ୍ଥିତି
ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ

ସମ୍ମାନିତ ଅତିଥି
ସ୍ୱରୂପ କୁମାର ଦାସ, ବିଧାୟକ — ବାଲେଶ୍ୱର ଠାରେ
ସୁକାନ୍ତ କୁମାର ନାୟକ, ବିଧାୟକ — ନୀଳଗିରି ଠାରେ
ନିତ୍ୟାନନ୍ଦ ସାହୁ, ବିଧାୟକ — ବସ୍ତା ଠାରେ
ଅଶ୍ୱିନି କୁମାର ପାତ୍ର, ବିଧାୟକ — ଜଳେଶ୍ୱର ଠାରେ

ତାରିଖ: 07 ଜାନୁଆରୀ 2022

follow us on:
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବାରତ
PR- 536

# ଖଡ଼ିଆଳ ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ

ନୂଆପଡ଼ା,୬/୧ (ନି.ପ୍ର): ନୂଆପଡା ଜିଲ୍ଲାକୁ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ କରାଯାଉଥିବା ବେଳେ ଅନେକ ପର୍ଯ୍ୟଟନ କେନ୍ଦ୍ର ଏବେବି ସ୍ଥାନୀତ ହୋଇପାରିନାହିଁ। ଦୀର୍ଘ ବର୍ଷ ପରେ ମଧ ପର୍ଯ୍ୟଟନର ଉନ୍ନତିକରଣ କରାଯାଇ ପାରିନାହିଁ । ଜିଲ୍ଲାର ପ୍ରମୁଖ ସହର ଖଡିଆଳ ଠାରେ ଅନେକ ପର୍ଯ୍ୟଟନ କେନ୍ଦ୍ର ରହିଅଛି । ଓଡିଶାର ୧୩୭ ବର୍ଷର ପ୍ରଥମ ସାହିତ୍ୟ ସମିତି, ଓଡିଶାର ପ୍ରଥମ ସ୍ଥାୟୀ ରଙ୍ଗ ମଂଚ, ଖଡିଆଳ ସହର ମଧ୍ୟରେ କଳା ଓ ସ୍ଥାପତ୍ୟ ୧୫୦ ବର୍ଷ ପୁରଣା ଦରବାର ହଲ୍, ଖଡିଆଳ ଠାରୁ ୧୦ କିଲୋମିଟର ଦୂରତା ଯୋଗୀମଠ ଅବସ୍ଥିତ । ମାନବ ସମାଜର ଭାଷାର ଉଦଭାବନ ପୂର୍ବରୁ ନିଜ ଭାବନାକୁ ଚିତ୍ର ମାଧମରେ ଆଙ୍କି ଥିବା ଗୁମ୍ଫା ଶୀଳାଲିପି ଏବେବି ମୂକସାକ୍ଷୁ ରୂପେ ସେଠାରେ ଦଣ୍ଡାୟମାନ । ଏହି ସବୁ ପର୍ଯ୍ୟଟନ କେନ୍ଦ୍ରକୁ ଓଡିଶା ମାନଚିତ୍ରରେ ସ୍ଥାନିତ କରାଯାଇନଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଅଭାବ କାରଣରୁ ଧ୍ୱଂସ ହେବାରେ ଲାଗିଛି । ଓଡିଶା ସରକାର ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଏହାର ରକ୍ଷଣାବେକ୍ଷଣରେ ଗୁରୁତ୍ୱ ଦେଲେ ଉପାନ୍ତ ନୂଆପଡା ଜିଲ୍ଲାର ପର୍ଯ୍ୟଟନରେ ଉନ୍ନତି ହେବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରିବ ।

# ରାସ୍ତା ଓ ପାନୀୟ ଜଳ ଯୋଗାଣ ନେଇ ପ୍ରଶାସନ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର ,୬/୧ (ନି.ପ୍ର): ଜୟପୁର ଉପ ଜିଲାପାଳ ଙ୍କ ନିକଟରେ ରାସ୍ତା ଓ ପାନୀୟ ଜଳ ଯୋଗାଣ ନେଇ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ସମାଜସେବି ବି ହରି ରାଓ ଙ୍କ ନେତୃତ୍ୱରେ ବୋରିଗୁମ୍ମା ବ୍ଲକର ରାବିଡିପଦର ଗ୍ରାମବାସୀ ମାନେ ଦ୍ୱାରସ୍ଥ ହୋଇ ଉପ ଜିଲାପାଳ ବେଦବର ପ୍ରଧାନଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ବୋରିଗୁମ୍ମା ବ୍ଲକର ଚମ୍ପାପଦର ଠାରୁ ରାବିଡିପଦର ଗ୍ରାମ ଯାଏ ରାସ୍ତା ଅତି ଶୋଚନିୟ ଅବସ୍ଥାରେ ରହିଛି । ଉକ୍ତ ରାସ୍ତାରେ ବାଇକ ଚଳା ଚଳା ମଧ୍ୟ ସମ୍ଭବ ହେଉ ନାହିଁ । କୈଣସି ଗ୍ରାମବାସୀ ରୋଗାକ୍ରାନ୍ତ ହେଲେ ଆମ୍ବୁଲାନ୍ସ ମଧ ଗ୍ରାମକୁ ଯାଇ ପାରୁ ନାହିଁ । ରୋଗିକୁ ଖଟରେ ବସି ଆଣିବାକୁ ପଡୁଛି । ଏହା ସହ ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ ରହିଛି । ଗ୍ରାମବାସୀ ମାନେ ଝରଣା ପାଣିକୁ ପାନୀୟ ରୁପେ ବ୍ୟବହାର କରୁଛନ୍ତି । ତେଣୁ ପ୍ରଶାସନ କୁ ଗ୍ରାମବାମାନେ ଦ୍ୱାରସ୍ଥ ହୋଇ ରାସ୍ତା ଓ ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇ ଅନୁରୋଧ କରିଛନ୍ତି । ଏହି ଦାବି ପତ୍ର ନକଲ କୋରାପୁଟ ଜିଲାପାଳ, ବୋରିଗୁମ୍ମା ବିଡିଓଙ୍କୁ ପ୍ରଦାନ କରାଯାଇଛି ।

# କୋରାପୁଟ ଜିଲ୍ଲା ଇଂଟର କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ

ଜୟପୁର,୬/୧ (ନି.ପ୍ର): ଜୟପୁର ଦଶହରା ପଡିଆ ଠାରେ କୋରାପୁଟ ଜିଲ୍ଲା ଇଂଟର କ୍ଲବ କ୍ରିକେଟ ଟୁର୍ଣା ମେଂଟର ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ଯୋଜନା ବୋର୍ଡ ଅଧକ୍ଷ ଇଶ୍ୱର ପାଣିଗ୍ରାହୀ, ପ୍ରକାଶ ମହାନ୍ତି, ବି.ବାଲଙ୍କି ରାଓ , ଅନୁପ କୁମାର ପାତ୍ର, ବାବୁଲା ରାଉତ ଓ ରବି ନାୟକ ଉପସ୍ଥିତ ଥିଲେ । ଆଜିର ମ୍ୟାଚରେ ଗ୍ରୀନ ଦଳ ଓ ଅରେଂଜ ଦଳ ମଧରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଅରେଂଜ ଦଳ ଟସ ଜିତି ବେଟିଂ କରିଥିଲେ । ଅରେଂଜ ଦଳ ୬ଟି ୱିକେଟ ହରାଇ ୩୭୪ ରନ ସଂଗ୍ରହ କରିଥିବା ବେଳେ ଗ୍ରୀନ ଦଳ ୫୦ ଓଭରରେ ୮ଟି ୱିକେଟ ହରାଇ ୨୯୬ରନ ସଂଗ୍ରହ କରିଥିଲେ । ଏଥିରେ ଅରେଂଜ ଦଳ ବିଜୟ ଲାଭ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ଅରେଂଜ ଦଳର ଚିନ୍ମୟ ପଣ୍ଡାଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ମ୍ୟାଚରେ ଅମ୍ପାୟର ଭାବେ ବିରେନ ମହାନ୍ତି ଓ ଅମିତ ଉପସ୍ଥିତ ଥିଲେ । ଏହି ଖେଳକୁ ୱାଇ ପ୍ରସାଦ, ଉପେନ୍ଦ୍ର ମହାରଣା, ପି.ରମେଶ ପାତ୍ର, ବାବୁ ରାୟ, ବାପି ପରିଡା, ବଳରାମ ପାଣିଗ୍ରାହୀ ଓ ତାରିଣୀ ପାଣିଗ୍ରାହୀ ପରିଚାଳନା କରିଥିଲେ ।

# କେନ୍ଦ୍ରାପଡା କଲେଜ ଯୁବ ରେଡକ୍ରସ ପକ୍ଷରୁ କ୍ଲଷ୍ଟର ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୬/୧ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ କ୍ଲଷ୍ଟର ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ଼ଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିବିରରେ କେନ୍ଦ୍ରାପଡା ଜିଲ୍ଲାର ୧୨ଟି ମହାବିଦ୍ୟାଳୟର ୯୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟାମାନେ ଯୋଗ ଦେଇଥିଲେ। ଗତ ୨ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ତିନି ଧରି ଚାଲିଥିବା ବେଳେ ଶିବିରର ବିଭିନ୍ନ ଦିବସରେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଅଗ୍ନି ନିର୍ବାପନ, ସଡକ ନିରାପତା, ଏଡସ୍ ର ଭୟାବହତା, ତ୍ୱରିତ ସେବା ପ୍ରଭୃତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା। ଏହି ଶିବିରରେ କଲେଜ ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଉପସ୍ଥିତ ଥିବା ବେଳେ ଯୁବ ରେଡକ୍ରସର ଜିଲ୍ଲା ଆବାହକ ପ୍ରାଧାପକ ଅଶୋକ କୁମାର ଦାସ ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରାଧାପକ ତପନ କୁମାର ପତି, ଡ଼ଃ. ଜ୍ଞାନୀନ୍ଦ୍ର ଦାଶ, ଡ଼ଃ. ଗୌର ପ୍ରସାଦ ଷଡଙ୍ଗୀ, ରଞ୍ଜିତ କୁମାର ଦାସ, ଡ଼ଃ. ପ୍ରଭାକର ମଲ୍ଲିକ, ରମାନାଥ ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଐତିହାସିକ ରାଣୀପୁର ଝରିଆଲ ଭିତ୍ତିଭୂମି ଉନ୍ନତି ପାଇଁ ୨୦ ଲକ୍ଷ ଅନୁଦାନ ଦେଲେ ରାଜ୍ୟ ସରକାର

ବଲାଙ୍ଗିର,୬/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଜିଲ୍ଲାର ସର୍ବ ପୁରାତନ ଐତିହ୍ୟ ସମ୍ପନ୍ନ ରାଣୀପୁର ଝରିଆଲ ପାଇଁ ଓଡିଶା ସରକାର ପର୍ଯ୍ୟଟନ ବିଭାଗ ଭିତିଭୂମି ଉନ୍ନୟନ ପାଇଁ ଅନୁଦାନ ମଞ୍ଜୁର କରିଥିବାରୁ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଟୁରିଷ୍ଟ ଅଫିସର ରବୀନ୍ଦ୍ର କୁମାର ଦଳାଇ ସ୍ଥିତି ଅନୁଧାନ କରିବା ପାଇଁ ଯୋଗିନୀପିଠ ରାଣୀପୁର ଝରିଆଲରେ ପହଂଚିଥିଲେ । ଏଥିପାଇଁ ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣି ସୁନାନି, ବଙ୍ଗୋମୁଣ୍ଡା ବିଡିଓ ରିପୁନାଥ ସୁନା, ବ୍ଲକ ଏସିଷ୍ଟାଂଟ ଇଞ୍ଜିନିୟର ନରେଶ ପ୍ରସାଦ ସିହ୍ନା, ଟୁରିଷ୍ଟ ଅଫିସ ର କିରାଣୀ ନିଳାଚଂଳ ଦୀପ ପ୍ରମୁଖ ପହଂଚି ସ୍ଥିତି ଅନୁଧାନ କରିବା ସହ ମନ୍ଦିର କମିଟି ସହ ଆଲୋଚନା କରିଥିଲେ । ତେବେ ବର୍ତମାନ ରାଣୀପୁର ଝରିଆଲ ମନ୍ଦିର ସମୁହ ଆର୍କିଓଲୋଜି ଅଫ ଇଣ୍ଡିଆ ବିଭାଗ ଅଧିନକୁ ଯାଇଥିବାରୁ ଓଡିଶା ଟୁରିଜିମ ଅଧିନରେ ଥିବା ଜମି ଉପରେ ହିଁ ଭିତିଭୂମି ଉନ୍ନୟନ କରାଯିବା ପାଇଁ ଆଲୋଚନା ହୋଇଥିଲା । ଯାହା ଫଳରେ ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାମ ଆରାମରେ ହୋଇପାରିବ ବୋଲି ସମାଜସେବୀ ଅନିଲ କୁମାର ତ୍ରିପାଠୀ ମତ ରଖିଥିଲେ । ପ୍ରକାଶ ଥାଉକି, ୨୦୧୯ ଜାନୁଆରୀ ୧୫ ତାରିଖ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଗସ୍ତରେ ଆସିଥିବା ସମୟରେ ଏହି ପିଠର ବିକାଶ ପାଇଁ ଘୋଷଣା କରିଥିଲେ । ତେବେ ଅଦ୍ୟାବଧି କେବଳ ୪ ଟି ଚେୟାର, ସୋମେଶ୍ୱର ମହାଦେବ ମନ୍ଦିରରେ ଏକ କେମିକାଲ ପ୍ରଲେପ, ବିନା ବିଦ୍ୟୁତ କନେକ୍ସନ ହୋଇଥିବା ଲାଇଟ ବ୍ୟବସ୍ଥା ଛଡା ଆଉ କିଛି କାମ ବର୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ଅନୁଦାନରେ ହୋଇନାହିଁ । ଏପଟେ ସିନ୍ଧେକେଲା ଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଆସିଥିବା ସମୟରେ ରାଜ୍ୟ ସରକାରଙ୍କ ଫୋକସରେ ରାଣୀପୁର ଝରିଆଲ ଥିବା ମନ୍ତ୍ରୀ ସୁଶାନ୍ତ ସିଂହ ଗଣମାଧ୍ୟମକୁ କହିଥିଲେ । ପରେ ୨୨ ସେପ୍ଟେମ୍ବର ୨୦୨୧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଲାଙ୍ଗୀର ଗସ୍ତ ସମୟରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ଏହି ପିଠର ବିକାଶ ପାଇଁ ମଂଚ ଉପରେ ନିଜ ଅଭିଭାଷଣ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ । ତେବେ ବିଳମ୍ବରେ ହେଲେ ମଧ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ୨୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ଯୋଗୁଁ ଏହି ଟଙ୍କାର ସୁବିନିଯୋଗ କେମିତି ହୋଇପାରିବ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର କମିଟିର ସଭାପତି ମାଣିକ ଚନ୍ଦ ଜୈନ, ବଙ୍ଗୋମୁଣ୍ଡା ବ୍ଲକ ସରପଚଂ ସଂଘ ସଭାପତି ଉପେନ୍ଦ୍ର ମେହେର, ଝରିଆଲ ସରପଞ୍ଚଙ୍କ ପ୍ରତିନିଧି ଗୋପୀନାଥ ସାହୁ, ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ, କ୍ଷୀରସିନ୍ଧୁ ଭୋଇ, ମଞ୍ଜେସ ମେହେର, ସନ୍ୟାସୀ ଭୋଇ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଜିଲ୍ଲା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ସାନମହେଶ୍ୱର ବଣିକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ନୂଆପଡ଼ା,୬/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ବଣିକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷସାନମହେଶ୍ୱର ଛକଠାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଚୋରୀର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ସେନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ କେମିତି ବଣିକ ସଂଘ ସୁରକ୍ଷିତ ରହିପାରିବେ ତାହାଉପରେ ଆଲୋଚନା କରାଯାଇଥିଲା ଏବଂ କମ ସମୟ ଭିତରେ ସାନମହେଶ୍ୱର ଛକ ନିକଟରେ ସିସିଟିଭି ସାଙ୍ଗକୁ ୩୫୩ ଜାତୀୟ ରାଜପଥରେ କେମିତି ଲାଇଟ ର ସୁ ବ୍ୟବସ୍ଥା ହେଇପାରିବ ସେନେଇ ବଣିକ ସଂଘ ଆଲୋଚନା କରିଥିଲେ । ଏହି କାର୍ଯ୍ୟକାରିଣୀ ବୈଠକରେ ପ୍ରବୀଣ କୁମାର ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଭାପତିଙ୍କ ସଭାପତିତ୍ୱରେ ସର୍ବ ସମ୍ମତିକ୍ରମେ କମିଟି ଗଠନ ହୋଇ ସଭାପତି ଭାବରେ ଦେବରାଜ ଶବରଙ୍କୁ ଚୟନ କରିଥିବା ବେଳେ ଉପ ସଭାପତି ଭରତ ନାଗ କୁ ଦାୟିତ୍ୱ ଦିଆଯାଇଥିଲା କ୍ଷ ସମ୍ପାଦକ ଭାବରେ ପୂର୍ଣ୍ଣ ଚନ୍ଦ୍ର ହରିଜନ ଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ସରାଫ ଙ୍କୁଦାୟିତ୍ୱଦିଆଯାଇଥିଲା ଏବଂ କୋଷଦକ୍ଷ ଭାବରେ ଚୈତନ୍ୟ ଶବର ଙ୍କୁ ଦାୟିତ୍ୱ ଦିଆଯାଇଛି।

# କୃଷି ବିଜ୍ଞାନ କେନ୍ଦ୍ରରେ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କେନ୍ଦ୍ରାପଡ଼ା,୬/୧ (ନି.ପ୍ର): କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ସଂପ୍ରସାରଣ ଅଧିକାରୀ ପ୍ରଫେସର ପ୍ରସନ୍ନଜିତ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଆଟାରୀ କଲିକତାର ବିରଷ୍ଠ ବୈଜ୍ଞାନିକ ଡ଼ଃ କଲ୍ୟାଣ ସୁନ୍ଦର ଦାସ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର, ଓୟୁଏଟି ଭୁବନେଶ୍ୱର ସଂପ୍ରସାରଣ ବିଭାଗର ଉପ ନିର୍ଦ୍ଦେଶକ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର ବିଗତ ବର୍ଷର କାର୍ଯ୍ୟକ୍ରମର ଫଳାଫଳର ଉପସ୍ଥାପନ ସହ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖି ପ୍ରଶଂସା କରିବା ସହ ଆଗାମୀ ୨୦୨୨-୨୩ ମସିହା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏଥିରେ ମହିଳା ଚାଷୀ ମାନଙ୍କୁ ଛତୁଚାଷ ସଂପର୍କରେ ତାଲିମ ପ୍ରଦାନ କରିବା ସହିତ ସମସ୍ତ ପ୍ରକାର ସୁବିଧା ସହଯୋଗ ଯୋଗାଇ ଥିବାରୁ ବରିଷ୍ଠ ଅଧିକାରୀ ମାନେ ପ୍ରଶଂସା କରିଥିଲେ। ଝୋଟଚାଷର ଉତ୍ପାଦନ ଓ ଚାହିଦା ବୃଦ୍ଧି ସହିତ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି ବୋଲି ଅଧିକାରୀ ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି ବୈଠକରେ ଜିଲ୍ଲା କୃଷି ଅଧିକାରୀ ଶୀବ ପ୍ରସାଦ ମଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ତ୍ରିଲୋଚନ ଦାସ, ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ଼ଃ କନ୍ଦ ଜେନା, ଏଲଡିଏମ୍ ମଳୟ କୁମାର ମିତ୍ର, ନାର୍ବାଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ, ଗଣେଶ ଚନ୍ଦ୍ର ବେହେରା, ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ ଅଶୋକ କୁମାର ସାମଲଙ୍କ ସହ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଆଗୁଆ ମହିଳା ଚାଷୀ ସୁଜାତା ନାୟକ, ନିରୋଜ ନଳିନୀ ସାମଲ, ପବିତ୍ର ନାୟକ, ମୁକେଶ ଧଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ କୃଷି ବିଜ୍ଞାନ କେନ୍ଦ୍ରରେ ସମାଚାର ପତ୍ରିକା ତୁଳସୀ, ସଂପ୍ରସାରଣ ପୁସ୍ତିକା ଚିନାବାଦାମ ଚାଷ, ମାଛ ଯାଆଁଳ ଉତ୍ପାଦନ ଓ ସଘନ ମାଛ ଚାଷ ଉନ୍ମୋଚନ ହୋଇଥିଲା ।

# ପଚାଂୟତ ନିର୍ବାଚନରେ ପୂର୍ବଭଳି ସଂରକ୍ଷଣ ବ୍ୟବସ୍ଥା ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ବଲାଙ୍ଗିର,୬/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଓବିସି ମଂଚ ପକ୍ଷରୁ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବା ସଙ୍ଗେ ସଙ୍ଗେ ପୂର୍ବଭଳି ଆଗାମୀ ପଚାଂୟତ ନିର୍ବାଚନରେ ପଛୁଆବର୍ଗ ପାଇଁ ସଂରକ୍ଷିତ ଆସନ ମୁତାବକ ବ୍ୟବସ୍ଥାରେ ନିର୍ବାଚନ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଆନ୍ଦୋଳନକାରୀମାନେ ଦୀର୍ଘ ସମୟ ଧରି ରାଜରାସ୍ତାକୁ ଅବରୋଧ କରିବା ସଙ୍ଗେ ସଙ୍ଗେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବୀପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ୨୪ ଡିସେମ୍ବର ୨୦୨୧ ରେ ହାଇକୋର୍ଟର ଆଳରେ ପଚାଂୟତ ନିର୍ବାଚନରେ ଓବିସି ସଂରକ୍ଷଣକୁ ବାତିଲ୍ କରିଛନ୍ତି । ମଣ୍ଡଳ କମିଶନ ଦେଶରେ ଓବିସି ୫୨ ଭାଗ ଓଡ଼ିଶାର ୨୦୦ ଟି ଜାତି ସହିତ ଅଣ ଓବିସି ୯ ଟି କୁ ମିଶାଇ ଏସସିବିସିଙ୍କ ସଂଖ୍ୟା ୫୫ ଭାଗ ପାଇଁ ୧୯୯୪ ମସିହାରୁ ରାଜ୍ୟ ସରକାରଙ୍କ ସଂରକ୍ଷଣ ପାଇ ଆସୁଛନ୍ତି । ୨୦୧୭ ରୁ ୫ ବର୍ଷ ଭିତରେ ଓବିସି ପାଇଁ କୌଣସି ବିକାଶମୂଳକ ପଦକ୍ଷେପ ନେଇ ନଥିଲେ ହେଁ ଚଳିତ ପଚାଂୟତ ନିର୍ବାଚନରେ ଶୂନ୍ୟ କରିଦେଲେ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ପରିତାପର ବିଷୟ । ଚାକିରୀ କ୍ଷେତ୍ରରେ ଓବିସିକୁ ସଂରକ୍ଷଣ ବ୍ୟବସ୍ଥା ନାହିଁ, ଯାହାକି ବିଡ଼ମ୍ବନାର ବିଷୟ ।

୨୦୧୯-୨୦ ରେ କୃଷି ବିଭାଗର ସରକାରୀ ତଥ୍ୟ ମୁତାବକ, ଧାନର ଉତ୍ପାଦନ ମୂଲ୍ୟ କ୍ୱିଂଟାଲ ପିଛା ୨୪୦୩ ଟଙ୍କା ହେଉଥିବା ବେଳେ ୨୦୧୯ ରେ ୧୮୧୫ ଏବେ କ୍ୱିଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୮୬୮ ମାତ୍ର । ଅର୍ଥାତ୍ ସରକାର ଚାଷୀ ଠାରୁ ୫୩୫ ଶୋଷଣ ମୂଲ୍ୟ ଧାର୍ଯ୍ୟ କରିଛନ୍ତି । ଫଳରେ ଚାଷୀ ( ଓବିସି ) ର ମେରୁଦଣ୍ଡ ଭାଙ୍ଗି ଯାଉଛି । ଉକ୍ତ ତଥ୍ୟ ଅନୁସାରେ ଓବିସିଙ୍କୁ ଶିକ୍ଷାରୁ, ସମ୍ପତିରୁ ଏବଂ ଅଧୁନା ପଚାଂୟତରାଜ ନିର୍ବାଚନରୁ ବେଦଖଲ କରିବା ସରକାରଙ୍କର ନିରନ୍ତର ଷଡ଼ଯନ୍ତ୍ର ବୋଲି ସେମାନେ ଅଭିଯୋଗ କରିଛନ୍ତି । ପୁନଶ୍ଚ ଓବିସି ଜନଗଣନା ନକରିବା, ସେମାନଙ୍କ ଉପରେ ୫୦ ଭାଗ ସିଲିଂ ଲଦି ଓବିସି ଡାଟା ନଥିବା ଦର୍ଶାଇ ସେମାନଙ୍କ କୋଟା କାଟି ଦେବା ଯୁକ୍ତି ସଙ୍ଗତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସରକାର ଏହା ଉପରେ ପୁନର୍ବାର ବିଚାର କରି ପଚାଂୟତରେ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରନ୍ତୁ, ସଂରକ୍ଷଣ ନ ହେବା ପର୍ଯ୍ୟନ୍ତ ନିର୍ବାଚନ ସ୍ଥଗିତ ରଖାଯାଉ, ସର୍ବୋପରି ଓବିସି ଜନଗଣନା ସେମାନଙ୍କ ମୂଳ ଦାବୀ ବୋଲି ମଂଚର ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ।

ଜିଲ୍ଲା ଓବିସି ମଂଚର ସଭାପତି ଶଙ୍କର କୁମାର ପାତ୍ର, ସମ୍ପାଦକ ପ୍ରାଦେଶି ବିଶ୍ୱାଳ, ଜତି ପଧାନ, ମଧୁସୂଦନ ଖେତି, କୃଷ୍ଣଚନ୍ଦ୍ର ବନଛୋର, ହିମାଂଶୁ ଶେଖର ବେହେରା, ରାଧାକୃଷ୍ଣ ମେହେର, ଲୋକନାଥ ପାତ୍ର, ସରୋଜ ବିଶ୍ୱାଳ, ଗୌରୀ ଶଙ୍କର ଖମାରି, ବନମାଳୀ ନାଇକ, ରାହାସ ବିହାରୀ ମାଝୀ, ମନୋଜ ହାତୀ, ବଜରଙ୍ଗ ଅମାତ, ସରୋଜ ମେସବା, ଗୌରଚନ୍ଦ୍ର ରାଜ ପାଳିଆ, ହରିଶଙ୍କର ସାହୁ ପ୍ରମୁଖ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ ।

# ମାଲକାନଗିରି ମା' ଘରର ଅସ୍ଥାୟୀ କମିଟି ଗଠନ

ମାଲକାନଗିରି,୬/୧ (ନି.ପ୍ର): ଜିଲ୍ଲା ସଦର ମହକୁମାଠାରେ ମା ଘର ଫାଉଣ୍ଡେସନ୍ ଭୁବନେଶ୍ୱର ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମା ଘର ରାଜ୍ୟ ଅଧକ୍ଷା ସମାଜସେବୀ , ଆଇନଜୀବି ରତ୍ନପୂର୍ଣ୍ଣ ମହାନ୍ତିଙ୍କ ସହ ମା ଘର ଟ୍ରଷ୍ଟି ଅଞ୍ଜଳି ଦାସ , କୋରାପୁଟ ମା ଘର ଅଧକ୍ଷା ପ୍ରଭାତି ରାଉତ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ । ପୂର୍ବରୁ ମାଲକାନଗିରି ଜିଲ୍ଲାରେ ଗଠନ ହୋଇଥିବା ମା ଘର ଶାନ୍ତି ସେନା ଜିଲ୍ଲା କମିଟିକୁ ସଂପୂର୍ଣ୍ଣ ଭାଙ୍ଗି ଦିଆଯାଇ ନୂତନ ଅସ୍ଥାୟୀ କମିଟି ଗଠନ କରାଯାଇ ତାଙ୍କ ଉପରେ ମା ଘରର ସମସ୍ତ ଦାୟୀତ୍ୱ ଅର୍ପଣ କରାଗଲା । ପୂର୍ବତନ ମାଲକାନଗିରି ସଭାନେତ୍ରୀ ପ୍ରଶାନ୍ତି ବିଶୋଇ , ସଂପାଦିକା ଦୁଲାଲ ଅଣ୍ଡର ଓ ଅନ୍ୟ ସଦସ୍ୟମାନଙ୍କୁ ମା ଘର ନିତୀ ଆଦର୍ଶ ବିରୁଦ୍ଧରେ କାମ କରି ମା ଘର ସୁରକ୍ଷା ସେନା ନାଁ ରେ ଆଉ ଏକ ସଂଗଠନ ତିଆରି କରି ମା ଘର ଅନ୍ୟ ସଦସ୍ୟା ଓ ଶୁଭେଚ୍ଛୁମାନଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟର କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ମା ଘର ମୁଖ୍ୟ କାର୍ଯ୍ୟଳୟ ତରଫରୁ ଏକ ନୋଟିସ୍ ଜାରି କରାଯିବା ସହ ତାଙ୍କ ପ୍ରାଥମିକ ସଦସ୍ୟତାକୁ ରଦ୍ଦ କରାଯାଇଛି । ଜିଲ୍ଲାରେ ଥିବା ଅନ୍ୟ ସମସ୍ତ ମା ଘର ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛିଯେ ମାଲକାନଗିରି ଜିଲ୍ଲା ପାଇଁ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାନେତ୍ରି ଅଞ୍ଜୁ କୁଲ ଦୀପ୍ ଓ ସଂପାଦିକା ରୀନା ମାଢୀଙ୍କୁ ଯୋଗାଯୋଗ କରି ତାଙ୍କ ମା ଘର ପରିଚୟ ପତ୍ର ନମ୍ବର ରେଜିଷ୍ଟ୍ରେସନ କରନ୍ତୁ । ନଚେତ ଆସନ୍ତା ମାସ ସୁଦ୍ଧା ସେ ପରିଚୟ ପତ୍ରଗୁଡିକୁ ବେଆଇନ୍ ଘୋଷିତ କରାଯାଇ ଥାନାରେ ଲିଖିତ ଭାବେ ଦେଇଦିଆଯିବ ।ଆଜି ଠାରୁ ପ୍ରଶାନ୍ତିଲତା ବିଶୋଇ ଓ ଦୁଲାଲ ଅଣ୍ଡର ତଥା ତାଙ୍କ ସାଥିମାନେ ମା ଘର ନାମରେ ବ୍ୟବହାର କରୁଥିବା ସମସ୍ତ ନପତ୍ର, ପରିଚୟ ପତ୍ର , ରସିଦ୍ ବହୀ ଖାତା ଇତ୍ୟାଦି ବେଆଇନ୍ ଅଟେ । ଏହା ଦ୍ୱାରା ଯଦି କେହି ଠକାମିର ଶିକାର ହୁଏ ତେବେ ଏହା ପାଇଁ ମା ଘର ରାଜ୍ୟ ଅଫିସ ଦାୟୀ ନୁହେଁ । ଏ ବାବଦରେ ରାଜ୍ୟ ଅଧକ୍ଷା ଜିଲ୍ଲା ପ୍ରଶାସନକୁ ଚିଠି ଲେଖି ଜଣାଇ ଦେବେ ବୋଲି ସୂଚନା ଦେଇଛନ୍ତି । ଆଗାମୀ ଦିନରେ ମା ଘର ଶାନ୍ତି ସେନା କାର୍ଯ୍ୟକୁ ଆହୁରୀ ଜୋରଦାର କରିବା ପାଇଁ ଏକ ନୂତନ କମିଟି ଗଠନ କରାଯାଇ ଏହି କମିଟିରେ ନିମ୍ନମତେ ସଦସ୍ୟାମାନେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ମାଲକାନଗିରି ଜିଲ୍ଲାରେ ହେଉଥିବା ନାରୀ ଓ ଶିଶୁ ନିର୍ଯ୍ୟାତନା ବିରୁଦ୍ଧରେ ମା ଘର ଆଗାମୀ ଦିନରେ ଆହୁରି ଦୃଢ଼ ଭାବେ ସ୍ୱର ଉତୋଳନ କରିବ । ନୂତନ କର୍ମକର୍ତାଙ୍କ ନାମ ୧ . ଅଞ୍ଜୁ କୁଲ ଦିପ୍ (ସଭାନେତ୍ରୀ) ୨ , ରୀନା ମାଢୀ ( ସଂପାଦିକା ) ୩ . ମୁକେ କବାସୀ ( ଉପ – ସଭାନେତ୍ରୀ ) ୪ . ଗାୟତ୍ରୀ ମାଢ଼ କାମୀ ( ସହ – ସଂପାଦିକା ) ୫ , ସୁନିତା ମାଟମ୍ ( କୋଷାଧକ୍ଷ ) ଭାବେ ନୂତନ ସଦସ୍ୟ ନିଯୁକ୍ତ କରାଯାଇଛି।

# ବଢିଲାଣି ଶୀତ - ଖୋଲିଲାଣି ଶୀତବସ୍ତ୍ରର ପସରା

ପୁରୀ,୬/୧ (ନି.ପ୍ର): ଅସମ୍ଭାଳ ଶୀତ । ସଂଧ୍ୟା ହେବା କ୍ଷଣି ମାଡ଼ି ଆସୁଛି ଶୀତ । ଘରୁ ପାଦ କାଢ଼ିବାକୁ ପାଇଁ ଇଚ୍ଛା ହେଉନି । ରାତି ଯେତିକି ବଢୁଛି ଶୀତର ପ୍ରକୋପ ମଧ ସେତିକି ବଢୁଛି । ସ୍ୱେଟର କି କମ୍ବଳ ବିନା ରହିବା ମସ୍କୁଲି ହୋଇପଡ଼ିଛି । ଏସବୁ ଭିତରେ ଜମୁଛି ଶୀତବସ୍ତ୍ର ବେପାର । ଗତ ସପ୍ତାହେ ହେବ ସବୁ ଶୀତବସ୍ତ୍ର ଦୋକାନରେ ଲାଗୁଛି ଗହଳି । ଅକ୍ଟୋବରରୁ ଡ଼ିସେମ୍ବର୧୦ ପର୍ଯ୍ୟନ୍ତ ଏତେଟା ଶୀତ ପଡ଼ିନଥିଲା । ଗତ କିଛିଦିନ ହେବ ପାରଦ ତଳକୁ ଖସିଛି । ପୁରୀ ସହରରେ ଗତ ୫-୬ ଦିନ ହେବ ସର୍ବନିମ୍ନ ତାପମାତ୍ରା ୧୩ ଡ଼ିଗ୍ରୀ ରହିଛି । ଦିନରେ ବେଶୀ ଶୀତ ଲାଗୁନଥିଲେ ମଧ ସଂଧ୍ୟା ୫ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଥଣ୍ଡା ରହୁଛି । ଆଉ ଏଥିରୁ ରକ୍ଷା ପାଇବା ପାଇଁ ବର୍ତମାନ ସକାଳେ ଓ ସନ୍ଧ୍ୟାରେ ଶୀତବସ୍ତ୍ର ଦୋକାନରେ ପ୍ରବଳ ଭିଡ଼ ଜମୁଛି । ମେଡ଼ିକାଲ ଛକ, ବଡ଼ଶଙ୍ଖ, ମାର୍କେଟ ଛକ, ଷ୍ଟେସନ ବଜାର ସବୁଠି ଜମୁଛି ଶୀତବସ୍ତ୍ରର ବିକ୍ରି । ଗୋଟିଏ ଗୋଟିଏ ଦୋକାନରେ ଏକାଥରକେ ୬ରୁ ୭ ଜଣ ଲୋକ ଠିଆ ହୋଇ ଶୀତବସ୍ତ୍ର କିଣୁଥିବା ଦେଖିବାକୁ ମିଳୁଛି । ଦୋକନିଙ୍କ ମନ ବି ଖୁସ୍ । ଶୀତ ଆରମ୍ଭରୁ ବେପାର ମାନ୍ଦା ପଡ଼ିଥିବା ଏବେ ଧୁମ୍ ଜମୁଛି । ନଭେମ୍ବର ମାସରେ ଯାହା ବିକ୍ରି କରିଥିଲେ, ଗତ ସପ୍ତାହେ ଭିତରେ ତା'ଠାରୁ ଅଧିକ ବିକ୍ରି ହୋଇଛି ବୋଲି ବେପାରୀମାନେ କହିଛନ୍ତି । ବଡ଼ଦାଣ୍ଡରେ ପସରା ପକାଇଥିବା ବଙ୍ଗୀୟ ଯୁବକ ମିତ୍ରଭାନୁ କହିଛନ୍ତି, ପୂର୍ବରୁ କାର୍ତିକ ମାସରୁ ଶୀତ ଆରମ୍ଭ ହୋଇଯାଉଥିଲା । ହେଲେ ଏଥର କାର୍ତିକ ସରି ମାର୍ଗଶୀର ଅଧା ହୋଇଥିଲା ପଛେ ଶୀତ ନଥିଲା । ବେପାର ବି ମାନ୍ଦା ଚାଲିଥିଲା । ଲାଗୁଥିଲା ଜିନିଷ ସବୁ ସେମିତି ଗଦା ହୋଇ ରହିବ । କିନ୍ତୁ, ୫-୬ ଦିନ ହେବ ଶୀତ ବଢିଥିବାରୁ ଆମ ବେପାର ବି ବଢିଛି । ପୂର୍ବରୁ ଦିନକୁ ୩ ହଜାରରୁ ୪ ହଜାର ଟଙ୍କାର ଶୀତବସ୍ତ୍ର, ସ୍ୱେଟର, ଜ୍ୟାକେଟ ଆଦି ବିକ୍ରି ହେଉଥିଲା । ଏବେ କିନ୍ତୁ ଦିନକୁ ୧୨-୧୫ ହଜାର ଟଙ୍କାର କାରବାର ହେଉଛି । ସନ୍ଧ୍ୟାରେ ଦୋକାନରେ ଅଧିକ ଭିଡ଼ ଜମୁଛି । ଗ୍ରାହକମାନେ ଅଧିକ ସ୍ୱେଟର, ଜ୍ୟାକେଟ ଓ ବ୍ଲାଙ୍କେଟ କିଣୁଛନ୍ତି । କରୋନା ପାଇଁ ଏଥରକ ବିଶେଷ କିଛି ନୂଆ ଡ଼ିଜାଇନ ଶୀତବସ୍ତ୍ର ଆସିନି । ସବୁବର୍ଷ ଯାହା ଥାଏ ଏଥର ବି ସେସବୁ ରହିଛି । ଝିଅଙ୍କ ପାଇଁ ବିଭିନ୍ନ ପ୍ରକାରର ସ୍ୱେଟର, ଜ୍ୟାକେଟ୍ ହେଡ଼ଫୋନ୍ ଡ଼ିଜାଇନ କ୍ୟାପ ଆସିଛି । ସେହିଭଳି ପୁଅଙ୍କ ଲାଗି ଲେଦର ଜ୍ୟାକେଟ, ଜିନସ୍ ଜ୍ୟାକେଟ, ମଙ୍କି କ୍ୟାପ୍ ଆଦି ରହିଛି । କୁନି ପିଲାଙ୍କ ପାଇଁ ମଧ ବିଭିନ୍ନ କାର୍ଟୁନ ଡ଼ିଜାଇନର ଜ୍ୟାକେଟ ଓ କ୍ୟାପ୍ ରହିଛି । ଡ଼ିଜାଇନକୁ ନେଇ ଦାମ ମଧ ଭିନ୍ନ ଭିନ୍ନ ରହିଛି । ଉଲରେ ତିଆରି ସାଧା ସ୍ୱେଟରର ଦାମ୍ ୪୦୦ରୁ ଆରମ୍ଭ ହୋଇ ୧୦୦୦ଟଙ୍କା ପର୍ଯ୍ୟନ୍ତ ଅଛି । ସେହିପରି ଲେବର କୋର୍ଟର ଦାମ ୧୨୦୦ରୁ ଆରମ୍ଭ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଜ୍ୟାକେଟ୍ ୫ ଶହରୁ ୩ ହଜାର ଟଙ୍କା, ଛୋଟ ପିଲାଙ୍କ ଜ୍ୟାକେଟ୍ ୩ ଶହରୁ ୧୫ ଶହ ଟଙ୍କା, ସାଲ୍ ୩ ଶହରୁ ଆରମ୍ଭ କରି ୪ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ବିଭିନ୍ନ କ୍ୟାପ୍ ର ଦାମ୍ ଡ଼ିଜାଇନ ଅନୁଯାୟୀ ଶହେରୁ ୫୦୦ ଶହ ଟଙ୍କା, ମଙ୍କି କ୍ୟାପ୍ ଶହେରୁ ୨ଶହ ଟଙ୍କା, ସ୍ୱେଟର ସ୍କାର୍ପ ୨ ଶହରୁ ୭ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି।

# ଜୟପୁର ଉପଖଣ୍ଡର ଚୁଡାନ୍ତ ଭୋଟର ତାଲିକା ପ୍ରକାଶ

ଜୟପୁର ,୬/୧ (ନି.ପ୍ର): ଜୟପୁର ଉପ ଜିଲାପାଳ କାର୍ଯ୍ୟଳୟରେ ବୁଧବାର ଜୟପୁର ଓ କୋଟପାଡ ନିବାଚନ ମଣ୍ଡଳିର ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଚଳିତ ଜାନୁଆରୀ ପହିଲା ସୁଦ୍ଧା ୧୮ ବର୍ଷ ହୋଇଥିବା ଭୋଟର ଙ୍କ ତାଲିକା ପ୍ରସ୍ତୁତ ହୋଇଛି । ଏନେଇ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ତାଲିକା ପ୍ରକାଶ କରିଛନ୍ତି । କୋଟପାଡ ୧୪୨ ନିବାଚନ ମଣ୍ଡଳିର ୨୪୩ ଟି ବୁଥରେ ପୁରୁଷ ୯୭ ହଜାର ୭୨୪ ଭୋଟ ରହିଥିବୀ ବେଳେ ମହିଳା ୧ ଲକ୍ଷ ୦୩ ହଜାର ୭୮୩ ଭୋଟ ରହିଛନ୍ତି । ତୃତିୟ ଲିଙ୍ଗ ୧୨ ଜଣ ରହିଥିବ ବେଳେ ମୋଟ ୨ ଲକ୍ଷ ୦୧ ହଜାର ୫୧୯ ଭୋଟର ରହିଛନ୍ତି । ସେହିପରି ଜୟପୁର ୧୪୩ ନିବାଚନ ମଣ୍ଡଳିର ୨୩୫ ବୁଥରେ ୯୯ ହଜାର ୯୬୧ ପୁରୁଷ ଭୋଟର ରହିଥିବା ବେଳେ ମହିଳା ୧ ଲକ୍ଷ ୦୬ ହଜାର ୦୮୧ ଭୋଟର ରହିଛନ୍ତି ।

# ବାମୁଣୀ ଗାଁ ଓ ବୋରିଗୁମ୍ମା ଗଣଦୁଷ୍କର୍ମ ଓ ବୀଭତ୍ସ ହତ୍ୟାକାଣ୍ଡ ଓ ସରକାରଙ୍କ ଅପାରଗତା ବିରୁଦ୍ଧରେ ସିପିଆଇର ଗଣ ବିକ୍ଷୋଭ

ଜୟପୁର,୬/୧ (ନି.ପ୍ର): ଆଜି ଜୟପୁର ବାମୁଣୀ ଗାଁ ରେ ସ୍ୱାମୀ ଓ ପୁତ୍ର ସମ୍ମୁଖରେ ହୋଇଥିବା ଗଣଦୁଷ୍କର୍ମ ଓ ବୋରିଗୁମ୍ମା ରେ ହୋଇଥିବା ଗଣଦୁଷ୍କର୍ମ ଓ ବିଭତ୍ସ ହତ୍ୟାକାଣ୍ଡ ବିରୁଦ୍ଧରେ କ୍ଷୋଭ ପ୍ରକାଶ କରି ସିପିଆଇ ଦଳ ପକ୍ଷରୁ ଜୟପୁର ଏନ୍ ଏଚ୍ - ୨୬ର ଶ୍ରମିକ ଭବନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗଣଦୁଷ୍କର୍ମ ଘଟଣାରେ ଜଡ଼ିତ କ୍ରିମିନାଲ ମାନଙ୍କୁ ତୁରନ୍ତ ଗିରଫ କରିବା ଓ ପିଡିତା ପରିବାର କୁ ସହାୟତା ଯୋଗାଇବା ଦାବି କରାଯାଇଛି । ରାଜ୍ୟ ସରକାର ଙ୍କ ଅପାରଗତା କାରଣରୁ ପୋଲିସ ପ୍ରଶାସନର ବିଫଳତା ଏଭଳି ନାରକୀୟ କାଣ୍ଡ ଭିଆଇବା ପାଇଁ କ୍ରିମିନାଲ ମାନଙ୍କ ମନୋବଳ ବୃଦ୍ଧି ପାଇଛି । ନିର୍ଭୟା କାଣ୍ଡ ପରେ ମହିଳା ମାନଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ଦେବାକୁ ଗଠନ ହୋଇଥିବା ପାଣ୍ଠି ବିନିଯୋଗ କରି ପୋଲିସ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥା କୁ ସୁଦୃଢ କରିବା ଏବଂ ଦୋଷୀ ମାନଙ୍କ ର ଫାଷ୍ଟ ଟ୍ରାକ କୋର୍ଟ ରେ ବିଚାର କରି ଦଣ୍ଡ ଦିଆଯିବା ସହ ଦୃଢ଼ ପଦକ୍ଷେପ ନେଲେ ଏଭଳି ଜଘନ୍ୟ ଅପରାଧୀ ମାନଙ୍କୁ ଜବତ କରି ହେବ । ବାମୁଣୀ ଗାଁ ଘଟଣାର ଗୋଟିଏ କ୍ରିମିନାଲକୁ ଧରିବାରେ ପୋଲିସ ର ସଫଳତା କୁ ସମ୍ମାନ ଦେଉଛୁ , କିନ୍ତୁ ଏତେ ବିଳମ୍ବ କାହିଁକି ହେଲା ସେନେଇ ପ୍ରଶ୍ନ ଉଠୁଛି । ବୋରିଗୁମ୍ମା ରେ ମହିଳା ଙ୍କୁ ଗଣଦୁଷ୍କର୍ମ କରି ବିଭତ୍ସ ଭାବରେ ହତ୍ୟା କରାଯାଇଛି । ଦୋଷୀ କୁ ଶୀଘ୍ର ଧରାଯାଉ ଏବଂ ଫାଷ୍ଟ ଟ୍ରାକ କୋର୍ଟ ରେ ବିଚାର ହୋଇ ଦୋଷୀ ଙ୍କୁ କଠୋର ଦଣ୍ଡ ଦିଆଯାଉ । ଦେଶର କ୍ରାଇମ୍ ରେକର୍ଡ ରେ ଓଡ଼ିଶା ସ୍ଥାନ ପାଇବା ସମସ୍ତ ଙ୍କୁ ଲଜ୍ଜିତ କରୁଛି ଏବଂ ମାକୁ ସମ୍ମାନ ସ୍ଲୋଗାନ ମୂଲ୍ୟ ହୀନ ହୋଇପଡୁଛି ।

# ଲେଖିବା ଆରମ୍ଭ ସମୟରେ ଶିଶୁଙ୍କର ଦ୍ୱନ୍ଦ୍ୱ



ଶିଶୁମାନେ ଯେତେବେଳେ ପ୍ରଥମ କରି ପାଠପଢ଼ା ଆରମ୍ଭ କରିବା ସହିତ ବିଦ୍ୟାଳୟ ଯାଆନ୍ତି, ସେହି ସମୟରେ ସେମାନେ କେଉଁ ହାତରେ ଲେଖିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଥାନ୍ତି ବୋଲି ଏକ ନୂତନ ଗବେଷଣାତ୍ମକ ଅନୁଧ୍ୟାନରୁ ଜଣାପଡିଛି । ଗବେଷକଙ୍କ କହିବାନୁଯାୟୀ, ଶିଶୁର ଶାରୀରିକ ଓ ଶୈକ୍ଷିକ ବିକାଶରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ମନସ୍ତତ୍ତ୍ୱବିତ୍ଙ୍କ ମତରେ ୫ ବର୍ଷ ବୟସ୍କ ୩୦ ପ୍ରତିଶତ ପିଲା ଲେଖିବା ପାଇଁ ବାମ ହାତ କିମ୍ବା ଦକ୍ଷିର ହାତ ବ୍ୟବହାର କରିବେ ତାହା ଜାଣିନଥାନ୍ତି । କେଉଁ ହାତରେ ପେନ୍‌ସିଲ ବା ଚକ୍ ଧରିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଯାଇଥାନ୍ତି ।ଅତୀତ ଅପେକ୍ଷା ଏବେ ପିଲାମାନେ ଧୀରେ ବିକଶିତ ହେଉଥିବା ଗବେଷକ କହିଛନ୍ତି; ଯାହାଫଳରେ କି ବୟସ ବଢିବା ପରେ ମଧ୍ୟ ଆଳୁ ଚୋପା ଛଡାଇବା ଭଳି ସାଧାରଣ କାର୍ଯ୍ୟ ମଧ୍ୟ ଠିକ୍ ଭାବେ କରିପାରିନଥାନ୍ତି ।ତେବେ ଶିଶୁର ମନ୍ଟର ବିକାଶ ପାଇଁ ଅଦିକ ସଚେତନ ପିତାମାତା ଦାୟୀ । ସେମାନେ ଛୁଆଟିକୁ ତଳେ ଗଡିବା ବା ଗୁରୁଣ୍ଡିବାର ସୁଯୋଗ ଯିକେ ମଧ୍ୟ ଦେଇନଥାନ୍ତି ।ଯଦି ଶିଶୁଙ୍କ ମୋଟର ଦକ୍ଷତା ଆପେ ଆପେ ନ ବଢ଼େ, ସେତେବେଳେ ସେମାନଙ୍କ ବାମ-ଦକ୍ଷିଣ ସମନ୍ୱୟ ଦକ୍ଷତା କମିତା, ।ଡୁରହାମ୍ କର୍ଟ୍ରି କାଉନସିଲର ମୁକ୍ୟ ମନସ୍ତତ୍ତ୍ୱବିତ୍ ମ୍ୟାଡେଲିନ୍ ପୋର୍ଟଉଡ୍ ଏହି ଗବେଷଣା କରିଛନ୍ତି । ଶିଶୁଙ୍କ ମାନସିକ ଓ ଶାରୀରିକ ଦକ୍ଷତା ବୃଦ୍ଧି କରିବା ପାଇଁ ପିତାମାତା ସେମାନଙ୍କ ସମ୍ମୁଖରେ ଶିଶୁକୁ ଖେଳାଖେଳି କିମ୍ବା କିଛି ଜିନିଷପତ୍ର ଭଙ୍ଗା ଭଙ୍ଗି କରିବା ସହିତ ଏହାକୁ ଅନୁକରଣ କରିବା ଭଳି ସୁଯୋଗ ସୃଷ୍ଟି କରିବା ଦରକାର । ଯଦି ଶିଶୁଙ୍କୁ ୪ କିମ୍ବା ୫ ବର୍ଷ ବୟସରୁ ପାଠପଢ଼ା ଆରମ୍ଭ କରୁଥାନ୍ତି, ତେବେ ପଢାଇବା ସହିତ ଲେଖିବାର ଅଭ୍ୟାସ କରାନ୍ତୁ । କେଉଁ ହାତରେ କିଭଳି ପେନ୍‌ସିଲ ଅଥବା ଚକ୍ ଖଡି ଧରିବ ସେ ସଂପର୍କରେ ମଦ୍ୟ ଧାରଣା ଦିଅନ୍ତୁ । ପୋର୍ଟଉଡଙ୍କ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ତିନିବର୍ଷ ବୟସ୍କ ୫୭ ପ୍ରତିଶତ ପିଲା ଯେଉଁ କାର୍ଯ୍ୟ କରିବା କ୍ଷମତା ରଖିବା କଥା ତାହା ରଖିପାରନ୍ତି ନାହିଁ । ଅନେକ କ୍ଷେତ୍ରରେ ଏଭଳି ଦକ୍ଷତାହ୍ରାସର କାରେର ଯେଲିଭିଜନ ଦେଖିବା ବୋଲି ମଧ୍ୟ ପୋର୍ଟଉର୍ଡ୍ ଏକ କାରର ସଂପର୍କରେ ସତର୍କ କରାଇ ଦେଇଛନ୍ତି ।

# ଏଠି ବେବି ୱାକର୍ ନିଷିଦ୍ଧ

ଶିଶୁଟିଏ ଚାଲିବା ପାଇଁ କିଛି ଲୋକ ବେବି ୱାକର୍ ବ୍ୟବହାର କରନ୍ତି । ହାଡ଼ ଓ ମାଂସପେଶୀ ବିକାଶରେ ଏହା ହାନିକାରକ ବୋଲି ଅନେକ କହନ୍ତି । କିଛି ମାତାପିତା ଏବେ ବି ବେବି ୱାକର୍ ସାହାଯ୍ୟରେ ସେମାନଙ୍କ ପିଲାକୁ ଚଲାଇବାକୁ ଚେଷ୍ଟା କରୁଛନ୍ତି । ୧୯୯୪ମସିହାରେ ବେବି ୱାକର୍ ଆମେରିକାରେ ଖୁବ୍ ଲୋକପ୍ରିୟ ହୋଇଥିଲା । କଂଜୁମର ପ୍ରଡକ୍ଟସ ସେଫ୍‌ଟି କମିସନ୍ ଘୋଷଣା କଲା, ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟ ଉପକରଣ ଅପେକ୍ଷା ବେବି ୱାକରରୁ ଶାରୀରିକ ଆଘାତ ବେଶି ଲାଗିଥାଏ । ଏଥିରୁ ମୁଣ୍ଡରେ ଆଘାତ, ହାଡ଼ ଭାଙ୍ଗିବ, ଦାନ୍ତ ଭାଙ୍ଗିବା, ଜଳିଯିବା,



ଆଙ୍ଗୁଳି ଭାଙ୍ଗିବା ଏପରିକି ମୃତ୍ୟୁ ମଧ ହୋଇଥାଏ । ପ୍ରାକୃତିକ ଭାବେ ପିଲାର ଦକ୍ଷତା ବୃଦ୍ଧିକୁ ଏହା ରୋକିଥାଏ । ଆଜିର ୱାକର୍ ପୂର୍ବାପେକ୍ଷା ନିରାପଦ ତଥାପି ବିପଦପୂର୍ଣ୍ଣ । ଏହା ଶିଶୁର କୌଣସି ଲାଭ କରେ ନାହିଁ ବୋଲି ବିଶେଷଜ୍ଞଙ୍କ ମତ । ସେଥିପାଇଁ ୨୦୦୪ ମସିହାରେ ବେବି ୱାକର୍‌କୁ କାନାଡ଼ାରେ ନିଷିଦ୍ଧ ଘୋଷଣା କରାଗଲା । ଏହାକୁ ବ୍ୟବହାର କଲେ ୧ ଲକ୍ଷ ପର୍ଯ୍ୟନ୍ତ ଜରିମାନ କିମ୍ବା ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ । କିନ୍ତୁ କିଛି ଦେଶରେ ୭୫ ପ୍ରତିଶତରୁ ଅଧିକ ଶିଶୁ ଏବେ ବି ୱାକର୍ ବ୍ୟବହାର କରୁଛନ୍ତି ଏବଂ ଆହତ ହେଉଛନ୍ତି ।

# ଲୁଣରେ ତିଆରି ରେଷ୍ଟୁରାଣ୍ଟ



ଏ ପୃଥିବୀରେ ପ୍ରତିଦିନ ନୂଆନୂଆ ଘଟଣା ସବୁ ଘଟୁଛି । ଯାହା କାନକୁ ଅଡୁଆ ଶୁଭୁଥିଲେ ବି ବିଶ୍ୱାସ କରିବା ପଡ଼ିବ । ସମୁଦ୍ର ମଧରେ ହୋଟେଲ, ବରଫ ଭିତରେ ହୋଟେଲ ବିଷୟରେ ଜାଣିଛନ୍ତି । ଏବେ ଆସନ୍ତୁ ଜାଣିବା ଲୁଣରେ ତିଆରି ହୋଇଥିବା ଏକ ହୋଟେଲ ବିଷୟରେ । ଦକ୍ଷିଣ ଇରାନର ସିରାଜରେ ନିର୍ମାଣ ହୋଇଛି ଦୁଇ ମହଲା ବିଶିଷ୍ଟ ଲୁଣରେ ତିଆରି ଏହି ହୋଟେଲ, ଯାହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ରେଷ୍ଟୁରାଣ୍ଟରେ ଲୋକମାନେ ବସିବା ପାଇଁ ଫର୍ଣ୍ଣିଚରଠୁ ଆରମ୍ଭ କରି ବିଲ୍ଡିଂ ଏପରିକି କିଚେନ ନିର୍ମଣରେ ମଧ ଲୁଣର ବ୍ୟବହାର ହୋଇଛି । ଇରାନର ଏହି ରେଷ୍ଟୁରାଣ୍ଟରେ ଲୁଣର ବ୍ୟବହାର ଫର୍ଣ୍ଣିଚରରେ କୋଟିଂ ଆକାରରେ କରାଯାଇଛି । ହେଲେ ଏହା ଲୋକଙ୍କ ଖାଦ୍ୟ ଉପରେ ସେମିତି କିଛି ପ୍ରଭାବ ପକାଉନି । ରେଷ୍ଟୁରାଣ୍ଟରେ ଡିଜାଇନ କରିଥିବା ଆର୍କିଟେକଙ୍କ କହିବା କଥା ହେଲା ଫର୍ଣ୍ଣିଚରଗୁଡ଼ିକରେ ଲୁଣ ବ୍ୟବହାର କରାଯାଇଛି ସତ କିନ୍ତୁ ସଂପୂର୍ଣ୍ଣ ଭାବେ ନୁହଁ । କାରଣ ଲୋକଙ୍କ ବସିବାରେ ଅସୁବିଧା ହୋଇଥାନ୍ତା । ଲୁଣର ଗୁମ୍ଫାକୁ ଅନୁକରଣ କରି ଏପରି କରାଯାଇଛି ।

# ଚୁଡ଼ିରେ ଚମକିବେ



ଷ୍ଟେଟମେଣ୍ଟ ଚୁଡ଼ି ପିନ୍ଧନ୍ତୁ । ଗୋଟିଏ ହାତରେ ଷ୍ଟେଟମେଣ୍ଟ ଚୁଡ଼ି ପିନ୍ଧି ଅନ୍ୟ ହାତରେ ଘଣ୍ଟା ପିନ୍ଧିବା ଷ୍ଟାଇଲିଶ୍ ଲୁକ୍ ଦିଏ ।

ବେଳେବେଳେ ଅଧିକ ଚୁଡ଼ି ପିନ୍ଧିଲେ ବି ଭଲଲାଗେ । ଡ୍ରାମାଟିକ୍ ଲୁକ୍ ପାଇଁ ଅଧିକ ପରିମାଣରେ ଚୁଡ଼ି ବେଶୀ ଭଲ ଲାଗିବ । କିନ୍ତୁ ହଁ ଅତ୍ୟଧିକ ଚୁଡ଼ି ପିନ୍ଧିଲେ ଆପଣଙ୍କୁ ଅନକମ୍ଫର୍ଟେବଲ ଲାଗିପାରେ ତେଣୁ ଏଥିପ୍ରତି ଟିକେ ଧ୍ୟାନ ଦିଅନ୍ତୁ ।

ଚୁଡ଼ିର ଆକାର ପ୍ରତି ଧ୍ୟାନ ଦିଅନ୍ତୁ । ଛୋଟ ଆକାରର ଚୁଡ଼ିକୁ ଆପଣ ସେହି ଛୋଟ ଚୁଡ଼ି ସହ ହିଁ ପିନ୍ଧିପାରିବେ ଯଦି ଆପଣ ବଡ଼ ଆକାରର ଚୁଡ଼ି ସହ ପିନ୍ଧିବେ ତେବେ ଏହା ଠିକ୍‌ରେ ମେଳ ଖାଇବନି ।

ତେବେ ହିଁ ସବୁବେଳେ ଅବସର ଏବଂ ଆଉଟ୍‌ଫିଟ୍‌କୁ ଦୃଷ୍ଟିଦେଇ ଚୁଡ଼ି ବାଛନ୍ତୁ ।

ବିଭିନ୍ନ ରଙ୍ଗ ଏବଂ ଡିଜାଇନ୍‌ରେ ଚୁଡ଼ି ଉପଲବ୍ଧ ହେଉଛି । ତେବେ ଚୁଡ଼ିର ଲୋକପ୍ରିୟତା ବଢ଼ାଇଛି ଏହାର ଭେରାଇଟି । ସବୁ ଆଉଟଫିଟ୍‌ରେ ଚୁଡ଼ି ମାନିଥାଏ । କିନ୍ତୁ ଗୋଟିଏ ପର୍ଟିକୁଲାର ଲୁକ୍ ହାସଲ କରିବା ଖୁବ୍ ଚ୍ୟାଲେଞ୍ଜିଙ୍ଗ । ତେବେ କିଛି ଟିପ୍ସ ଅଛି ଯାହାକୁ ଅବଲମ୍ବନ କରି ଆପଣ ଆପଣଙ୍କ ଚୁଡ଼ିରେ ଅଧିକ ଷ୍ଟାଇଲିଶ ଲାଗିପାରିବେ ।

ଗୋଟିଏ ହାତରେ ଚୁଡ଼ି ପିନ୍ଧିପାରିବେ ଏବଂ ଅନ୍ୟ ହାତଟିକୁ ସମ୍ପୂର୍ଣ୍ଣ ଖାଲି ରଖିପାରିବେ । ତେବେ ଯେଉଁମାନେ ଟାଟୁ କରୁଥିବେ ସେମାନେ ଗୋଟିଏ ହାତରେ ଚୂଡ଼ି ପିନ୍ଧିଲେ ବେଶୀ ଭଲ ଲାଗିବେ । ଆର ହାତରେ ଆପଣ ଗୋଟେ ବଡ଼ କଡ଼ା ବା ବ୍ରେସଲେଟ୍ ବି ପିନ୍ଧିପାରିବେ ।

# ଇୟରଫୋନ ସମ୍ପର୍କିତ ତଥ୍ୟ

ଫୋନକୁ ଅଧିକ ସମୟ କାନରେ ଲଗାଇ ଧରିବା ଅପେକ୍ଷା ଗୋଟିଏ ସ୍ଥାନରେ ବସି ଆରାମରେ କାନରେ ଇୟରଫୋନ ଭର୍ତ୍ତି କରି କଥା ହେବା ଅଧିକ ସହଜ ବୋଲି ସଂଖ୍ୟାଧିକ ଲୋକଙ୍କ ମତ । ତେବେ ଇୟରଫୋନ ବ୍ୟବହାର କରୁଥିବା ଲେକେ ଏହାର ସତର୍କତା ସମ୍ପର୍କରେ ଜାଣି ରଖିବା ଉଚିତ ।



- କୌଣସି ତରଳ ପଦାର୍ଥ ଇୟରପୋଡ଼୍‌ରେ ନ ଲାଗିବା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । କାରଣ ଏପରି ଅବସ୍ଥାରେ ଏହାକୁ କାନରେ ଭର୍ତ୍ତି କଲେ କାନ ଖରାପ ହୋଇପାରେ ।
- ସପ୍ତାହକୁ ଅନ୍ତତଃ ଥରୁଟିଏ ଇୟରଫୋନ ପରିଷ୍କାର କରିବା ଉଚିତ ।
- ତୁଳା ସାହାଯ୍ୟରେ ଏହାକୁ ସଫା କରିବା ଭଲ । ଏପରିକି ପୁରୁଣା ଦାନ୍ତଘଷା ବ୍ରଶରେ ମଧ ଇୟରଫୋନ ସଫା କରିହେବ ।
- ଏହାକୁ ସବୁବେଳେ ସଫା ସ୍ଥାନରେ ରଖିବା ସହ ଏକ ଛୋଟ ବାକ୍ସ କିମ୍ବା ପ୍ୟାକଟେରେ ରଖିବା ଉଚିତ ।
- ଅନ୍ୟ କାହାର ଇୟରଫୋନ ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । କାରଣ ଏହା ଦ୍ୱାରା ବିଭିନ୍ନ ପ୍ରକାର ସଂକ୍ରମଣ ବ୍ୟାପିବାର ଭୟ ରହିଛି ।

# ପୋଦିନା ଚାର୍ ଉପଯୋଗିତା



ସ୍ୱାସ୍ଥ୍ୟ ବର୍ଦ୍ଧକ ପୋଦିନା ପତ୍ର ବିଭିନ୍ନ ଭାରତୀୟ ବ୍ୟଞ୍ଜନରେ ବ୍ୟବହୃତି ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ତଥ୍ୟ ଅନୁସାରେ ପ୍ରତ୍ୟହ ସକାଳେ ପୋଦିନା ଚା ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଅମ୍ଳରୋଗୀଙ୍କ ପାଇ ଏହା ଏକ ମହୌଷଧି ହୋଇଥିଲାବେଳେ ଓଜନ ନିୟନ୍ତ୍ରଣରେ ମଧ ଏହା ସହାୟକ । ପେଟର ଚର୍ବି କମ କରିବାକୁ ଚାହୁଁଥିବା ଲୋକେ ପୋଦିନା ଚା ପିଇବା ଉଚିତ । ପୋନିାରେ ଥିବା ମେନ୍ଥଲ, ମେଥୋନ, ମିଥାଇଲ ଆସିଟେଟ ଆଦି ତତ୍ତ୍ୱ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ପୋଦିନା ଚା ପେଟ ସଫା ରଖିବା ସହ ମସ୍ତିଷ୍କକୁ ଶାନ୍ତ ରଖିଥାଏ ବୋଲି ବିଷେଜ୍ଞ ପ୍ରକାଶ କରିଛନ୍ତି ।

# ନିଜକୁ ଫିଟ୍ ରଖନ୍ତୁ



ସବୁବେଳେ ନିଜେ ନିଜକୁ ଫିଟ୍ ମନେ କରିବା ସବୁଠାରୁ ଗରୁତ୍ୱପୂର୍ଣ୍ଣ । କେବେ ବି ନିଜକୁ ଅନ୍ୟ କାହା ସହ ତୁଳନା କରନ୍ତୁନି, ବରଂ ନିଜ ସାମର୍ଥ୍ୟ ଅନୁଯାୟୀ ନିଜେ ଫିଟ୍ ରହିବାକୁ ଚେଷ୍ଟା କରନ୍ତୁ ।

ନୂଆ ହେୟାରଷ୍ଟାଇଲ କରନ୍ତୁ ଏବଂ ନୂଆ ଉପାୟରେ ମେକଅପ୍ ନିଅନ୍ତୁ ଏହାଦ୍ୱାରା ଆପଣଙ୍କ ଲୁକ୍ ଟିକେ ଭିନ୍ନ ଲାଗିବ ଏବଂ ଆପଣ ମଧ ଖୁବ୍ ଆଟ୍ରାକ୍ଟିଭ୍ ଲାଗିବେ । କିନ୍ତୁ ଏଥିପାଇଁ ଆପଣଙ୍କୁ ୧୫ମିନିଟ୍ ଅଧିକ ସମୟ ଦେବାକୁ ପଡ଼ିବ ।

ନିଜକୁ ଯେଉଁଭଳି ପୋଷାକ ଭଲଲାଗୁଛି ତାହା ପିନ୍ଧନ୍ତୁ । କାରଣ, ଯେଉଁଥିରେ ଆପଣ କମ୍ଫର୍ଟ ଅନୁଭବ କରିବେ, ସେଇଥିପାଇଁ ହିଁ ସୁନ୍ଦର ଲାଗିବେ । ଯଦି ଲାଗୁଛି ଯେ, ଆପଣଙ୍କ ପାଖରେ ଆଉ ଭଲ ପୋଷାକ ନାହିଁ ତେବେ ସଙ୍ଗେ ସଙ୍ଗେ ସପିଙ୍ଗ ପାଇଁ ବାହାରି ଯାଆନ୍ତୁ ଯଦି ପାଖରେ ପଇସା ଅଛି ।

ଏକ୍ସରସାଇଜ୍ କରନ୍ତୁ । ଅଧ୍ୟୟନରୁ ଜଣାଯାଇଛି, କମ୍ ସମୟର ୱାର୍କଆଉଟ ବି ମୁଡ୍‌କୁ ଏକଦମ୍ ଠିକ୍ କରିଦେବ । ପ୍ରତିଦିନ ଆପଣ ରିଲାକ୍ସ ଏବଂ ରିଫ୍ରେଶ ଅନୁଭବ କରିବେ ।

# ଘନ କେଶର ରହସ୍ୟ

ଏବେର ସମୟରେ ଯୁବପିଢ଼ିଙ୍କ କେଶ ଛଡ଼ା ଏକ ସାଧାରଣ ସମସ୍ୟା ଭାବେ ଦେଖାଦେଇଛି । ଏହା ପଛରେ ମୁଖ୍ୟ କାଣ ହେଲା ବିଭିନ୍ନ ରସାୟନିକ ତତ୍ତ୍ୱ ଥିବା ଶାମ୍ପୁ ବ୍ୟବହାର କରିବା, ନିୟମିତ ଭାବେ କେଶ ଷ୍ଟ୍ରେଟ୍ ଓ କଲର କରାଇବା । ଘନ କେଶ ପାଇବା ନିମନ୍ତେ ସରଳ ଉପଚାର କରିବାର ଆବଶ୍ୟକତା ରହିଛି ।

୨ଚାମଚ ଆପଲ ସିଡାର ଭିନେଗାରରେ ୨ଚାମଚ ଅଲିଭ ତେଲ ଓ ୩ଅଣ୍ଡା ମିଶାଇ ଫେଣ୍ଟିନେବେ । ଏବେ ସେହି ମିଶ୍ରଣକୁ କେଶମୂଳରେ ଲଗାଇ ଅଢ଼େଇ ଘଣ୍ଟା ପରେ କେଶ ଧୋଇବେ । ସପ୍ତାହକୁ ୨ଥର ଏପରି କଲେ ନିଜେ ଫରକ୍ ଜାଣିପାରିବେ ।

ଶୁଦ୍ଧ ନଡ଼ିଆ ତେଲ, ଅଲିଭ ଓ ବାଦାମ ତେଲ କେଶ ନିମନ୍ତେ ଖବ୍ ଉତ୍ତମ । ସପ୍ତାହରେ ୨ରୁ ୩ଥର ଏହି ତେଲର ମିଶ୍ରଣକୁ କେଶମୂଳରେ ଲଗାଇଲେ କେଶ ଝଡ଼ା ବନ୍ଦ ହୋଇଥାଏ ।

ଓଦା କେଶ ନ ଶୁଖିବା ପର୍ଯ୍ୟନ୍ତ କେଶର ତଉଲିଆ ଘୋଡ଼ାଇ ରଖନ୍ତୁ । ଏହା ମଧ କେଶ ଝଡ଼ାରୁ




ରକ୍ଷା କରେ ।

କେଶର ଘନତ୍ୱ ବଢ଼ାଇବା ପାଇଁ ଅଣ୍ଡା ସପ୍ତାହକୁ ୨ ଥର ଲଗାଇବା ଉପକାରୀ ।

ଅଲିଭ ତେଲ ଓ ଚନ୍ଦନ ତେଲର ମିଶ୍ରଣ ମଧ କେଶ ପାଇଁ ମହୌଷଧି ପରି କାମ କରିଥାଏ ।

# ଫୁଲ ନା ଶୁଆ !



ଥାଇଲାଣ୍ଡରେ ମିଳୁଥିବା ପ୍ୟାରଟ୍ ଫ୍ଲେଭର୍‌ର ବୈଜ୍ଞାନିକ ନାମ ହେଉଛି 'ଇମ୍ପେସନ୍ସ ସ୍ଟେକିନା' । ଏହାକୁ ଥାଇ ଭାଷାରେ 'ଡାର୍କ ନୋକ ଖେବୁ' କୁହାଯାଏ । ଏହି ଫୁଲକୁ ଦେଖିଲେ ଲାଗେ ଯେମିତି କେହି ଗୋଟେ ଛୋଟ ଶୁଆକୁ ସରୁସୂତାରେ ଗଛ ଡାଳରେ ଟାଙ୍ଗି ଦେଇ ଯାଇଛି । କିନ୍ତୁ ଏହି ଫୁଲ ଦେଖିବାକୁ ସୁନ୍ଦର ସିନା ତୀବ୍ର ଦୁର୍ଗନ୍ଧଯୁକ୍ତ । ତେଣୁ କୀଟପତଙ୍ଗ ଏହା ପ୍ରତି ଆକୃଷ୍ଟ ହେବା ପ୍ରାୟ ଦେଖାଯାଏ ନାହିଁ । ଫଳରେ ଫୁଲର ପରାଗ ସଂଗମରେ ବାଧା ଦେଖା ଦେଇଥାଏ । ଏହାକୁ ମଞ୍ଜି ପ୍ରସ୍ତୁତ ହେବା କଷ୍ଟକର ହୋଇପଡେ । ତେଣୁ ଏହି ଗଛ ଏକ ଦୁର୍ଲଭ ପ୍ରଜାତି ହିସାବରେ ଗଣାଯାଏ । କେବଳ ସନ୍ତସନ୍ତିଆ ସ୍ଥାନରେ ଏହି ଗଛ ବଢ଼ିପାରେ । ଏହାର ଉଚ୍ଚତା ମାତ୍ର ଏକ ମିଟର ଭିତରେ ସୀମିତ ରହେ । ଏହାର ମୁଖ୍ୟ ଶାଖା ପ୍ରାୟ ଅଧ ଇଞ୍ଚ ମୋଟା ତଥା ପତ୍ରର ଆକାର ଦୁଇ ରୁ ଅଢ଼େଇ ଇଞ୍ଚ ମଧ୍ୟରେ ହୋଇଥାଏ । ଏହାର ଫୁଲ ଅର୍ଥାତ୍ ପ୍ୟାରଟ ଫ୍ଲାୱାର (ଶୁଆ ଫୁଲ)ର ଆକାର ମାତ୍ର ଦୁଇ ଇଂଚ ।

# ୧୦ କୋଟି ବର୍ଷ ତଳର ବେଙ୍ଗ



ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ୧୦ କୋଟି ବର୍ଷ ପୁରୁଣା ଏକ ବେଙ୍ଗର ଜୀବାଶ୍ମ । ଏହି ଜୀବାଶ୍ମ ବେଙ୍ଗମାନଙ୍କ ସବୁଠାରୁ ପ୍ରଥମ ପ୍ରଜାତି ବୋଲି ବୈଜ୍ଞନିକମାନେ ସୂଚନା ଦେଇଛନ୍ତି । ଏହି ଜିବାଶ୍ମ ଦ୍ୱାରା ପୃଥିବୀରେ ଛଭୟଚରଙ୍କ ସୃଷ୍ଟି ବିଷୟରେ ଅଧକ ତଥ୍ୟ ମିଳିପାରିବ ବୋଲି ଅନୁମାନ କରାଯାଉଛି । ଗଛରୁ ବାହାରୁ ଥିବା ଅଠାରେ ଲାଗିରହିଛି ଏହି ବେଙ୍ଗର ଜୀବାଶ୍ମ, ଯାହା ୧୦ କୋଟି ବର୍ଷ ପୁରୁଣା । ସେତେବେଳର ପାଣିପାଗ ତଥା ପରିବେଶ ବିଷୟରେ ଜାଣିବା ପାଇଁ ମଧ ଏହି ଜୀବାଶ୍ମ ବେଶ୍ ସହାୟକ ହେବ ବୋଲି ଅନୁମାନ କରାଯାଉଛି । ଏହା ପୂର୍ବରୁ ୨.୫ କୋଟି ବର୍ଷ ପୁରୁଣା ବେଙ୍ଗ ବୈଜ୍ୟାନିକମାନେ ଅନୁସନ୍ଧାନ କରିଥିଲେ । କିନ୍ତୁ ସେଥିରୁ ଅଧିକାଂଶ ତଥ୍ୟ ମିଳି କାରି ନଥିଲା । ୧୦ କୋଟି ବର୍ଷ ପୁରୁଣା ବେଙ୍ଗର ଶାରୀରିକ ଗଠନ ଏବେକାର ବେଙ୍ଗ ସହ ବହୁ ସାମଞ୍ଜସ୍ୟ ରହିଥିବା ଦେଖିବାକୁ ମିଳିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭୟଙ୍କର ପରିସ୍ଥିତି...

ଯେଉଁ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଖୁବ୍ ନିକଟରେ ହେବାକୁ ଯାଉଛି, ସେହି ଗୁଡ଼ିକରେ କରୋନା କଟକଣା ପ୍ରାୟତଃ ଅନୁପାଳିତ ହେଉ ନଥିବାରୁ ସେ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ଲାଗି ରହିଛି । ଗୋଆ ଭଳି ରାଜ୍ୟରେ ନବବର୍ଷ ଅବସରରେ ଜନଗହଳି ପାଇଁ ଏବେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇଛି । ଅନ୍ୟ ରାଜ୍ୟଗୁଡ଼ିକର ଅବସ୍ଥା ତଦ୍ରୁପ । ସବୁଠାରୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶରେ ନେତା ଓ କର୍ମୀମାନଙ୍କ ଭିଡ଼ କିଭଳି ଚିନ୍ତାଜନକ ସ୍ଥିତିକୁ ଡାକି ଆଣିଛି, ତାହା ବର୍ଣ୍ଣନାର ବାହାରେ । ସେହିସବୁ ରାଜ୍ୟରେ ଯେଉଁ ଦଳ ଆଗାମୀ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ପାଇବ, ସେହି ଦଳର ପ୍ରାଧାନ୍ୟ ରହିବ । ଏହା ବ୍ୟତୀତ ଉତ୍ତରାଖଣ୍ଡ, ମଣିପୁର ଭଳି ରାଜ୍ୟରେ ଶାସକ ଦଳ ବିଜେପି ଦୁର୍ଗ ରକ୍ଷା ପାଇଁ ଯତ୍ପରୋନାସ୍ତି ଉଦ୍ୟମ କରୁଥିବା ସମୟରେ କଂଗ୍ରେସଶାସିତ ପଂଜାବରେ ଆରମ୍ଭ ହୋଇ ଯାଇଛି କ୍ଷମତା ଲଢ଼େଇ । ସବୁଠି ଭିଡ଼, ସବୁଠି ସଂକ୍ରମଣ ଭୟକୁ ଫୁ । ଏହି ପ୍ରକ୍ରିୟାରେ କି' ଶାସନ କି' ବିପକ୍ଷ ସମସ୍ତେ ସାମିଲ୍ । କ୍ଷମତା ମୋହଠାରୁ ଅଧିକ କ'ଣ ଥାଇପାରେ ! ଗତ କିଛିଦିନ ତଳେ ଉପରୋକ୍ତ ରାଜ୍ୟମାନଙ୍କରେ ବିଧାନସଭା ନିର୍ବାଚନକୁ କିଛିଦିନ ଘୁଞ୍ଚାଇଦେବାକୁ ନ୍ୟାୟପାଳିକା ତରଫରୁ ଦିଆଯାଇଥିବା ପ୍ରସ୍ତାବ ମଧ ସେପରି କାଟୁ କରିଥିବା ପରି ପ୍ରତୀୟମାନ ହୁଏନାହିଁ । ବରଂ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସଫେଇ ଦିଆଯାଇଛି ଯେ ସବୁ ରାଜନୈତିକ ଦଳ ନିର୍ଦ୍ଧାରିତ ସମୟରେ ମତଦାନ ଅନୁଷ୍ଠିତ କରାଇବା ସପକ୍ଷରେ । ମହାରାଷ୍ଟ୍ର, ଦିଲ୍ଲୀଠାରୁ ଆରମ୍ଭ କରି ରାଜସ୍ଥାନ, କେରଳ, ତାମିଲନାଡୁରେ କରୋନା ସଂକ୍ରମଣ ଚକ୍ରବୃଦ୍ଧି ହାରରେ ବଢ଼ି ଚାଲିବାର ପ୍ରମୁଖ କାରଣ ଓମାଇକ୍ରନ୍ ଭାରିଆଣ୍ଟ୍ । ଏହା କରୋନା ସଂକ୍ରମଣକୁ ବଢ଼ାଇବାରେ କ୍ଷୀପ୍ର ଅଣୁ ଘଟକ ରୂପେ କାର୍ଯ୍ୟ କରୁଛି । ସେହି ପରିପ୍ରେକ୍ଷୀରେ ନିର୍ଦ୍ଧାରିତ ଅବଧି ଭିତରେ ବିଧାନସଭା ଓ ଓଡ଼ିଶା ଭଳି ରାଜ୍ୟରେ ଭୋଟ୍ ସାରିଦେବା ପାଇଁ ନିର୍ବାଚନ କମିଶନ ଅଜ୍ଞାତ କାରଣରୁ ବ୍ୟଗ୍ର ବିକଳ । ତାହାରି ଭିତରେ ଉତ୍ତରପ୍ରଦେଶରେ ବହୁଚର୍ଚ୍ଚିତ ଲକ୍ଷ୍ମୀପୁର ଖେରିରେ ସଂଘଟିତ ଗଣହତ୍ୟା ସମ୍ପର୍କିତ ଚାର୍ଜସିଟ୍ ରାଜ୍ୟ ରାଜନୀତିକୁ ତତାଇ ଦେଇଛି । କରୋନା ଭୟ ଯେତିକି ମାରାତ୍ମକ, ତତୋଧିକ ଭୟଙ୍କର ବାତାବରଣ ଆଣିଦେଇଛି ଲକ୍ଷ୍ମୀପୁର ଖେରି ଗଣହତ୍ୟା । କ୍ଷମତା ରାଜନୀତିର ଖେଳରେ ଆସକ୍ତ ବ୍ୟକ୍ତି କିଭଳି ଆଠ ଜଣଙ୍କୁ ହତ୍ୟା କରି ଦେଇପାରେ, ତାହାର ନଜିର ଦେଖିବାକୁ ମିଳିଛି ସେହି ରାଜ୍ୟରେ । ତିନିମାସ ପରେ ଲକ୍ଷ୍ମୀପୁର ଖେରି ହିଂସା ସଂପର୍କିତ ପାଞ୍ଚହଜାର ପୃଷ୍ଠାର ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି । ସେଥିରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ଟେନିଙ୍କ ପୁତ୍ର ଆଶିଷ ମିଶ୍ରଙ୍କ ନାମ ରହିଛି । ତାଙ୍କ ସମ୍ପର୍କୀୟ ବୀରେନ୍ଦ୍ର କୁମାର ଶୁକ୍ଳାଙ୍କ ନାମ ମଧ ରହିଛି । ଏହି ଘଟଣାରେ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ଜଣେ ସାମ୍ବାଦିକଙ୍କୁ ମିଶାଇ ପାଞ୍ଚଜଣଙ୍କୁ ମାରି ଦିଆଯାଇଥିଲା ଅକ୍ଟୋବର ୩ରେ । ପରେ ତାହାକୁ ନେଇ ତେଜିଥିବା ହିଂସାରେ ଆଉ ତିନିଜଣ ବିଜେପି କର୍ମୀଙ୍କର ମଧ ପ୍ରାଣ ଚାଲିଗଲା । ନରହତ୍ୟା ମାମଲାରେ ମନ୍ତ୍ରୀଙ୍କ ପୁତ୍ର ଓ ଅନ୍ୟ ବାରଜଣ ଏବେ ଜେଲରେ ଅଛନ୍ତି । ଜଘନ୍ୟ କଥା ହେଉଛି କେମିତି ମାମଲାକୁ ହାଲୁକା କରିହେବ, ସେଥିପାଇଁ କୁଆଡ଼େ ଦଫା ବଦଳାଇବା ସକାଶେ ଫନ୍ଦି ହେଇଥିଲା । ଖୋଦ୍ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିଯୁକ୍ତ ତାଲିକାରେ ରଖିବାକୁ ଚାହୁଁଥିବା ପୁଲିସ ଅଜ୍ଞାତ କାରଣବଶତଃ ସେଥିରୁ ଦୂରେଇଗଲା ବୋଲି ସୂଚନା ମିଳିଛି । କୁହାଯାଉଛି, ପୁଲିସ ବିଚାରରେ ଏହା ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ଲକ୍ଷ୍ମୀପୁର ଖେରି ହିଂସା ନେଇ ସଂସଦରେ ବଡ଼ ଧରଣର ହୋ' ହଲ୍ଲା ହୋଇସାରିଛି । ତାହାକୁ ପୁଞ୍ଜି କରି ବିରୋଧୀ ଦଳମାନେ ଉତ୍ତର ପ୍ରଦେଶରେ ଭୋଟ୍ ଫସଲ କାଟିବାକୁ ଚାହୁଁଥିବା କିଛି ବିଚିତ୍ର ଲାଗୁନାହିଁ । ମାତ୍ର ପୁଲିସର ଚାର୍ଜସିଟ୍ ଆଧାରରେ ନ୍ୟାୟାଳୟ ଓ ପ୍ରଶାସନ ଯଦି ସତ୍ୟନିଷ୍ଠ ଭାବେ କାର୍ଯ୍ୟ କରିବ, ତେବେ ଆଶା କରିହେବ ଯେ, ନରହତ୍ୟା ପାପୀମାନେ ଅବଶ୍ୟ ଶାସ୍ତି ଭୋଗିବେ । ଏହି ମାମଲା ସିଧା ସଳଖ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ଟେନିଙ୍କୁ ଅଂଗୁଳି ନିର୍ଦ୍ଦେଶ କରିଥିବାରୁ କେନ୍ଦ୍ର ସରକାରର ଉତ୍ତର ଦାୟିତ୍ୱ ଆସିଯାଉଛି । ତେଣୁ ମାମଲାକୁ ଗମ୍ଭୀରତା ସହକାରେ ନେଇଥିବା ସମ୍ଭବ । ତାହାଛଡ଼ା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଘଟଣାର ବସ୍ତୁନିଷ୍ଠ ଅନୁଧ୍ୟାନ ପୂର୍ବକ ମାମଲାର ସମାଧାନ ନହେଲେ ତାହାର ପ୍ରତିଧ୍ୱନି ନିର୍ବାଚନ ବେଳେ ଶୁଣିବାକୁ ମିଳିବ ବୋଲି ବିଚାରି ପାରନ୍ତି । ଏହି ପୃଷ୍ଠଭୂମିରେ ସାରା ଦେଶର ଦୃଷ୍ଟି ଉତ୍ତର ପ୍ରଦେଶ ଉପରେ ନିବଦ୍ଧ ରହିଛି । କେନ୍ଦ୍ର ଓ ରାଜ୍ୟ ସରକାର ସମଗ୍ର ପ୍ରକରଣର ସମାଧାନ ସହ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ଦେବା ସକାଶେ ପ୍ରୟାସ କରିବା ସମସ୍ତେ ଆଶା କରନ୍ତି । ଅପର ପକ୍ଷେ ଏବେ ଓମାଇକ୍ରନ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାରଙ୍କ ଠାରୁ ଜନତା ସମସ୍ତେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ତେଣୁ ଶୃଙ୍ଖଳିତ ଭାବେ ନିର୍ବାଚନ ଅନୁଷ୍ଠିତ କରାଇବା ଯେତିକି ଆବଶ୍ୟକ, ଓମାଇକ୍ରନ୍ ସଂକ୍ରମଣରୁ ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ମଧ ସେତିକି ଜରୁରି ମନେହୁଏ ।

## ଉଦ୍ଧବ କର

## ବାହୁଡା ଦର୍ଶନ

ବ୍ଲକରୁ ରିଲିଭ ହୋଇ ରାଜସ୍ୱ ବିଭାଗରେ ଯୋଗ ଦେବା ପାଇଁ ଯୁଗ୍ମ ସଚିବଙ୍କୁ ଦେଖା କଲି। ଯୁଗ୍ମ ସଚିବ ମହାଶୟ ମୋ ଯୋଗଦାନ ପତ୍ର ରଖିଲେ ଓ ଜିଲ୍ଲାପାଳଙ୍କ ଭଳି ଆଦେଶ ଦେଲେ ଆପଣ ସଦର ମହକୁମା (ହେଡ୍‌କ୍ୱାଟର) ଛାଡି ଯାଇ ପାରିବେ ନାହିଁ।ମୁଁ ଯୁଗ୍ମ ସଚିବଙ୍କ ଅଫିସରୁ ବାହାରି ବଦଳି ଉପବିଭାଗକୁ ଯାଇ ଉପବିଭାଗ ଅଧିକାରୀ ନନ୍ଦ ବାବୁଙ୍କୁ ଦେଖା କଲି। ସେ ବୁଝାଇ ଦେଲେ ଯୁଗ୍ମ ସଚିବ ବହୁତ କଡା ଲୋକ। ଜଗି ରଖି ଚଳିବେ।

ଉପର ଓଳି ଯୁଗ୍ମ ସଚିବଙ୍କ କୋଠରୀକୁ ଗଲି। ସୋଫାରେ ବସିଲି। ଅଫିସ ସରିଲା ସେ ମହାଶୟ ଘରକୁ ଗଲେ ମୁଁ ମଧ।ଭୁବନେଶ୍ୱର ରେ ଜଣେ ବନ୍ଧୁ କ୍ଷମାକର ପାଖରେ ରହିଲି। ତା ପରଦିନ ଯୁଗ୍ମ ସଚିବଙ୍କ ଆସିବା ପୂର୍ବରୁ ତାଙ୍କ ପ୍ରକୋଷ୍ଠ ରେ ଥିବା ସୋଫାରେ ବସିଥାଏ।ଯୁଗ୍ମ ସଚିବ ଆସିଲେ।ମୋତେ ପଚାରିଲେ ଏଇଠି କଣ ବସିଛନ୍ତି ମୁଁ ଉତ୍ତର ଦେଲି ସାର ହେଡ କ୍ୱାଟର ନ ଛାଡିବାକୁ ଆପଣ ନିର୍ଦ୍ଦେଶ ଦେଇଛନ୍ତି। ଉପବିଭାଗ ରେ କେଉଁଠି ସିଟ ନାହିଁ। ତେଣୁ ଏଇଠି ବସିଛି।

ଏମିତି ୨ ଦିନ କଟିଗଲା। ତୃତୀୟ ଦିନ ଯୁଗ୍ମ ସଚିବ। ୧୦ଟା ବେଳେ ମୋତେ ଦେଖି ବିରକ୍ତ ହେଉଥାନ୍ତି କିନ୍ତୁ କିଛି କହୁପାରୁ ନଥାନ୍ତି। ୨ଟା ରେ ଯୁଗ୍ମ ସଚିବ ଖାଇବାକୁ ଗଲେ। ୪ ଟା ବଳେ ଆସି ଦେଖନ୍ତି ତ ମୁଁ ସେଇ ସୋଫା ରେ ବସିଛି। ସେ ମହାଶୟ ମୋ ପାଖକୁ ଆସିଲେ ନରମ ସ୍ୱରରେ କହିଲେ କର ବାବୁ ନିଯୁକ୍ତି ଡେରି ହେବ ଆପଣ ଏବେ ଘରକୁ ଯାଆନ୍ତୁ ନିଯୁକ୍ତି ହେଲେ ଆପଣଙ୍କୁ ଖବର ଦେବୁ ଦୟାକରି ଆପଣ ଯାଆନ୍ତୁ।

ମୁଁ ଟିକିଏ ଅସ୍ୱସ୍ତି ଲାଭ କଲି। ୩ ଦିନ ଭୁବନେଶ୍ୱର ରେ ରହି ବଡ କଷ୍ଟ ଲାଗୁଥାଏ। ସଙ୍ଗେ ସଙ୍ଗେ ମୁଁ ଘରକୁ ପଳେଇ ଆସିଲି। କେବେ ନିଯୁକ୍ତି ହେବ ମନର ବହୁତ ଚିନ୍ତା ଥାଏ। ନନ୍ଦବାବୁ କହୁଥିଲେ ପ୍ରାୟ ମାସେ ସମୟ ଲାଗିବ। ରଥ ଓ ବାହୁଡ଼ା ପରେ ହୋଇ ପାରେ। ରଥ ଯାତ୍ରା ସରି ଯାଇଥାଏ। ପ୍ରଭୁ ଜଗନ୍ନାଥ ମାଉସୀ ଘରେ ରହୁଥାନ୍ତି।ମୋର ସ୍ତ୍ରୀ ପ୍ରସ୍ତାବ ଦେଲେ ବାହୁଡାରେ ଜଗନ୍ନାଥଙ୍କ ଦର୍ଶନ କରିବା। ଜଗନ୍ନାଥଙ୍କ ପ୍ରଥମ ଦର୍ଶନର ଅନୁଭୂତି ମନେ ପଡିଗଲା। ମୁଁ ରାଜିହେଲି। କିନ୍ତୁ ବାହୁଡା ଦିନ ନୁହେଁ। କାରଣ ପୁରୀରେ କେହି କାହାକୁ ଚିହ୍ନନ୍ତି ନାହିଁ।ମୁଁ କେବେ ପୁରୀ ରେ ଚାକିରୀ କରି ନାହିଁ। ବାହୁଡା ଦିନ ବହୁତ ଭିଡ ହୋଇଥିବ।ଗାଡି କେଉଁଠି ରଖିବା, କେତ ବାଟ ଚାଲିବାକୁ ପଡିବ ଇତ୍ୟାଦି। ବାହୁଡା ପୂର୍ବ ଦିନ ଠାକୁରଙ୍କୁ ଦର୍ଶନ କରିବା ଭଲ।

ମୋର ଭାଇଙ୍କ ପୁରୁଣା ଗାଡି ଟି ମୁଁ ମରାମତ କରି ବ୍ୟବହାର କରୁଥାଏ। ଆମେ ସପରିବାର ଯିବା ପାଇଁ ସ୍ଥିର କଲୁ। ମୋ ଶଶୁର ଓ ଶାଶୁ ମଧ ପୁରୀ ବାହାରିଲେ। କିନ୍ତୁ ଶଶୁର ବଡ ହୁସିଆରୀ ମଣିଷ। ସେ ଖବର କାଗଜ ପଢି କହିଲେ ବାହୁଡା ପୂର୍ବ ଦିନ ୫ ଟା ପୂର୍ବରୁ ଦର୍ଶନ ବନ୍ଦ। ଭକ୍ତଂକ ଭିଡ ଓ ଜଗନ୍ନାଥଙ୍କ ନୀତି କାନ୍ତିକୁ ଦୃଷ୍ଟି ରେ ରଖି ଏଭଳି କରାଯାଇଛି। ତେଣୁ ଆମକୁ ଅତି କମରେ ୫ଟା ପୂର୍ବରୁ ବଡ ଦାଣ୍ଡରେ ପଂହଁଚିବାକୁ ପଡିବ।

ବାହୁଡା ପୂର୍ବଦିନ ଆମେ ସପରିବାର ଶଶୁର ଘରେ ୧୦ଟାରେ ପହଂଚିଲୁ। ଏତେ ବାଟ ମଟର ଗାଡି ଚଳେଇ ଯିବା ପାଇଁ ଜଣେ ଚାଳକକୁ ନେବା ପାଇଁ ସ୍ଥିର କଲୁ। ଶଶୁରଙ୍କ ଗାଁରେ ୨ ବା ୩ ଜଣ ଗାଡିଚାଳକ ଥାନ୍ତି। ସାଧୁଆ ରାଜି ହେଲା ଓ ଘରୁ ପେଣ୍ଟ ସାର୍ଟ ପିନ୍ଧି ଆସିବାକୁ ଗଲା। କାରଣ ଗାଁରେ ସବୁ ଲୋକ ପ୍ରାୟ ଲୁଙ୍ଗି ପିନ୍ଧି ବୁଲୁ ଥାନ୍ତି । କୁଆଡେ ବାହାରକୁ ଗଲେ ପେଣ୍ଟ ସାର୍ଟ ପିନ୍ଧନ୍ତି।ଆମେ ଅପେକ୍ଷା କଲୁ।

ଦିନ ୧୧ ଟା ହେଲା, ବାବୁ ସାଧୁଆ ଆସିଲେ ନାହିଁ। ଯାହା ହେଉ ପୁରୀ ୧୮୦ କିଲୋମିଟର ହେବ । ମୁଁ ନିଜେ ଗାଡି ଚଳେଇ ନେବାକୁ ସ୍ଥିର କଲି। ପାଖାପାଖି ୧୧ଟା ୧୫ ବେଳକୁ ଗାଁରୁ ଆମେ ଛାଡିଲୁ । ୪ଟା ବେଳକୁ ବହୁତ ଭୋକ ହେଲା, ମୋ ପୁଅ ଖାଇବାକୁ କହିଲା। ଯାହାହେଉ ଭୁବନେଶ୍ୱର କଟକ ମଝିରେ ଗୋଟେ ଟାଙ୍କିରୁ ପେଟ୍ରୋଲ ଭରିଲୁ। ପାଖରେ ହୋଟେଲ ଟିଏ ଥିଲା। ହୋଟେଲ ରେ ବସି ଖାଇଲୁ। ଖାଇସାରି ଶୀଘ୍ର ଶୀଘ୍ର ପୁରୀ ଅଭିମୁଖେ ବାହାରି ପଡ଼ିଲୁ। ଯାହା ହେଉ ପୁରୀ ବଡଦାଣ୍ଡରେ ପହଁଚିଲା ବେଳକୁ ସାଢେ ପାଞ୍ଚ ଟା ହୋଇ ଯାଇଥାଏ। ମାଉସୀ ମା ମନ୍ଦିର ଦ୍ୱାର ପାଖରୁ ୩ ଟି ଲମ୍ବା ଧାଡି ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଲାଗିଥାଏ। ଶଶୁର କହିଲେ ଏ ଧାଡିରେ ଠିଆ ହୋଇଲେ ଜଗନ୍ନାଥଙ୍କ ଦର୍ଶନ କରି ସରିଲା ବେଳକୁ ବହୁତ ରାତ୍ରି ହୋଇଯିବ। ଚାଲ ସମୁଦ୍ର କୂଳରେ ବୁଲି କୋଣାର୍କ ବୁଲି ପଳେଇଯିବା। କିନ୍ତୁ ମୁଁ କହିଲି ମୁଁ ମୋର ପରିଚୟ ଦେଇ ଦେଖି ଆସେ। ତା' ପରେ ଯାହା କରିବା।ମୁଁ ମନ୍ଦିର ଦ୍ୱାରରେ ଥିବା ପୋଲିସଙ୍କୁ ମୋର ପରିଚୟ ଦେଇ ଅନୁରୋଧ କଲି। କିନ୍ତୁ ସେମାନେ କେହି ଶୁଣିଲେ ନାହିଁ। କାରଣ ମନ୍ଦିର ଦ୍ୱାରରେ ଗୁର୍ଖା ରେଜିମେଣ୍ଟ ର ପୋଲିସ ଥିଲେ। ସେମାନେ କିଛି ବେନିୟମ କରନ୍ତି ନାହିଁ। ମନ ଦୁଃଖରେ ଫେରି ଆସିଲି। ଶଶୁର କହିଲେ ଜଗନ୍ନାଥ ଦର୍ଶନ ଆଉ ଦରକାର ନାହିଁ। ଚାଲ ଫେରି ଯିବା। କିନ୍ତୁ ମୋ ମନରେ ଧାରଣା ଥାଏ ଯଦି ଜଗନ୍ନାଥଙ୍କ ଦର୍ଶନ ନ ହେବେ ପ୍ରଭୁ ମୋତେ ଏତେ ଦୂରରୁ ଡାକିଲେ କାହିଁକି ?

ହଠାତ ମୁଁ ଦେଖିବାକୁ ପାଇଲି ମୋର ବ୍ଲକ ଅଂଚଳର ଉପ ପୋଲିସ ଅଧିକ୍ଷକ ମୋ ଆଡେ ଆସୁଛନ୍ତି। ମୋ ମନରେ ଆଶାର ସଂଚାର ହେଲେ। ତାଙ୍କୁ ସବୁ କହିଲି। ସେ ବାବୁ ଆମ ସମସ୍ତଙ୍କୁ ମାଉସୀ ମା ମନ୍ଦିର ଭିତରକୁ ନେଇଗଲେ କେବଳ ଶଶୁରଙ୍କୁ ଛାଡି। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ହୋଇଗଲା। ଶାଶୁ ଭୋଗ କରିଲେ, ଆମେ ଫେରି ଆସିଲୁ।ଆସିଲା ବେଳେ ଶଶୁର ଖାଲି କହିଲେ ଯାହାର ମନ ଯେତେ ବଡ ତାହାର ପ୍ରଭୁ ସେତେବଡ।

ମୁଁ କିଛିଦିନ ପରେ କେନ୍ଦ୍ରାପଡାରେ ଯୋଗ ଦେଲି। ସେ ପୋଲିସ ବାବୁ ଦେଖା ହେଲେ। ତାଙ୍କୁ ଧନ୍ୟବାଦ ଦେଲି। ସେ ପଚାରିଲେ କଣ ପାଇଁ ସାର ମୁଁ ସବୁ ପୁରୀ ଦର୍ଶନ କଥା କହିଲି।ସେ କହିଲେ ପୁରୀ ରେ ଏବର୍ଷ ମୋର ଡିଉଟି ପଡିନଥିଲା ।


♥ସ୍ୱତନ୍ତ୍ର ସଚିବ, ଗୃହ ବିଭାଗ

(ମୋ) ୯୪୩୮୪ ୯୫୪୦୨


## ଖାଦ୍ୟ ସୁରକ୍ଷା ଯୋଜନାର ଯୋଜନ ଦୂରରେ ବଞ୍ଚିତ: କ୍ଷୁଧାତୁରଙ୍କ ହାଅନ୍ନ ଚିତ୍କାର!



ପ୍ରଦୋଷ କୁମାର ଦାସ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଫଳରେ ଓଳିଏ ଖାଇଲେ ଓଳିଏ ଖାଡା ଉପବାସରେ ପଡୁଥିବା ଅଭାବୀ ଲୋକଟି ଓ ପରିବାର ସଦସ୍ୟଗଣ ଭାଗ୍ୟକୁ ଆଦରି ଭରା ହୃଦୟରେ ଦୀର୍ଘଶ୍ୱାସ ଛାଡିବା ବ୍ୟତୀତ ଅନ୍ୟ ଗତି ନଥାଏ। ଚୁଲି ଜଳୁନଥିବା ତଥା ଜୀବିକା ସମସ୍ୟା, ଅଭାବରୁ ନିତି ଗୁଜୁରାଣ ମେଣ୍ଟାଇପାରୁନଥିବା ଦୁଃଖି ଅଭାବୀ ଲୋକଟି ସପରିବାର କିପରି ଖାଦ୍ୟାଭାବରୁ କ୍ଷୁଧାତୁର ଲୋକଟି ହାହାକାର ହେଉଥିବା ଘଟଣାଟିର ଦାରୁଣଚିତ୍ର କେବଳ ଅନୁଭବୀହିଁ ସଠିକ୍ ଚିତ୍ରଣ କରିପାରେ। ଅସ୍ୱଚ୍ଛଳ ନିରୀହ ଲୋକଟି ପ୍ରିୟାପ୍ରିତି, ତୋଷଣ, ରାଜନୈତିକ ପକ୍ଷପାତିତାର ଶିକାର ହୋଇ ଯୋଜନ ଦୂରତାରେ ରହିଯାଇଛନ୍ତି। ଯୋଗ୍ୟ ହିତାଧିକାରୀ ହେବା ସତ୍ତ୍ୱେ ସେହି ଅସହାୟ ବୁଭୁକ୍ଷୁ ଜନତାଙ୍କର ହା ଅନ୍ନ ଚିତ୍କାର ଆମ ଜନନେତା, ଜନପ୍ରତିନିଧିମାନଙ୍କ କର୍ଣ୍ଣ ଗହ୍ୱର ଭେଦ କରୁଥିବ କି ନା' ସେହିମାନେ ହିଁ କହିପାରିବେ। ତଞ୍ଚକତା କରି ବହୁ ଥିଳାବାଲା ରାଜନୀତିର ଚାଲ ଖେଳି ଓ ସରକାରୀ ବାବୁ ଓ କୁଜିନେତାଙ୍କୁ ଆର୍ଥିକ ତୋଷଣ କରାଇ ନିଜର ଓ ଜ୍ଞାତି କୁଟୁମ୍ବଙ୍କ ପାଇଁ ରାସନକାର୍ଡ ଖଣ୍ଡିଏ ଖଣ୍ଡିଏ ହାତେଇ ଉକ୍ତ ସରକାରୀ ଯୋଜନାର ସୁବିଧା ହାସଲ କରିଆସୁଥିବା ସମସ୍ତେ ଜାଣନ୍ତି।କାଗଜ କଲମରେ ଅଣଦେଖା ହୋଇ ଆସୁଥିବା ଯୋଗ୍ୟ ହିତାଧିକାରୀ ଅଭାବୀ ବାପୁଡାଟି ଏହି ସରକାରୀ ଯୋଜନାରୁ ବାଦ ପଡୁଥିବା ପ୍ରକାଶ। ଏହାର ପ୍ରତିବାଦ କରିବାକୁ ସେ 'ଯୁ' ମଧ ରଖିନଥାଏ।

ଅନ୍ୟପକ୍ଷରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୂକ୍ତ ହିତାଧିକାରୀଙ୍କୁ ନିଜର ନ୍ୟାର୍ଯ୍ୟ ପିଡିଏସ ସାମଗ୍ରୀ ପ୍ରଦାନରେ ମଧ ବିଭିନ୍ନ ଅନିୟମିତତାର ଶିକାର ହେବାକୁ ପଡିଥାଏ।ହିତାଧିକାରୀଙ୍କୁ ମାସିକ ମୁଣ୍ଡ ପିଛା ମିଳୁଥିବା ଚାଉଳ/ ଗହମ,ଆଦି ରାସନ ସାମଗ୍ରୀ ସମେତ ସବସିଡି କିରୋସିନ ର ସଠିକ ପରିମାଣ, ସଠିକ ଓଜନ ଜନୀତ ହେରାଫେରି ଓ ଠକେଇର ଶିକାର ହୋଇଥାନ୍ତି। ପ୍ରତିବାଦ କଲେ ରାସନ କାର୍ଡ କଟାଇଦେବାର ଧମକ ପାଇ ଗରିବ ହିତାଧିକାରୀଟି ମୁଷ୍ଟିମେୟ ରାସନ ବଣ୍ଟନକାରୀ ଓ ସମର୍ଥକଙ୍କ ପାଖରେ ଚୁପ ରହି ହାର ମାନିଥାଏ।ସରକାରୀ ଯୋଜନାରେ ରାସନକାର୍ଡ ପାଇବାକୁ ଯୋଗ୍ୟ ହିତାଧିକାରୀଟି ଅନେକ କ୍ଷେତ୍ରରେ କୁଜିନେତାଙ୍କୁ ହାତଗୁଂଜା ଦେବାକୁ ବାଧ ହୋଇଥାଏ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ଖାଦ୍ୟ ଅଭାବରୁ କାହାରିକୁ ମରିବାକୁ ଦିଆଯିବ ନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ସମସ୍ତେ ସମ୍ମାନର ସହ ବଞ୍ଚିବାର ହକ ପାଇବେ ବୋଲି ପ୍ରଣୀତ ଭାରତ ସରକାରଙ୍କ ଆଇନକୁ ଦେଶର ରାଷ୍ଟ୍ରପତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀଙ୍କ ଘୋଷଣା ଆମ ଦେଶରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ଏଥିରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ଅଭାବୀ ନାଗରିକ ସମ୍ମାନର ସହ ବଞ୍ଚିବେ ବୋଲି ନୂଆ ଆଶା ଜାଗରିତ ହୋଇଥିଲା। ଉପରୋକ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ସତରେ କଣ ଆମ ଦେଶର ସମସ୍ତ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ନିରପେକ୍ଷତା ଅବଲମ୍ବନ କରାଯାଇଛି କି? ସବୁ ସ୍ତରରେ ଏହାର ନିରପେକ୍ଷ, ମାନବିକତାର ଦୃଷ୍ଟି କୋଣରୁ ବିବେକାନୁମୋଦିତ ଅନୁଶୀଳନ ହେବା ବିଧେୟ।

ଆମ ଓଡିଶା କଥା ବିଚାରକୁ ନେଲେ ଆମ ରାଜ୍ୟରେ ଲୋକ ସଂଖ୍ୟା ୪ କୋଟି ୬୮ ଲକ୍ଷରୁ ଉର୍ଦ୍ଧ୍ୱ। ଆମ ଦେଶର ଜନ ସଂଖ୍ୟା ୧୪୦ କୋଟିରୁ ଉର୍ଦ୍ଧ୍ୱ। ସର୍ବଭାରତୀୟ ସ୍ତରରେ ଆମ ଦେଶରେ ଶତକଡା ୪୬ ଭାଗ ଜନସାଧାରଣ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପ୍ରକାଶ। ଏମଧରେ କରୋନାର ଦୁଇ ଦୁଇଟି ଲହର ଆସିଥିବା ବେଳେ ଏହାର ପ୍ରଭାବରେ କେତେ କେତେ ପରିବାର ଆଖିପିଛୁଳାକେ ଉଜୁଡି ଯାଇଛି। ମାସମାସ ଧରି କରୋନା ସଂକ୍ରମଣ ସମ୍ଭାବନାକୁ ଏଡେଇବାକୁ ଗତ ବର୍ଷାଧିକ କାଳ ଦେଶର ସବୁ କ୍ଷେତ୍ର ଘୋର ପ୍ରଭାବିତ ହୋଇଛି। ଜୀବନ ଜୀବିକା ହରାଇ ଅନେକ ପରିବାର ଛାରଖାର ହୋଇଚାଲିଛନ୍ତି। ଅଭାବ ଓ ଆର୍ଥିକ ସମସ୍ୟାରେ ଯୁଝି ହୋଇ ହତାଶାବୋଧ ସୃଷ୍ଟିରୁ ଅନେକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢିଯାଇଛି। କରୋନା ପ୍ରଭାବରେ ଆର୍ଥିକ ଦୁର୍ଗତିଗ୍ରସ୍ତଙ୍କ କ୍ଷୁଧା ଓ ଆକୁଳତାକୁ ଆମେ ସ୍ୱଚ୍ଛଳବର୍ଗ ନିହାତି ହେଜିବା ଜରୁରୀ।

ସଠିକ ଲୋକ ପାଖରେ ଉପରୋକ୍ତ ଖାଦ୍ୟ ସୁରକ୍ଷା ଯୋଜନା ଯେଭଳି ପହଞ୍ଚିପାରିବ, ଆମର ମାନବୀୟ କର୍ତ୍ତବ୍ୟବୋଧତା ରହିବା ଉଚିତ। ୨୦୨୦ ମାର୍ଚ୍ଚ ମାସରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା କାର୍ଯ୍ୟକାରୀ ହୋଇ କୋଭିଡ ପ୍ରଭାବିତ ଅଭାବୀ, ନିରାଶ୍ରୟ ଜନସାଧାରଣଙ୍କୁ ଉତ୍ସର୍ଗୀତ ହୋଇଛି। ଏଥିରେ ଆମେ ଆମ ଅଂଚଳର ଯୋଗ୍ୟ ଅସହାୟ, ନିଃସହାୟ କୋଭିଡ ପ୍ରଭାବିତଙ୍କୁ ଖୋଜିବାହାର କରି ସେମାନଙ୍କ ପାଖରେ ସରକାରୀ ଜନକଲ୍ୟାଣକାରୀ ଯୋଜନା ପହୁଞ୍ଚାଇବା ନିହାତି ଜରୁରୀ। ଖାଦ୍ୟ ସୁରକ୍ଷା ମାନବିକତା ଦୃଷ୍ଟିକୋଣରୁ ଆମେ ସମସ୍ତେ ସ୍ୱଚ୍ଛଳ ତ୍ୟାଗପୂତ ଭାବେ ଉକ୍ତ ଖାଦ୍ୟ ସୁରକ୍ଷା ଯୋଜନାର ବିହିତ ସୁରକ୍ଷା ନିମିତ୍ତ ଯତ୍ନବାନ ହେବା ବିଧେୟ। ଏହି ସରକାରୀ ଖାଦ୍ୟ ସୁରକ୍ଷା ଯୋଜନାର ଦୁରୁପଯୋଗ କରିବା ଉଚିତ ନୁହେଁ। ନଥିଲାବାଲାର ଅଭାବୀ ମୁହଁରେ ଦାନାଟିଏ ପଡୁ ବୋଲି ସରକାରୀ ଓ ବେସରକାରୀ ସ୍ତରରେ ଯୋଗ୍ୟ ହିତାଧିକାରୀ ଚୟନରେ ଆମେ ସ୍ୱଚ୍ଛଳବର୍ଗ ଆମର ସହଯୋଗର ହାତ ବଢାଇବା ଉଚିତ୍। ରାଜନୀତି ଓ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ ସବୁ ସ୍ୱଚ୍ଛଳବର୍ଗ ସରକାର ଓ ପ୍ରଶାସନ ସହ ପାରସ୍ପରିକ ବୁଝାମଣା ଓ ସହଯୋଗର ହାତ ବଢାଇବା ବିଧେୟ। ସରକାରଙ୍କ ପକ୍ଷରୁ ଦାରିଦ୍ର୍ୟ ସୀମା ରେଖା ତଳେ ରହିଥିବା ଆମ ଦେଶ ତଥା ରାଜ୍ୟର ସମସ୍ତ ଅସହାୟ, ନିଃସହାୟ ପରିବାର ଓ ବ୍ୟକ୍ତିବିଶେଷଙ୍କୁ ପ୍ରତି ତୃଣମୂଳ ସ୍ତରରୁ ଚିହ୍ନଟ ଓ ଏହାର ସଠିକ ମନିଟରିଂ କରାଯିବା ନିହାତି ଆବଶ୍ୟକ। ଏଥିସହ ବିଭାଗୀୟ ସ୍ତରରେ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ ରେ ଯାଇ ନିରପେକ୍ଷ ତନାଘନା ଯୋଗ୍ୟ ହିତାଧିକାରୀ ଚୟନ କରିବାରେ ଦୃଢ ପଦକ୍ଷେପ ନେବା ନିହାତି ଜରୁରୀ। ନିୟମିତ ପ୍ରକ୍ରିୟାରେ ଭୂତ ହିତାଧିକାରୀ, ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକାରୁ ବାଦ ଦେବାକୁ ଦୃଢ ପଦକ୍ଷେପ ନିଆଯାଇ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକା ଅନ୍ତର୍ଭୂକ୍ତ କରିବା ଜରୁରୀ। ଏପରି ହୋଇପାରିଲେ ଏହି ଖାଦ୍ୟ ସୁରକ୍ଷା ଯୋଜନାର ସଫଳ ରୂପାୟନ ହୋଇପାରିବ। ତେବେ ଯାଇ ଆଗାମୀ ଦିନରେ ଖାଦ୍ୟ ଅଭାବରୁ କେହି ଅନ୍ତତଃ କେଉଁଠାରେ ଦୁଃଖଦ ଅନାହାର ମୃତ୍ୟୁ ମୁଖରେ ପଡିବାର ନଜିର ରହିବନାହିଁ। ଖାଦ୍ୟ ସୁରକ୍ଷା ଯୋଜନା ର ସଫଳ ରୂପାୟନ ପାଇଁ ଯୋଜନ ଦୂରରେ ରହିଯାଉଥିବା– ଜନପ୍ରତିନିଧି ଓ ସରକାରୀ ବାବୁ ମାନଙ୍କର କର୍ତ୍ତବ୍ୟ ନିଷ୍ଠା ର ଆବଶ୍ୟକ ରହିଛି। ମାନବିକତା ଦୃଷ୍ଟିରୁ ଅସହାୟ ବୁଭୁକ୍ଷୁର ହା- ଅନ୍ନ– ଚିତ୍କାରକୁ ଆମେ ଏଡାଇ ନଯାଇ ସେମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୂକ୍ତ କରି ବଣ୍ଟନ ବ୍ୟବସ୍ଥା କୁ ସ୍ୱଚ୍ଛ ରଖାଇ ନିଜକୁ ଜଣେ କର୍ତ୍ତବ୍ୟପରାୟଣ ନାଗରିକର ପରିଚୟ ଦେବା ଉଚିତ୍।

ବେଦ ଓ ପୁରାଣ ନିଶୃତ,

'ସର୍ବ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା' ର ପରମ କାରୁଣିକ ବାଣୀରେ ଆମେ ସମସ୍ତେ ଉଦବୁଦ୍ଧ ହୋଇ ଅସହାୟ ପୀଡିତଙ୍କ ପାଇଁ ସ୍ୱାର୍ଥ ତ୍ୟାଗ କରି ମାନବିକତା ପ୍ରକାଶ କରିବା ଜରୁରୀ। ଯେତେବେଳେ ପାରସ୍ପରିକ ଭାବେ ଉଭୟ ସରକାର ଓ ଜନତା (ବିଶେଷକରି ପ୍ରଭାବଶାଳୀ, ସ୍ୱଚ୍ଛଳବର୍ଗ) ସମାଜର ଉନ୍ନତିକଳ୍ପେ ନିର୍ବିବାଦୀୟ, ନିସ୍ୱାର୍ଥ ଭାବେ ଯୋଜନାବଦ୍ଧ ହେବେ, ତାହା ଜନକଲ୍ୟାଣକାରୀ ଯୋଜନାରେ ରୂପାନ୍ତରଣ ହେବ ହିଁ ହେବ । (ସମାପ୍ତ)


♥ସଂପାଦକ:- 'ପରିପ୍ରକାଶ'

ସା/ପୋ:-ନାଟୁଣୀ, ଜିଲ୍ଲା:- ଖୋରଧା-୭୫୨୦୩୪

ମୋ: ୬୩୭୦୪୯୫୯୪୪


କବିତା କୋଣାର୍କ

## ପୁନଶ୍ଚ କାହିଁକି ତମେ



ଶରତ କୁମାର ଦାସ

କ'ଣ ବାକୀ ଅଛି ଯେ ତମେ ଆସିବ
ଆଉ କୋଉ ଶିରୀ ଜକ୍ ଜକ୍ ଦିଶୁଛି ଯେ
ତମେ ଦେଖିବାକୁ ଆସିଛ ଯେ ?

ସମସ୍ତେ ତମକୁ ନୂଆ କହି କୁଣ୍ଢେଇ ଧରନ୍ତି
ଅନେକ କୋଳାହଳର ତାଳେ ତାଳେ
ପୁଣି ସଗର୍ବେ ସ୍ୱାଗତ କରନ୍ତି
କେତେ ତୂରୀଭେରୀ ନାଚଗୀତ
ବାଜାବାଣ ମହୋତ୍ସବ ତମ ପାଇଁ
ଲାଗିରହିଥାଏ ସକାଳରୁ ସଂଜ।

ମାତ୍ର କୁହ ତ ଥରେ ମଥା ଟେକି
ତମଠାରେ କି ନୂଆ ରଙ୍ଗ ଅଛି ଯେ !

କୋହ ଓ ଲୁହର ନିର୍ଜୀବ ଖୋଳପା ଭିତରେ
ତମେ ଏବେ ବି ବନ୍ଦୀ ସତରେ ।

ଆପାଦମସ୍ତକ ତମ ଜରାଜୀର୍ଣ୍ଣ
ଏକ ବିଭତ୍ସ ଅବୟବ ନେଇ
ତମେ କାହିଁକି ପାଦ ଥାପିଛ ଏଠାକୁ ଯେ!

ଛଳନାରେ ବନ୍ଧା ତମ ଶିରାପ୍ରଶିରା
ସକଳ ଅବୟବ
ଲୋକଦେଖାଣିଆ ଭାବ ଓ ଆବେଗର
ଶୂନ୍ୟ ଓ କପୋଳକଳ୍ପିତ ଇସ୍ତାହାର ନେଇ
ବାଟ ଚାଲିବା ଛଡା
ଆଉ ତମ ପାଖରେ ଏମିତି କ'ଣ ଅଛି ଯେ !

ଏଠି ଫୁଲଫଳ ପଶୁପକ୍ଷୀ ଗଛଲତା
ସଭିଙ୍କ ଆଖିରୁ ଝରେ ଅମାନିଆ ଲୁହଧାର
ସବୁରି କଣ୍ଠରୁ ଶୁଭେ ବିଷାଦର ଗୀତ।

ସମୟ ଲଟକିଯାଇଛି କୋଉ ଦୂର ଦିଗନ୍ତରେ
ବସନ୍ତ ମୁଣ୍ଡପିଟି ଚିତ୍କାର କରେ କେଉଁ ଅଦୃଶ୍ୟ
ଆକୀର୍ଣ୍ଣ ଧୂସର ମରୁର ତପ୍ତ ଛାତିରେ ।

ପବନର ପାପୁଲିରେ ରକ୍ତର ଛିଟା
ଜହ୍ନର ଜ୍ୟୋସ୍ନାରେ ଅସରନ୍ତି ବ୍ୟଥା
ବର୍ଷାର ବିଚିତ୍ରା ମଧୁହୀନ ଛନ୍ଦହରା ।

ତେବେ ତମେ ଆସିଲା ପରେ
ଏମିତି କ'ଣ ବଦଳିଗଲା ଯେ !
ନା ବଦଳିଲା ତୂଳୀ ନା ବଦଳିଲା ଛବି
ନା ବଦଳିଲା ରୂପ ନା ବଦଳିଲା ରଙ୍ଗ

କେବଳ ପୁରୁଣା ବଦଳରେ
ନୂଆ କ୍ୟାଲେଣ୍ଡର୍ ଟିଏ କାନ୍ଥରେ ଝୁଲିଲା
ଅସହାୟତାର ପ୍ରଲମ୍ବିତ ପୃଷ୍ଠାସବୁ
ଯୋଡିହୋଇଗଲା ଗୋଟି ଗୋଟି ହୋଇ ପୁନଶ୍ଚ ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ) ୮୨୪୯୧୩୭୦୯୧


## ନିଷ୍ଠୁର ସମୟ



ରଶ୍ମି ସାମଲ

ଶୂନ୍ୟ ଆକାଶକୁ ନିରେଖି
ଚାହିଁଲେ ମନେ ପଡେ
ସେହି ବିଦୀର୍ଣ୍ଣ ମୁହୂର୍ତ ମାନ
ଜାବୁଡି ଧରିଥିଲି ନିଶବ୍ଦ
ରାତ୍ରିର ଆତ୍ମୀୟ ଅନ୍ଧାରକୁ ,
ହୃଦୟରେ ନିରୀହ ଶିଶୁଟି ପରି
ଭୁଲିବାଟା ଏତେ ସହଜ ନ ଥିଲା।

ସମୟ ଟା ବୁଝିଲାନି
ସେ ପୂର୍ଣ୍ଣ ଅପୂର୍ଣ୍ଣ ର ଫଳ
ସ୍ୱପ୍ନର ବାସ୍ତବତାକୁ
କଲାନି ବି ଅପେକ୍ଷା ।

ଉଭାହେଲା ଆସି କାଳବେଳା
କଥା ଗୁଡା ଆଉ ଧରା ଦେଲେ ନାହିଁ
ଖାଲି ଅବିଶ୍ୱାସ ଘୃଣାର ରାଜୁତି
ଭରିଲାନି ଭୋକିଲା ମନଟା
ଚାରିପାଖେ କୁଟୀଳତାର ଷଡଯନ୍ତ୍ର।

ଏ ସମୟର ଅହଂକାର ଦେଖି
ସତ କହୁଛି ଏତେ ସବୁ ଗୁପ୍ତ ଇଚ୍ଛା ମାନଙ୍କୁ
ନରମ ବିଛଣାର ଖୋଳପା
ଭିତରେ ଲୁଚାଇ ରଖିଲି ।

ସେ ଦିନର ସ୍ୱେଚ୍ଛା ସମର୍ପଣର
ଠିକଣା ସବୁ କୁ ସମୟଟା
ନେଇ କୋଉ ଅତଳ ସମୁଦ୍ର
ଗର୍ଭରେ ଫିଙ୍ଗିଦେଲା
ଯାହାର ଚିହ୍ନ ବର୍ଣ୍ଣ ବି ରହିଲାନି।

ସମ୍ପର୍କ ର ସେହି ଧାର ନଈ
ଆମ ଗାଆଁ ଦେଇ ବହିଗଲା
ଜହ୍ନଟା ରୁଷି ଚାଲିଗଲା
ସୂର୍ଯ୍ୟାସ୍ତର ଅନୁପମ ଶୋଭାରେ
ନିଜକୁ ହଜେଇ ଫେରିଗଲା
ସେହି ସମୟ ଟା ଆଗକୁ ଆଗକୁ।

ରହି ଗଲି ପାହାଡ଼ ଓ
ଘଂଚ ଜଗଲର ପଛରେ
ଯେଉଁଠାରେ ଆଉ ପଡିବନି
ସୂର୍ଯ୍ୟର ଚିକ ଚିକ ସୁନେଲି କିରଣ।


♥ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫


## ଏକାନ୍ତରେ ଜୀବନ



ଦିନେଶ ମେହେର

ଏକାନ୍ତରେ କଟେ ନିତି
ଅଭାଗା ଜୀବନ ମୋର
ବନ୍ଧୁ ବନ୍ଧୁ ବୋଲି
ଭାବିଥିଲି ଯାହାଙ୍କୁ
ସବେ ଦେଲେ ଏକା କରି
ସ୍ୱାର୍ଥ ର ଦୁନିଆ
ସ୍ୱାର୍ଥ ଏକା ଶ୍ରେଷ୍ଠ
ପ୍ରମାଣ ଦେଲେ କରି,
ସ୍ୱାର୍ଥ ଯେବେ
ଥିଲା ମୋରି ଠାରେ
ସୁନା ସମ ଦେଉଥିଲେ ସମ୍ମାନ
ସ୍ୱାର୍ଥ ଯେବେ ଗଲା ସରି
ଡ଼ଷ୍ଟବିନ୍ ର ଆବର୍ଜନା ସମ
କଲେ ମତେ ହୀନିମାନ,
ଭାବୁଥିଲି ଯାହାଙ୍କୁ
ଆପଣା ର ଅନ୍ତରଙ୍ଗ
ଦେଇଥିଲି ଯାହାଙ୍କୁ
ଭାଇ ଠୁଁ ଅଧିକ ସମ୍ମାନ,
ଜଳେଇ ଦେଲେ ଜୁଇ ମୋର
ଥାଉ ଥାଉ ମୋ ଜୀବନ।
ବିଧାତା ହେ !
ଏମିତି ବନ୍ଧୁ ଦେଇ
ଜୀବନ ମୋର କଲ ଧନ୍ୟ
ବନ୍ଧୁ ଯାହାଙ୍କୁ ଦେଲ କରି
ବିପଦ ବେଳ ତ ଦୂର ଥାଉ
ସ୍ୱାର୍ଥ ପାଇଁ ପବିତ୍ର ବନ୍ଧନ
ବନ୍ଧୁତା କୁ କଲେ କଳଙ୍କ।
ହେ ବନ୍ଧୁ
ତୁମ ଏ ଆଚରଣେ
ତୁମ ଠାରେ ସବୁ ଦିନେ
ମୁଁ ଋଣୀ।


♥ ପଳାସ କଳାହାଣ୍ଡି
(ମୋ) ୮୦୧୮୮୨୮୪୫୬








## ୨୦୧୯ ପରେ ପ୍ରଥମ ଥର ୧୦୦ କୋଟି ଡଲାର୍ ଆୟ !



ମାତ୍ର ୧୧ ଦିନ ତଳେ ସାରା ବିଶ୍ୱରେ ବଡ଼ପରଦାରେ ମୁକ୍ତିଲାଭ କରିଥିବା 'ସ୍ପାଇଡର-ମ୍ୟାନ୍: ନୋ ୱେ ହୋମ୍' ୨୦୨୧ ମସିହାର ସର୍ବାଧିକ ଆୟକାରୀ ଚଳଚ୍ଚିତ୍ରର ମାନ୍ୟତା ହାସଲ କରିଛି। ଶେଷ ଥର ୨୦୧୯ରେ ମୁକ୍ତିଲାଭ କରିଥିବା 'ଷ୍ଟାର୍‌ୱାରସ: ଦି ରାଇଜ୍ ଅଫ୍ ସ୍କାଇୱାର୍କ' ୧୦୦ କୋଟି ଡଲାର୍ ଆୟର ମାଇଲ୍‌ଖୁଣ୍ଟ ଅତିକ୍ରମ କରିଥିଲା। ଏହା ପରେ ମହାମାରୀ ଆରମ୍ଭ ହୋଇଯିବାରୁ ସିନେମା ପ୍ରେକ୍ଷାଳୟ ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଥିଲା।

ଇତିମଧ୍ୟରେ ଇଣ୍ଟରନେଟ୍‌ରେ ଓଟିଟି ମଞ୍ଚର ବିପୁଳ ପ୍ରସାରଲାଭ ଏକପ୍ରକାର ଆଶଙ୍କା ସୃଷ୍ଟି କରିଥିଲା ଯେ ଦର୍ଶକ ଅଭାବରୁ ପ୍ରେକ୍ଷାଳୟଗୁଡ଼ିକ ସବୁଦିନ ପାଇଁ ବନ୍ଦ ହୋଇଯିବ। ତେବେ 'ସ୍ପାଇଡର-ମ୍ୟାନ୍..' ଏହି ଆଶଙ୍କାକୁ ଭୁଲ୍ ପ୍ରମାଣିତ କରିଛି। ଭାରତୀୟ ପ୍ରେକ୍ଷାଳୟରେ ଏହା ପାଖାପାଖି ୧୭୫ କୋଟି ଟଙ୍କା ଆୟ କରିସାରିଲାଣି। ଏଥିରେ ଟମ୍ ହଲାଣ୍ଡ୍ ସ୍ପାଇଡର-ମ୍ୟାନ୍‌ର ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ଅଭିନେତ୍ରୀ ଜେଣ୍ଡେୟା ତାଙ୍କ ବାନ୍ଧବୀ ଭାବେ ଅଭିନୟ କରିଛନ୍ତି। ଡକ୍ଟର୍ ଷ୍ଟ୍ରେଞ୍ଜ୍‌ଙ୍କ ସମେତ ପୁରୁଣା ସ୍ପାଇଡର-ମ୍ୟାନ୍ ଚଳଚ୍ଚିତ୍ରର ନାୟକ ଓ ଖଳନାୟକମାନେ ଅନ୍ୟତମ ଆକର୍ଷଣୀୟ ଭୂମିକାରେ ବାହାରି ଦର୍ଶକଙ୍କୁ ଚମତ୍କୃତ କରୁଛନ୍ତି।

## ନାଟକ ହିଁ ମୋ ଜୀବନ: ଅକ୍ଷୟ ମହାରଣା



ଅକ୍ଷୟ ମହାରଣା ଓଡ଼ିଶାର ଯାତ୍ରା ଜଗତରେ ଯେଉଁ କଳାକାର ବନ୍ଧୁଗଣ ଖୁବ ସୁନ୍ଦର ଓ ମନଛୁଆଁ ଅଭିନୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଚର୍ଚ୍ଚିତ ଅଭିନେତା ଅକ୍ଷୟ ମହାରଣା ଅନ୍ୟତମ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଂଚାୟତର ରତାଂଗ ଗ୍ରାମରେ ଶ୍ରୀ ମହାରଣା ୧୯୬୯ ମସିହାରେ ଜନ୍ମଗ୍ରହଣ କରନ୍ତି । ତାଙ୍କର ପିତା ଭାଗିରଥି ମହାରଣା ଓ ମାତା ଉମାମଣି ମହାରଣା । ପତ୍ନୀ ଗୀତାରାଣୀ, ପୁତ୍ର ସତ୍ୟନାରାୟଣ, କନ୍ୟା ମମତାଙ୍କୁ ନେଇ ଅକ୍ଷୟଙ୍କ ଦୁଃଖ ସୁଖର ସଂସାର ରଥ ଆଗେଇ ଚାଲିଛି । ଗୁରୁଜୀ ନମସ୍କାର, ହୁସିଆର ବାଘ ମାତିଛି, କେବିନ ନମ୍ବର ୦୦୧, ବାଇଶି ପାହାଚେ କାନ୍ଦୁଛି ଜଗା, ନଈ ସେପାରି ଗାଁ,ବଜା ବଜା ବଜା ବାଇଦ ବଜା,ଭୀଷ୍ମ ପ୍ରତିଜ୍ଞା, ବାବା ଯାଇଛନ୍ତି ଫାଣ୍ଡିକୁ, କାଉ ରାବିଲାଣି କା, ଫଗୁଣ ଦେଇଛି ପହିଲି ଚିଠି ପ୍ରଭୃତି ନାଟକ ରେ ଅକ୍ଷୟ ଖୁବ ସୁନ୍ଦର ଅଭିନୟ କରି ଲକ୍ଷ ଲକ୍ଷ ଦର୍ଶକ ବନ୍ଧୁଙ୍କ ମନ ଜିଣି ପାରିଛନ୍ତି । ରାଜଶ୍ରୀ ଗଣନାଟ୍ୟ, ଗଜପତି ଗଣନାଟ୍ୟ, ଇଷ୍ଟର୍ଣ୍ଣ ଅପେରା, ଆଙ୍କୁଡେଶ୍ୱରୀ ଗଣନାଟ୍ୟ, ରଶ୍ମିରେଖା ଅପେରା, ଜୟ ଦୁର୍ଗା ଅପେରା ପ୍ରଭୃତି ଯାତ୍ରା ସଂସ୍ଥାରେ ଶ୍ରୀ ମହାରଣା ଅଭିନୟ କରିଛନ୍ତି । ସେ ଏକାଧାରରେ କବି, କଳାକାର,ସମାଜସେବୀ, ଚିତ୍ରଶିଳ୍ପୀ, ସଂଗଠକ । ଶ୍ରୀ ମହାରଣା ସୁନ୍ଦର ଅଭିନୟ ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ଯାତ୍ରାଜଗତର ବରିଷ୍ଠ ଅଭିନେତା ଦୈତାରି ପଣ୍ଡା, ଖଗେନ୍ଦ୍ର ବାରିକ, ଲୋକନାଥ ଲେଙ୍କା, ଯଦୁ ପଣ୍ଡା, ଅରୁଣ ମହାନ୍ତି, ରବି ଦାସ, ଦୀନବନ୍ଧୁ ମାଟିଆ, ନିତ୍ୟାନନ୍ଦ ପାତ୍ରୀ, ଗୟାଧର ମଲ୍ଲିକ, ଦେବ ମଲ୍ଲିକ, ସୁରେଶ ପଣ୍ଡା, ମନ୍ଦାକିନି, ଡଳିଭୂୟାଁ, ଲତା ମଣ୍ଡଳ,ବାସୁ ମହାନ୍ତି, ଦେବୀ ରଥ, ବ୍ରଜ ପାଣି, ମଣିଭଦ୍ର ବିଶ୍ୱାଳ ପ୍ରମୁଖ କଳାକାରଙ୍କୁ ଶ୍ରୀ ମହାରଣା ଅଧିକ ପସନ୍ଦ କରନ୍ତି । ଈଶ୍ୱରଙ୍କ କୃପାରୁ ଶ୍ରୀ ମହାରଣାଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ ।

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

## ଲାସ୍ ଭେଗାସ୍ ଯିବେ ରାଜଗାଙ୍ଗପୁରର ବୋହୂ



ରାଜଗାଙ୍ଗପୁର କାଂଶବାହାଲର ବୋହୂ ନବଦୀପ କୌର ଆମେରିକାର ଲାସ ଭେଗାସ୍ ସହରରେ ହେବାକୁ ଥିବା ମିସେସ ୱାର୍ଲଡ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱର ୭୦ ଦେଶର ମିସେସ ସୁନ୍ଦରୀମାନେ ଭାଗ ନେଉଛନ୍ତି। ସେଥିମଧ୍ୟରେ ଭାରତର ନବଦୀପ କୌର ମଧ୍ୟ ଅଛନ୍ତି। ପ୍ରତିଯୋଗିତା ଆସନ୍ତା ବର୍ଷ ଜାନୁଆରୀ ୧୫ ତାରିଖରେ ଲାସ୍ ଭେଗାସରେ ଆୟୋଜିତ ହେବ।

୨୦୨୦ ମସିହାରେ ସେ ମିସେସ ଇଣ୍ଡିଆର ମୁକୁଟ ପିନ୍ଧିଥିଲେ। ଏହି ସଫଳତା ହାସଲ କରି ସେ ରାଜ୍ୟ ଓ ଜିଲ୍ଲା ପାଇଁ ଅନେକ ଗୌରବ ଆଣିଥିଲେ। ଏବେ ସେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ନବଦୀପ। ସୁନ୍ଦରଗଡ଼ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଏଭଳି ପ୍ରତିଭା କିଛି କମ କଥା ନୁହେଁ। ସୁନ୍ଦରଗଡ଼ ଜିଲ୍ଲା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏଭଳି କୀର୍ତ୍ତିମାନ ପାଇଁ ଅନେକ ସମୟରେ ଚର୍ଚ୍ଚାରେ ରହି ଆସୁଅଛି। ୨୧ ବର୍ଷ ପୂର୍ବେ ଭାରତକୁ ଏହି ମୁକୁଟ ମିଳିଥିଲା। ଏହା ପୂର୍ବରୁ ୨୦୦୧ ମସିହାରେ ମହାରାଷ୍ଟ୍ରର ଅଦିତି ଗୋଭିତ୍ରିକର ମିସେସ୍ ୱାର୍ଲ୍ଡ ମୁକୁଟ ପିନ୍ଧିଥିଲେ। ଅଦିତି ମଧ୍ୟ ଏକମାତ୍ର ଭାରତୀୟ ଭାବେ ଏହି ଟାଇଟଲ୍ ଜିତିଛନ୍ତି। ଏଥର ନବଦୀପ ସେହି ୨୧ ବର୍ଷର ଖାଲି ସ୍ଥାନକୁ ପୂରଣ କରିବାକୁ କଠିନ ପରିଶ୍ରମ କରିଆସୁଛନ୍ତି। ସେ କହିଛନ୍ତି, ଏହି ପ୍ରତିଯୋଗିତା ପାଇଁ ମୁଁ ବର୍ଷେ ହେଲା କଠିନ ପରିଶ୍ରମ କରିଆସୁଛି। ମୋ ପାଖରେ ଅନ୍ତର୍ଜାତୀୟ ସ୍ତରର ଟ୍ରେନର ଅଛନ୍ତି। ପୂର୍ବ ମିସେସ୍ ୱାର୍ଲ୍ଡ ବିଜେତା ମୋତେ ଟ୍ରେନିଂ ଦେଉଛନ୍ତି ବୋଲି ସେ କହିଛନ୍ତି। ମୁକୁଟ ସହ ସ୍ୱଦେଶ ଫେରିବା ପାଇଁ ସେ ଦୃଢ ବିଶ୍ୱାସ ରଖିଛନ୍ତି। ପରିବାରରେ ତାଙ୍କ ସ୍ୱାମୀ, ଶାଶୁ ଓ ସମ୍ପର୍କୀୟ ତାଙ୍କୁ ଶୁଭେଚ୍ଛା ସହ ଆଶୀର୍ବାଦ ଦେଇଛନ୍ତି।

## ବାହୁବଳୀ ହିରୋଙ୍କ ଉପରେ ପଡିଲା କରୋନା ଚଡକ



ଜଙ୍ଗଲରେ ନିଆଁ ଲାଗିଲା ଭଳି ଏବେ ଦେଶରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ି ଚାଲିଛି। ମନ୍ତ୍ରୀ, ବିଧାୟକ, ବଡ ବଡ ସେଲେବ୍ରିଟି ମଧ୍ୟ କରୋନାର ବୁଢ଼ିଆଣୀ ଜାଲରେ ପଡିଛନ୍ତି। ଗୋଟିକ ପରେ ଗୋଟିଏ ଫିଲ୍ମ ଉପରେ ମଧ୍ୟ କରୋନା ଗ୍ରହଣ ଲାଗୁଛି। ଫିଲ୍ମ ଆରଆରଆର ପରେ ଏବେ ବହୁବଳୀ ଷ୍ଟାର ପ୍ରଭାସଙ୍କ ଉପରେ କରୋନା ଚଡକ ପଡିଛି। ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅନେକ ରାଜ୍ୟରେ କଡା କଟକଣା ପୁଣି ଲାଗୁ ହୋଇଛି। ସପିଂ ମଲ୍ ଓ ଫିଲ୍ମ ସବୁ ବନ୍ଦ କରାଯାଇଛି। ଏଥିଯୋଗୁଁ ଆଗକୁ ରିଲିଜ ଅପେକ୍ଷାରେ ଥିବା ଫିଲ୍ମଗୁଡିକର ରିଲିଜ ତାରିଖ ଏବେ ଘୁଞ୍ଚାଇବାକୁ ପଡୁଛି। ଏହି ଲିଷ୍ଟରେ ଏବେ ପ୍ରଭାସଙ୍କ ଅପ୍‌କମିଂ ଫିଲ୍ମ 'ରାଧେ ଶ୍ୟାମ୍' ସାମିଲ ହୋଇଛି। ଏହି ଫିଲ୍ମର ରିଲିଜ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏନେଇ ଫିଲ୍ମ ନିର୍ମାତା ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, 'କରୋନା ସ୍ଥିତି ଲାଗି ଆମକୁ ଫିଲ୍ମ 'ରାଧେଶ୍ୟାମ'ର ରିଲିଜକୁ ଘୁଞ୍ଚାଇବାକୁ ପଡୁଛି। ଫ୍ୟାନ୍‌ମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ। ଖୁବଶୀଘ୍ର ସିନେମା ହଲ୍‌ରେ ଦେଖା ହେବ।' ଏହି ଟ୍ୱିଟ୍ ସହ ଫିଲ୍ମ ନିର୍ମାତା ଏକ ଫଟୋକୁ ମଧ୍ୟ ଶେୟାର କରିଛନ୍ତି। ଏହି ଫଟୋରେ ଲେଖା ଅଛି,'ଗତ କିଛି ଦିନ ହେବ ଆମେ ଚେଷ୍ଟା କରୁଥିଲୁ, କିନ୍ତୁ ଓମିକ୍ରନ୍ ଭାରିଏଣ୍ଟ ବୃଦ୍ଧି ପାଉଥିବା ମାମଲାକୁ ଦେଖିଲେ ଏହା ଲଗୁଛି ଯେ ବଡ ପରଦାରେ ଆସିବା ପାଇଁ ଆମକୁ ଅପେକ୍ଷା କରିବାକୁ ପଡିବ। ଏଥିପାଇଁ ଆମେ ନିଶ୍ଚିତ ଆପଣମାନଙ୍କ ଭଲପାଇବା ଏହି କଷ୍ଟ ସମୟରେ ଏକାଠି ଉଠିବାରେ ସାହାଯ୍ୟ କରିବ।' ସୂଚନା ମୁତାବକ, ବହୁବଳୀ ଷ୍ଟାର ପ୍ରଭାସ ଓ ପୂଜା ହେଗଡେ ଷ୍ଟାରର ଏହି ବିଗ୍ ବଜେଟ୍ ଫିଲ୍ମ ଜାନୁଆରୀ ୧୪ରେ ରିଲିଜ ହୋଇଥା'ନ୍ତା। କିନ୍ତୁ ଏବେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ଏହି ଫିଲ୍ମରେ ପ୍ରଭାସଙ୍କୁ ଜଣେ ହସ୍ତ ଜ୍ୟୋତିଷ ଭୂମିକାରେ ଦେଖିବାକୁ ମିଳିବ। ଏଥିସହ ସେ ଏଥିରେ ଆକ୍ସନ ଷ୍ଟାରରୁ ଲଭବର ବଏ ପାଲଟିଛନ୍ତି। ପୂର୍ବରୁ ଏହି ଫିଲ୍ମର ଟ୍ରେଲର ଓ ଗୀତ ରିଲିଜ ହୋଇସାରିଛି, ଯାହାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି।

## ୨୦୨୧ରେ ବି ଦର୍ଶକଙ୍କୁ ନିରାଶ କଲେ ବାବୁସାନ୍



୨୦୨୦ରେ ଦର୍ଶକ ତାଙ୍କର ପ୍ରିୟ ତାରକା ବାବୁସାନଙ୍କୁ କୌଣସି ନୂଆ ସିନେମାରେ ଦେଖିବାକୁ ପାଇ ନଥିଲେ। ହେଲେ ୨୦୨୧ରେ ତାଙ୍କୁ ଅତି କମରେ ଗୋଟିଏ ଛବିରେ ପୁଣି ଦେଖିବାକୁ ପାଇବେ ବୋଲି ଆଶା ରଖିଥିଲେ। କିନ୍ତୁ ଏବର୍ଷ ବି ସମାନ କଥା ଘଟିଲା। ୨୦୨୧ରେ ନିରାଶ ହୋଇଛନ୍ତି ସିନେପ୍ରେମୀ। ୨୦୧୯ରେ ଶେଷ ଥର ଲାଗି ବାବୁସାନଙ୍କୁ ବଡ଼ ପରଦାରେ 'ମିଷ୍ଟର ମଜନୁ' ସିନେମାରେ ଦେଖିବାକୁ ମିଳିଥିଲା। ଏବେ ବାବୁସାନ୍ ଯେଉଁ ସିନେମାରେ ଆସୁଛନ୍ତି, ତାର ଟାଇଟଲ୍ ହେଲା 'ବିଦ୍ୟାରାଣ'। ଏଥିରେ ବାବୁସାନଙ୍କୁ ଦର୍ଶକ ଏହି ସିନେମାରେ ଆକସନ୍ ଅବତାରରେ ଦେଖିବାକୁ ପାଇବେ। ବାବୁସାନଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଶିବାନୀ। ଏତଦବ୍ୟତୀତ ମିହିର ଦାସ, ବବି ମିଶ୍ର ଏବଂ ଯୋଗେଶ ଜୋଜୋ ପ୍ରମୁଖଙ୍କୁ ଦେଖିବାକୁ ମିଳିବ ଏହି ସିନେମାରେ। ଜ୍ୟୋତି ଦାସ ଏହି ସିନେମାର ନିର୍ଦ୍ଦେଶକ। ଆଗରୁ ସେ 'ତୋ' ବିନା ଭଲ ଲାଗେନା', 'ଶୁଭବିବାହ', 'ଗୁଡ ବୟ' ଏବଂ 'ଇଶ୍କ ପୁଣି ଥରେ' ଆଦି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। 'ବିଦ୍ୟାରାଣ'ର ପ୍ରଯୋଜନା କରୁଛନ୍ତି ନିରଞ୍ଜନ ନାୟକ ଏବଂ ପ୍ରଦୀପ୍ତ କିଶୋର ଆଚାର୍ଯ୍ୟ। ବୈଦ୍ୟନାଥ ଦାଶ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବାପୁ ଗୋସ୍ୱାମୀ ଏହାର ସଂଳାପ ଲେଖିଛନ୍ତି। ଫିଲ୍ମଟି ୨୦୨୨ର ଅନ୍ୟତମ ଆକର୍ଷଣ ହେବ ବୋଲି କୁହାଯାଉଛି। ଏହାଛଡ଼ା ଜଣାଶୁଣା ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ 'ଗୋଟେ ରାଜା ଥିଲା'ରେ ବାବୁସାନ୍ ଦେଖା ଦେବେ ବୋଲି କୁହାଯାଉଛି। ଏଥିରେ ସ୍ଥିତପ୍ରଜ୍ଞା ଅଛନ୍ତି ନାୟିକା ଭୂମିକାରେ। ଏହାଛଡ଼ା ଅପରାଜିତା ଓ ସ୍ୱପ୍ନା ପ୍ରିୟଦର୍ଶନୀ ପ୍ରମୁଖ ଅଭିନୟ କରୁଛନ୍ତି। ବାପୁ ଗୋସ୍ୱାମୀ ଏହାର ସଂଳାପ ଲେଖିଥିବା ବେଳେ ନବାଗତ ଗୌରବ ଆନନ୍ଦ ଏହାର ସଙ୍ଗୀତକାର। ଲୋକପ୍ରିୟ ପ୍ରଯୋଜକ ରମେଶ ବାରିକ ଏହାର ପ୍ରଯୋଜନା କରୁଛନ୍ତି।

## ନୂଆ ବର୍ଷରେ ନୂଆ ଆଶା ରଖିଛନ୍ତି ଟିଭି ତାରକା ନିଧି ଉତ୍ତମ

ଜୀବନରେ ଅଭିନୟ କରିବାକୁ କେବେ ସ୍ୱପ୍ନ ଦେଖିନଥିବା ଟିଭି ତାରକା ନିଧି ଉତ୍ତମ ଅପ୍ରତ୍ୟାଶିତ ଭାବେ ସୁଯୋଗ ପାଇ ମାୟା ନଗରୀରେ ପାହାଚ ପରେ ପାହାଚ ଚଢ଼ି ଚାଲିଛନ୍ତି। ଟିଭି ପରଦାରେ ନିଜକୁ ପ୍ରତିଷ୍ଠିତ କରିବା ପରେ ମାତ୍ର ଦୁଇଟି ଚଳଚ୍ଚିତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ ହେଁ ସେ ସେଥିରେ ସନ୍ତୁଷ୍ଟ ନୁହଁନ୍ତି। ତେବେ ନୂଆବର୍ଷ ୨୦୨୨ ତାଙ୍କ ପାଇଁ ଅସଲ ସୌଭାଗ୍ୟ ଭେଟିଦେବ ବୋଲି ଷ୍ଟାର ପ୍ଲସ୍‌ର ଦୀର୍ଘତମ ଧାରାବାହିକ 'ୟେ ରିସ୍ତା କ୍ୟା କେହଲାତା ହୈ'ର ନନ୍ଦିନୀ ସିଂଘାଣିଆ ଚରିତ୍ର ପାଇଁ ଘରେ ଘରେ ଲୋକପ୍ରିୟ ଥିବା ନିଧି ଆଶା ବାନ୍ଧି ରହିଛନ୍ତି। ଉତ୍ତରପ୍ରଦେଶର କାନପୁର ଠାରେ ୧୯୯୦ ଡିସେମ୍ବର ୧୪ ତାରିଖରେ ଏକ ମଧ୍ୟବିତ୍ତ ପରିବାରରେ ଜଣେ ଯାଆଁଳା କନ୍ୟା ଭାବେ ଜନ୍ମିତ ନିଧି ନିଜ ଜନ୍ମ ସ୍ଥାନରେ ହିଁ ହାଇସ୍କୁଲ ପାଠ ସାରି ଗ୍ରାଫିକ୍ ଡିଜାଇନ୍ ଆଣ୍ଡ ଆନିମେସନ୍‌ରେ ଶିକ୍ଷା ଲାଭ ପାଇଁ ମୁମ୍ବାଇ ଯାଇଥିଲେ। ସେଠାରେ ୨୦୦୬ ମସିହାରେ ଏକଦା ତାଙ୍କ ଠାଣି ଓ ଚାହାଣିରେ ମୁଗ୍ଧ ହୋଇ ଲୋକପ୍ରିୟ ପ୍ରଯୋଜିକା ଏକତା କପୂର ଜୀ ଟିଭିରେ ପ୍ରସାରିତ 'ମାୟକା' ଧାରାବାହିକରେ ଗୋଟିଏ କ୍ଷୁଦ୍ର ଚରିତ୍ରରେ ଅଭିନୟ କରିବା ପାଇଁ ନିଧିଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିନୟ ପ୍ରତି ନିଜର କୌଣସି ଦୁର୍ବଳତା ନଥାଇ ବି ଏଭଳି ଅନାହୂତ ପ୍ରସ୍ତାବରେ ସେ ନିଜକୁ ଭାଗ୍ୟବତୀ ମନେ କରି ରାଜି ହୋଇଯାଇଥିଲେ। ବାସ୍ ତାହା ପରଠାରୁ ସେ ଏକରକମ ଅଭିନୟ ଦୁନିଆଁ ପ୍ରତି ମୋହଗ୍ରସ୍ତ ହୋଇପଡ଼ିଥିଲେ। ଏହା ପରେ ତାଙ୍କୁ ଷ୍ଟାର ପ୍ଲସ୍‌ର 'କସ୍ତୁରୀ' ଧାରାବାହିକରେ ଟାଇଟଲ ଭୂମିକା ମିଳିଥିଲା। ମାତ୍ର ପରେ କୌଣସି କାରଣରୁ ତାଙ୍କ ସ୍ଥାନରେ ସୁଭାଙ୍ଗୀ ଆତ୍ରେ ଏହି ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ।

## ବର ସାଜିବେ ଫରହାନ୍, ପୁଣି ବିବାହ କରିବେ



ପୁଣି ବଲିଉଡରେ ବାଜିବ ଶାହାନାଇ। ବର ସାଜିବେ ଆଉ ଜଣେ ପ୍ରସିଦ୍ଧ ଅଭିନେତା। ହାତକୁ ଦି ହାତ ହେବେ ଫରହାନ ଅଖତର। ସେ ତାଙ୍କ ଦୀର୍ଘ ଦିନର ଗାର୍ଲଫ୍ରେଣ୍ଡ ଶିବାନୀ ଦାଣ୍ଡେକରଙ୍କୁ ଖୁବଶୀଘ୍ର ବିବାହ କରିବେ। ଚଳିତ ବର୍ଷ ମାର୍ଚ୍ଚ ମାସରେ କୁଆଡେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହେବା ନେଇ ଶୁଣିବାକୁ ମିଳିଛି। ତେବେ ଏହି ଖବରକୁ ନେଇ ଉଭୟ ଫରହାନ ଓ ଶିବାନୀ ମୁହଁ ଖୋଲିନାହାନ୍ତି। ମିଡିଆ ରିପୋର୍ଟ ମୁତାବକ, ଫରହାନ ଓ ଶିବାନୀ ମାର୍ଚ୍ଚ ମାସରେ ଗ୍ରାଣ୍ଡ ବିବାହ କରିବା ପାଇଁ ଯୋଜନା କରିଥିଲେ। କିନ୍ତୁ ବଢୁଥିବା କରୋନା ମାମଲା ଓ ସେଲେବ୍ରିଟିଙ୍କ ମଧ୍ୟରେ ବ୍ୟାପୁଥିବା ମାହାମାରୀକୁ ଦୃଷ୍ଟିରେ ସେମାନେ ଏହି ବିବାହକୁ ଏକ ଛୋଟ ଢ଼ଙ୍ଗରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ସୂତ୍ର ମୁତାବକ, ଏହି ବିବାହରେ କେବଳ ତାଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟ ଯୋଗଦେବେ। ଏହି ଦମ୍ପତ୍ତି ସେମାନଙ୍କ ବିବାହ ପାଇଁ ମୁମ୍ବାଇରେ ଏକ ପଞ୍ଚ ତାରକା ହୋଟେଲ ବୁକ୍ କରିଛନ୍ତି ବୋଲି ରିପୋର୍ଟରୁ ସୂଚନା ମିଳିଛି। ଏହା ସହିତ ବିବାହ ପାଇଁ ପ୍ରାୟ ଅନ୍ୟାନ୍ୟ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ଖବର ଆସୁଛି ଯେ ଶିବାନୀ ଏବଂ ଫରହାନ ମଧ୍ୟ ଅନ୍ୟ ସେଲିବ୍ରିଟି ଦମ୍ପତିଙ୍କ ପରି ସାବ୍ୟାଚାସୀଙ୍କ ଡିଜାଇନର୍ ପୋଷାକ ପିନ୍ଧିବେ। ସେ ବିବାହ ପାଇଁ ପେଷ୍ଟେଲ ରଙ୍ଗର ପୋଷାକ ବାଛିଛନ୍ତି। ଖବର ଅନୁଯାୟୀ, କରୋନା କାରଣରୁ ଫରହାନ ଏବଂ ଶିବାନୀଙ୍କ ବିବାହ ପୂର୍ବରୁ ବହୁଥର ସ୍ଥଗିତ ରଖାଯାଇଛି ଏବଂ ବର୍ତ୍ତମାନ ସେମାନେ ଏହାକୁ ବିଳମ୍ବ କରିବାକୁ ଚାହୁଁନାହାଁନ୍ତି। ଉଭୟ ଦୀର୍ଘ ସମୟ ଧରି ପରସ୍ପରକୁ ଡେଟ୍ କରୁଛନ୍ତି। ୨୦୧୬ ରେ ଫରହାନ୍ ଏବଂ ତାଙ୍କ ପ୍ରଥମ ସ୍ତ୍ରୀ ଅଧୁନା ଛାଡପତ୍ର ନେବାକୁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କର ଦୁଇ ଝିଅ ଶାକ୍ୟା ଏବଂ ଆକିରା ଅଛନ୍ତି।

## ଓଡ଼ିଆ ଚଳଚ୍ଚିତ୍ର 'ଗୁରୁଦେବ'ରେ ନାୟକ ସାଜିଲେ ଦେବାନନ୍ଦ


ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ହର ପଟ୍ଟନାୟକଙ୍କ ଛାତ୍ର ଦେବାନନ୍ଦ ଚଳଚ୍ଚିତ୍ର 'ଗୁରୁଦେବ'ର ନାୟକ ସାଜିଛନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ସରୋଜକାନ୍ତ। ଓଡ଼ିଆ ସିନେଜଗତରେ ଏଇ ଚଳଚ୍ଚିତ୍ର ଦେବାନନ୍ଦଙ୍କୁ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି। ହର ପଟ୍ଟନାୟକଙ୍କ ଛାତ୍ର ହୋଇଥିଲେ ମଧ୍ୟ ତାଙ୍କ ସହ କାମ କରିପାରିଲେନି ବୋଲି ଅବସୋସ କରନ୍ତି ଦେବାନନ୍ଦ। ୨୦୧୧ରେ ତାଙ୍କୁ ନେଇ ହର ପଟ୍ଟନାୟକ ଏକ ସିନେମା ନିର୍ମାଣ ଆରମ୍ଭ କରିଥିଲେ, ହେଲେ ହଠାତ ପରପାରିକୁ ଚାଲିଗଲେ। ହେଲେ ଗୁରୁଙ୍କ ଆଶୀର୍ବାଦ ତାଙ୍କ ଉପରେ ଥିଲା। ସେ ପୁଣି ଏକା ଏକା ସଂଘର୍ଷ ଆରମ୍ଭ କଲେ। ଆଜି ଦେବାନନ୍ଦ ଚଳଚ୍ଚିତ୍ରର ନାୟକ ସାଜିଲେ। ଏହାର ପ୍ରଯୋଜନା କରୁଛନ୍ତି ସତ୍ୟଜିତ ତ୍ରିପାଠୀ ଏବଂ ସହ ପ୍ରଯୋଜନା କରୁଛନ୍ତି ଅରବିନ୍ଦ ସାହୁ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ ଏବଂ ସଂଳାପ ରଚନା କରିଛନ୍ତି ମନୋରଂଜନ ଦାସ। ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଉଛନ୍ତି ସରୋଜକାନ୍ତ। 'ଗୁରୁଦେବ' ଚଳଚ୍ଚିତ୍ରରେ ଦେବାନନ୍ଦଙ୍କ ସହ ପ୍ରମୁଖ ଭୂମିକାରେ ଅଛନ୍ତି ପିୟାଲୀ, ମନୋଜ ମିଶ୍ର, ଦୈତାରୀ ପଣ୍ଡା, ଶିବ, କାଳି ଓ ଚୈଧୁରୀ ବିକାଶ ଦାସ।

## ଓଡ଼ିଆ ଟେଲି ସିନେମା 'କୁରୁକ୍ଷେତ୍ର'ର ନାୟିକା



ଓଡ଼ିଆ ଟେଲି ସିନେମା 'କୁରୁକ୍ଷେତ୍ର'। ଏହାର ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଦର୍ଶକ ଦେଖିସାରିଛନ୍ତି ପ୍ରଥମ ସିନେମା 'ଦୁର୍ଗତିନାଶିନୀ'। ତାଙ୍କରି ନିର୍ଦ୍ଦେଶନାରେ ପୁଣି ପ୍ରସ୍ତୁତ ହେବାକୁଯାଉଛି ନୂଆ ଚଳଚ୍ଚିତ୍ର 'କୁରୁକ୍ଷେତ୍ର'। ଏଥିରେ ନେତା-ଅଭିନେତା ଆକାଶ ଦାସ ନାୟକ ନାୟକ ସାଜିଥିବା ବେଳେ ତାଙ୍କ ବିପକ୍ଷର ନାୟିକା ସାଜିଛନ୍ତି ତମନ୍ନା। ପୂର୍ବରୁ ସେ 'ଭାଇନା କ'ଣ କଲା ସେ', 'ବ୍ଲାକମେଲ୍', 'ପ୍ରେମ୍ କୁମାର', 'ଗୋଲମାଲ ଲଭ୍', 'ଲକିର ଲକ୍‌ଡାଉନ୍ ଲଭ୍ ଷ୍ଟୋରି' ଓ 'ନିଝୁମ ରାତିର ସାଥୀ' ଆଦି ଚଳଚ୍ଚିତ୍ରରେ ପ୍ରମୁଖ ନାରୀ ଚରିତ୍ରରେ ଦେଖିବାକୁ ମିଳିଛନ୍ତି। ବିଜନେସ୍ ଆଡମିନିଷ୍ଟ୍ରେସନ୍‌ରେ ସ୍ନାତକ କରିଥିବା ବ୍ରହ୍ମପୁର ଝିଅ ତମନ୍ନା ବ୍ୟାସ ଟେଲି ରିୟାଲିଟି ସୋ' 'ରଜ କୁଇନ୍'ର ରନର୍ସଅପ୍ ହେଇଥିଲେ। ୨୦୧୫ରେ 'ମୁଁ ବି ହେବି ହିରୋଇନ୍' ମାଧ୍ୟମରେ ସେ ଓଲିଉଡ୍ ନିର୍ମାତା-ନିର୍ଦ୍ଦେଶକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହାପରେ 'ଜୋକର' ଚଳଚ୍ଚିତ୍ର ଜରିଆରେ ଓଲିଉଡ୍‌ରେ ପ୍ରବେଶ କରିଥିଲେ।

## ବକ୍ସ ଅଫିସ୍ ପରେ ଏବେ OTTରେ ଧମାଲ କରିବ 'ପୁଷ୍ପା'



ଏବେ ଯୁଆଡେ ଚାହିଁବ ସିଆଡେ କେବଳ 'ପୁଷ୍ପା'କୁ ନେଇ କ୍ରେଜ। ସାଉଥର ଷ୍ଟାଇଲିଷ୍ଟ ଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା' ଯେବେଠୁ ରିଲିଜ ହୋଇଛି ସେବେଠାରୁ ରେକର୍ଡ କରିଛି। ବକ୍ସ ଅଫିସରେ ଏହା ଧମାଲ କରିଛି। ପାଖାପାଖି ୨ଶହ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିଛି ଏହି ଫିଲ୍ମ। ବକ୍ସ ଅଫିସ ପରେ ଏବେ ଓଟିଟି ପ୍ଲାଟଫର୍ମ ମୁହାଁ ହୋଇଛି 'ପୁଷ୍ପା'। ସୁକୁମାରଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ଫିଲ୍ମରେ ଅଲ୍ଲୁ ଅର୍ଜୁନଙ୍କ ବ୍ୟତୀତ ରଶ୍ମୀକା ମନ୍ଦନା ଲିଡ୍ ରୋଲରେ ଅଛନ୍ତି। ଆସନ୍ତା ଜାନୁଆରୀ ୭ ତାରିଖରେ ଏହି ଫିଲ୍ମରେ ଆମାଜନ ପ୍ରାଇମ ଭିଡିଓରେ ରିଲିଜ ହେବ। ତାମିଲ, ମଲୟାଲମ, କନ୍ନଡ ଭାଷାରେ ଉପଲବ୍ଧ ହେବ ଏହି ଫିଲ୍ମ। ତେବେ ହିନ୍ଦୀ ଭାଷାରେ କିନ୍ତୁ ଏହା ରିଲିଜ ହେବ ନାହିଁ। ନିକଟରେ ଏହି ଫିଲ୍ମରେ ନିଜ ଅଭିନୟକୁ ନେଇ ଅଲ୍ଲୁ ଅର୍ଜୁନ ଏକ ଖୁଲାସା କରିଛନ୍ତି। ସେ କହିଛନ୍ତ, 'ଯେତେବେଳେ ମୁଁ ଏହି ଫିଲ୍ମର ସ୍କ୍ରିପ୍ଟ ପଢ଼ିଥିଲି ସେତେବେଳେ ତୁରନ୍ତୁ ମୋତେ ତାହା ଠିକ୍ ଲାଗିଥିଲା। ଏହି ଚରିତ୍ରରେ ଅନେକ କିଛି ଜିନିଷ ଉପରେ ରିସର୍ଚ୍ଚ କରାଯାଇ ଟିକିନିଖି ରୂପେ ଯୋଡା ଯାଇଛି। ମୁଁ ଏହି ପ୍ରକାରର ଚରିତ୍ରରେ କେବେ ବି ନିଜ କ୍ୟାରିଅରେ ପୂର୍ବରୁ ଅଭିନୟ କରିନଥିଲି। ମୁଁ ଏହି ପ୍ରଜେକ୍ଟରେ ଭାଗ ନେଇଥିବାରୁ ନିଜକୁ ସମ୍ମାନିତ ଅନୁଭବ କରୁଛି। ପ୍ରାଇମ୍ ଭିଡିଓରେ ରିଲିଜ୍ ହେବା ସହିତ ଏହି ଫିଲ୍ମଟି ସମଗ୍ର ବିଶ୍ୱରେ ଦର୍ଶକଙ୍କ ନିକଟରେ ପହଞ୍ଚିବ, ତାକୁ ନେଇ ମୁଁ ବେଶ୍ ଉତ୍ସାହିତ ବୋଲି କହିଛନ୍ତି ଅଲ୍ଲୁ ଅର୍ଜୁନ।'

## ଶ୍ରୀଜଗନ୍ନାଥ ଜମି ଆଇନ୍ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସୁର ରାଉତରାୟ

ଭୁବନେଶ୍ୱର,୬/୧ (ନି.ପ୍ର): ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କ୍ୟାବିନେଟର ସୁପାରିଶ ଅନୁସାରେ ୨୦୧୨ ମସିହା ପରଠାରୁ ସରକାରୀ ତ୍ରୁଟି ପାଇଁ ଜଟଣୀ, ଖୋର୍ଦ୍ଧା, ସାକ୍ଷୀଗୋପାଳ ପ୍ରଭୃତି ଅଂଚଳରେ ସାଧାରଣ ଲୋକଙ୍କର ଜମିବାଡ଼ି ଘରଡିହ ଭୁଲବଶତଃ ଜଗନ୍ନାଥଙ୍କ ନାମରେ ସତ୍ୱ ପରିବର୍ତିତ ହୋଇଥିବା ଆଇନକୁ ପୁନଃ ସଂଶୋଧନ କରାଯାଇଛି। ସରକାରଙ୍କର ଏହି ନିଷ୍ପତି ଫଳରେ ଦୀର୍ଘ ୧୦ବର୍ଷ ଧରି ଯନ୍ତ୍ରଣା ଭୋଗୁଥିବା ଏହି ଅଂଚଳର କ୍ଷତିଗ୍ରସ୍ତ ଲୋକଙ୍କ ନାମକୁ ନିଜର ଜମିବାଡ଼ି ପୁଣି ଫେରିଆସିବ। ଏଥିପାଇଁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ, ୫ଟି ସଚିବ, ପୂର୍ବତନ ରେଭିନ୍ୟୁ ସଚିବ ବିଷ୍ଣୁପଦ ସେଠୀ, ଉନ୍ନୟନ କମିଶନର, ଆଇନ ସଚିବ, ଆଡଭୋକେଟ ଜେନେରାଲ, ରାଜସ୍ୱମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଜଟଣୀବାସୀ ତଥା କ୍ଷତିଗ୍ରସ୍ତ ପ୍ରଜାମଂଚ ପକ୍ଷରୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

ଦୀର୍ଘ ୧୦ବର୍ଷ ଧରି ଜଟଣୀ ମୁନିସିପାଲଟି ଏବଂ ଏହାର ଆଖପାଖ ୨୩ଟି ଗ୍ରାମର ସାଧାରଣ ଲୋକ ନିଜର ଜମି ଖର୍ଦି ବା ବିକ୍ରି କରିପାରୁନଥିଲେ। ସେହି ଜମିରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ପ୍ରଭୃତି କୌଣସି ସରକାରୀ ଆବାସ ଯୋଜନା ହୋଇପାରୁନଥିଲା। ମଶାଣି, ଖେଳପଡ଼ିଆ, ସ୍କୁଲଘର, ମେଳଣପଡ଼ିଆ, କମ୍ୟୁନିଟି ସେଂଟର ପ୍ରଭୃତିର ଉନ୍ନତି ପାଇଁ ସରକାରୀ ଅର୍ଥ ବିନିଯୋଗ ହୋଇପାରୁନଥିଲା। ଲୋକମାନେ ବିବାହ, ବ୍ରତ, ଶୁଦ୍ଧିକ୍ରୀୟ ଓ ଚିକିତ୍ସା କ୍ଷେତ୍ରରେ ଅର୍ଥପାଇଁ ନିଜର ଜମି ବିକିପାରୁନଥିଲେ। ଏହି ନିଷ୍ପତି ଫଳରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ବିଧାୟକ ଶ୍ରୀ ରାଉତରାୟ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ବିଧାୟକ ଶ୍ରୀ ରାଉତରାୟ ଏବଂ ଜଟଣୀ ଏକରାଜତ ମହଲ କ୍ଷତିଗ୍ରସ୍ତ ପ୍ରଜାମଂଚ ପକ୍ଷରୁ ଦୀର୍ଘ ୧୦ବର୍ଷ ଧରି ଏହି ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ, ଧାରଣା,ସଭା, ରାସ୍ତାରୋକ ପ୍ରଭୃତି କାର୍ଯ୍ୟ ଚାଲିଆସୁଥିଲା।

## ରାଜ୍ୟରେ ପୁଣି ବଢ଼ିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା: ୧୮୯୭ ପଜିଟିଭ୍ ଚିହ୍ନଟ, ୨୫୮ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୬/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୮୯୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୦୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୯୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୨୫୮ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୬୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତକାଲି ରାଜ୍ୟରେ ୧୨୧୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୦୦ ଜଣ, ବରଗଡ଼ରୁ ୧୬ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରୁ ୬ ଜଣ, ବୌଦ୍ଧରୁ ୩ ଜଣ, କଟକରୁ ୧୪୮ ଜଣ, ଦେବଗଡ଼ରୁ ୧୬ ଜଣ, ଢେଙ୍କାନାଳରୁ ୪ ଜଣ, ଗଞ୍ଜାମରୁ ୩୪ ଜଣ, ଗଜପତିରୁ ୨ ଜଣ, ଜଗତସିଂହପୁରରୁ ୧୯ ଜଣ, ଯାଜପୁରରୁ ୩୦ ଜଣ, ଝାରସୁଗୁଡ଼ାରୁ ୬୬ ଜଣ, କଳାହାଣ୍ଡିରୁ ୧୪ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୩୧ ଜଣ, ଖୋର୍ଦ୍ଧାରୁ ୬୬୯ ଜଣ, କୋରାପୁଟରୁ ୧୫ ଜଣ, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୪୦ ଜଣ, ନବରଙ୍ଗପୁରରୁ ୨୫ ଜଣ, ନୟାଗଡ଼ରୁ ୧୪ ଜଣ, ନୂଆପଡ଼ାରୁ ୧୨ ଜଣ, ପୁରୀରୁ ୫୪ ଜଣ, ରାୟଗଡ଼ାରୁ ୭ ଜଣ, ସମ୍ବଲପୁରରୁ ୧୨୫ ଜଣ, ସୋନପୁରରୁ ୧୩ ଜଣ, ସୁନ୍ଦରଗଡ଼ରୁ ୨୬୨ ଜଣ ଓ ଷ୍ଟେଟ ପୁଲରୁ ୧୫୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ଟିକା ନେବା ପାଇଁ କିଶୋରଙ୍କ ମଧ୍ୟରେ ଉତ୍ସାହ: ୩ ଦିନରେ ଟିକା ନେଲେଣି ଅଢ଼େଇ ଲକ୍ଷରୁ ଅଧିକ



ଭୁବନେଶ୍ୱର ,୬/୧ (ନି.ପ୍ର): ରାଜ୍ୟରେ କିଶୋର(୧୫-୧୮ବର୍ଷ)ଙ୍କ ଟିକାକରଣରେ ବେଶ୍ ଉତ୍ସାହ ଜାରି ରହିଛି। ବୁଧବାର ଦିନ ୮୦,୯୨୭ କିଶୋର ନିଜର ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ଗତ ୩ଦିନ ଭିତରେ ରାଜ୍ୟରେ ୨ଲକ୍ଷ ୬୪ହଜାର ୬୯୦ କିଶୋର ଟିକା ନେଇ ସାରିଲେଣି। ଆସନ୍ତା ୧ମାସ ଭିତରେ ସମସ୍ତ କିଶୋରଙ୍କ ଟିକାକରଣ ଶେଷ ହେବ ବୋଲି ଆଶା କରାଯାଉଛି।

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ତୁରନ୍ତ ଟିକା ନେବା ଲାଗି ବିଶେଷଜ୍ଞମାନେ ଜୋର ଦେଉଛନ୍ତି। ଚଳିତମାସ ୩ତାରିଖଠାରୁ କିଶୋରଙ୍କ ଟିକାକରଣ ଆରମ୍ଭ ହୋଇଛି। ରାଜ୍ୟରେ ୨୩ଲକ୍ଷରୁ ଅଧିକ କିଶୋର ରହିଛନ୍ତି। ଏଥିପାଇଁ ଅନେକ ସ୍ଥାନରେ ସ୍ୱତନ୍ତ୍ରଭାବେ ଟିକାକରଣ କେନ୍ଦ୍ରରେ କିଶୋରଙ୍କୁ ଟିକା ଦିଆଯାଉଛି। ବୁଧବାର ଦିନ ରାଜ୍ୟରେ ୩ଲକ୍ଷ ୯ହଜାର ୭୦୬ ହିତାଧିକାରୀଙ୍କୁ ଟିକା ଦିଆଯାଇଛି। ଏଥିରେ ଉଭୟ କିଶୋର ଓ ୧୮ବର୍ଷରୁ ଅଧିକ ବର୍ଗର ଲୋକ ରହିଛନ୍ତି। ଏହାସହ ଯୁବ ବର୍ଗ(୧୮-୪୪) ୫୦,୭୯୩ ପ୍ରଥମ, ୧,୦୦,୨୬୧ ଦ୍ୱିତୀୟ, ୪୫ବର୍ଷରୁ ଅଧିକ ୧,୦୨,୨୮ ପ୍ରଥମ ୬୫,୪୩୫ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଏଥିରେ ୧୭୧୩ ଗର୍ଭବତୀ ମହିଳା ରହିଛନ୍ତି। ଗତ ୧ବର୍ଷ ଭିତରେ ରାଜ୍ୟରେ ୫କୋଟି ୧୨ଲକ୍ଷ ୮୭ହଜାର ୧୨୪ ଡୋଜ୍ ଟିକା ଦିଆଗଲାଣି। ଆସନ୍ତା ୧୫ତାରିଖ ସୁଦ୍ଧା ରାଜ୍ୟ ସରକାର ସବୁ ହିତାଧିକାରୀ ଅତିକମ୍‌ରେ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

## ବିଶିଷ୍ଟ ଶ୍ରମିକ ନେତା ଯତୀନ୍ଦ୍ର କୁମାର ରାୟଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୬/୧ (ନି.ପ୍ର): ପ୍ରଖ୍ୟାତ ଶ୍ରମିକ ନେତା ଯତୀନ୍ଦ୍ର କୁମାର ରାୟଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ପୂର୍ବାହ୍ନରେ ଲୋହିଆ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ଅଧ୍ୟକ୍ଷ ତଥା ଏ.ଆଇ.ଟି.ୟୁ.ସି.ର ରାଷ୍ଟ୍ରୀୟ ସମ୍ପାଦକ କମ୍ରେଡ ରାମକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କାର୍ଯ୍ୟକାରୀ ସମ୍ପାଦକ ସାଥୀ ସତ୍ୟବାଦୀ ବାଘ ପ୍ରାରମ୍ଭିକ ସୂଚନା ଦେବା ପରେ ସି.ପି.ଆଇ. ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସଭାପତି ସାଥୀ ଅଶୋକ ଦାସ, ଆଇ.ଏନ୍.ଟି.ୟୁ.ସି.ର ସଭାପତି ରାମଚନ୍ଦ୍ର ଖୁଂଟିଆ, ବିଜୁ ସାମ୍ମୁଖ୍ୟର ସଭାପତି ତଥା ସାଂସଦ ସୁବାସ ସିଂ, ଦୁଷ୍ମନ୍ତ ଦାସ, ସଂଯୁକ୍ତା ମହଲ, ମହିନ୍ଦ୍ର କୁମାର ପରିଡ଼ା, ବି.ପି. ଦାସ, ଶଙ୍କର ସାହୁ ତଥା ରାଜ୍ୟ ଓ କେନ୍ଦ୍ରୀୟ ବିଭିନ୍ନ ଶ୍ରମିକ ସଂଗଠନ, ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଗଠନ, ଗଣ ସଂଗଠନମାନଙ୍କ ପ୍ରମୁଖ କାର୍ଯ୍ୟକର୍ତା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପ୍ରୟାତ ରାୟଙ୍କ ସ୍ମୃତିଚାରଣ କରି ସମ୍ପୃକ୍ତ ସଂଗଠନ ଓ ସଂସ୍ଥାମାନଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ, ଟ୍ରେଡ୍ ୟୁନିୟନ୍ ନେତୃତ୍ୱ ଏବଂ ଶ୍ରମିକ ଆନ୍ଦୋଳନ ଇତିହାସ ନିମନ୍ତେ ସାଥୀ ରାୟ ଅଭୁଲା ଅବଦାନ ରଖି ଯାଇଛନ୍ତି। ରାଜ୍ୟ ତଥା କେନ୍ଦ୍ରୀୟ ବିଦ୍ୟୁତ୍ ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ସାଥୀ ରାୟଙ୍କ ନେତୃତ୍ୱ ଦିଗ୍‌ଦର୍ଶକ ଅନନ୍ୟ ଥିଲା। ଏହି ଅବସରରେ 'ସ୍ମୃତିରେ ସାଥୀ : ଯତୀନ୍ଦ୍ର ବିଭୂତି' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## ବିଜେଡିରେ ଯୋଗଦେଲେ ଜେଏମ୍ଏମ୍ ରାଜ୍ୟ ଉପସଭାପତି

ଭୁବନେଶ୍ୱର,୬/୧ (ନି.ପ୍ର): ବିଜେଡିରେ ଯୋଗଦେଲେ ବୀରମିତ୍ରପୁରର ଜେଏମ୍ଏମ୍ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ଜେଏମ୍ଏମ୍ ଉପ ସଭାପତି ଶିବିୟାନ ଆଇଣ୍ଡ। ବୁଧବାର ଦିନ ରାଜ୍ୟ ବିଜୁ ଯୁବ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଶହ ଶହ ସମର୍ଥକଙ୍କ ଶହ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଶିବିୟାନ । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡ଼ାଇ, ରାଉରକେଲା ବିଧାୟକ ସାରଦା ପ୍ରସନ୍ନ ନାୟକ, ଖଦି ବୋର୍ଡ଼ ଅଧ୍ୟକ୍ଷ ତଥା ସୁନ୍ଦରଗଡ଼ ସହ ପର୍ଯ୍ୟବେକ୍ଷକ ସଂଗ୍ରାମ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ୨ ଲକ୍ଷ ୬୪ ହଜାର କିଶୋରଙ୍କର ଟିକାକରଣ କରାଯାଇଛି: ପରିବାର କଲ୍ୟାଣ ନିର୍ଦ୍ଦେଶକ



ଭୁବନେଶ୍ୱର,୬/୧ (ନି.ପ୍ର): ରାଜ୍ୟରେ ଚାଲିଥିବା କିଶୋରଙ୍କ ଲାଗି ଟିକାକରଣ ସଂପର୍କରେ ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ସେ କହିଛନ୍ତି, ଗତକାଲି ୧୧୨୫ଟି ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରରେ ୧୫ରୁ ୧୮ବର୍ଷ ବୟସ ବର୍ଗଙ୍କୁ ଟିକାକରଣ କରାଯାଇଥିଲା। ଗୋଟିଏ ଦିନରେ ୮୦ ହଜାରରୁ ଉର୍ଦ୍ଧ୍ୱ କିଶୋର ଟିକା ନେଇଥିଲେ। ଏହାକୁ ମିଶାଇ ମୋଟ ୨ ଲକ୍ଷ ୬୪ ହଜାର କିଶୋରଙ୍କର ଟିକାକରଣ କରାଯାଇଛି।

ସେ ଆହୁରି ମଧ୍ୟ କହିଛନ୍ତି, ବୟସ୍କ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କେଉଁ ଟିକାର ବୁଷ୍ଟର ଡୋଜ ଦିଆଯିବ, ସେନେଇ ଏଯାଏ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଲିଖିତ ଚିଠି ଆସିନି। ତେବେ ଯେଉଁମାନେ ଦୁଇ ଡୋଜ ଟିକା ନେଇଛନ୍ତି, ସେମାନେ ବୁଷ୍ଟର ଡୋଜ ଲାଗି ନିଜର ମୋବାଇଲ ନମ୍ବର ଦେବା ପରେ ପୁରୁଣା ତଥ୍ୟ ଆସିବା ପରେ ବୁଷ୍ଟର ଡୋଜ ନେଇପାରିବେ। ଏଯାଏ ରାଜ୍ୟରେ ୨୭ ଲକ୍ଷ ଲୋକ ପ୍ରଥମ ଡୋଜ ନେଇନାହାନ୍ତି। ସେହିଭଳି ୨୬ ଲକ୍ଷ ଲୋକ ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ ନେଇନାହାନ୍ତି। ସେମାନଙ୍କ ଟିକାକରଣ ଲାଗି ପଦକ୍ଷେପ ନିଆଯାଉଛି।

## କାକଟପୁର ନିର୍ବାଚନମଣ୍ଡଳୀରେ ବିଜେପିର 'ଜନସମ୍ବାଦ ଯାତ୍ରା'

### ଗ୍ରାମାଂଚଳ ବିକାଶ ଅର୍ଥକୁ ବ୍ୟାପକ ହରିଲୁଟ୍ କରିଛି ବିଜେଡି : ସମୀର ମହାନ୍ତି

ଭୁବନେଶ୍ୱର,୬/୧ (ନି.ପ୍ର): ରାଜ୍ୟରେ ଖଣି, ବାଲି, ପକ୍କାଘର, ଶୌଚାଳୟ ନିର୍ମାଣ, ନରେଗା, ଚିଟଫଣ୍ଡ, ସମବାୟ ଦୁର୍ନୀତି ଆଜି ସର୍ବୋଚ୍ଚ ସୀମା ଅତିକ୍ରମ କରିସାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ମୁଖ୍ୟମନ୍ତ୍ରୀ ଘର ଭିତରେ ବସି ରହୁଛନ୍ତି । ବିଧାନସଭା ସମେତ କୌଣସି ସରକାରୀ ଗସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି । ସାଧାରଣ ଲୋକଙ୍କ ସହିତ କଥା କି ସାକ୍ଷାତ କରୁନାହାନ୍ତି । କେବଳ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ରେର୍କଡେଡ୍ ଭାଷଣ ଶୁଣୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଟିରେ କିଏ ତାଲା ପକାଇଛି, କିଏ ତାଙ୍କ ଗୋଡରେ ଶିକୁଳି ବାନ୍ଧିଛି ବୋଲି ପ୍ରଶ୍ନ କରିବା ସହ ଏହାର ଜବାବ୍ ରାଜ୍ୟବାସୀଙ୍କୁ ଜଣାଇବା ନିହାତି ଆବଶ୍ୟକ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟ ତଥା ରାଜ୍ୟବାସୀଙ୍କ ସାମଗ୍ରିକ ବିକାଶ ପାଇଁ ବିଜେପି ପ୍ରତିଶୃତିବଦ୍ଧ । ଆମେ ସମସ୍ତେ ଦୃଢତାର ସହ ଲଢେଇ କରି ଶାସକ ବିଜେଡିର କୁଶାସନରୁ ମୁକ୍ତ ହେବା ଏବଂ ବିଜେପି ଶାସନରେ ରାଜ୍ୟ ତଥା ରାଜ୍ୟବାସୀଙ୍କୁ ସୁଶାସନ ଦେବା ପାଇଁ ସଂକଳ୍ପବଦ୍ଧ ।'ଜନସମ୍ବାଦ' ଯାତ୍ରା ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀ ଗସ୍ତ କରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। କାକଟପୁର ଅଂଚଳର ବରିଷ୍ଠ କଂଗ୍ରେସ ନେତା ମନୁ ସ୍ୱାଇଁ ନିଜ ଶତାଧିକ ସମର୍ଥକଙ୍କ ସମେତ ବହୁ ବିଜେଡି ନେତୃତ୍ୱ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଆଜିର ଏହି ମିଶ୍ରଣ ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ପରିବର୍ତନର ସଙ୍କେତ ଦେଉଛି ବୋଲି ଶ୍ରୀ ମହାନ୍ତି ଦୃଢତାର ସହ କହିଛନ୍ତି । ଲମ୍ବା ସମୟ ଧରି ଶାସକ ଦଳ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ କାକଟପୁର, ଅସ୍ତରଙ୍ଗ, ନିମାପଡା ଆଦି ଅଂଚଳ ଆଜି ମଧ୍ୟ ବିକାଶର ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବହୁ ଦୂରରେ ଥିବାରୁ ଉପସ୍ଥିତ ନେତୃମଣ୍ଡଳୀ ଭୀଷଣ କ୍ଷୋଭ ପ୍ରକାଶ କରିବା ସହ ଦୁର୍ନୀତିଗସ୍ତ ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି ହଟାଇ ଅଂଚଳର ବିକାଶ ଦାୟୀତ୍ୱ ବିଜେପିକୁ ପ୍ରଦାନ କରିବା ପାଇଁ ସାଧାରଣ ଜନତାଙ୍କୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ କାକଟପୁର ଗସ୍ତ ଅବସରରେ ଦଳୀୟ କାର୍ଯ୍ୟକର୍ତାଙ୍କ ତରଫରୁ ପିପିଲି, ନିମାପଡା, ଚାରିଛକ ସମେତ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତି ପରିଡା, ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ବିଜେପିଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବିଭୂ ତରାଇ, ଜିଲ୍ଲା ସଭାପତି ଆଶ୍ରିତ୍ ପଟ୍ଟନାୟକ, ପୂର୍ବତନ ବିଧାୟକ ରବି ମଲ୍ଲିକ୍, ବାଇଧର ମଲ୍ଲିକ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜଲକ୍ଷ୍ମୀ ଦାସଙ୍କ ସମେତ ରାଜ୍ୟ ଓ ଜିଲ୍ଲା ପଦାଧିକାରୀ ଏବଂ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ବି ଓମିକ୍ରନ୍ ସଂକ୍ରମଣ ବଢ଼ିବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୬/୧ (ନି.ପ୍ର): ସବୁ ଜିଲ୍ଲାରେ ଓମିକ୍ରନ ଉପସ୍ଥିତି ଦେଖାଦେଲାଣି। ସଂକ୍ରମଣ ଆଗକୁ ଆହୁରି ବଢ଼ିବ। ଅନ୍ୟ ରାଜ୍ୟରେ ଯେଭଳି ବଢୁଛି, ଆମ ରାଜ୍ୟରେ ବି ବଢ଼ିବ। ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ସିଭିୟରିଟି ନାହିଁ, ଯଦି ବଢ଼ିବ ସେଥିଲାଗି ସରକାରଙ୍କ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି। ଏନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟିକାକରଣ ଓ ସର୍ଭେଲାନ୍ସ ଜାରି ରହିଛି। ଏବେ ରାଜ୍ୟରେ ଆଇସିୟୁ ଲୋଡ୍ ବହୁତ କମ୍ ରହିଛି । ଆଇସିୟୁ ବେଡ୍ ବଢାଇବାକୁ ମଧ୍ୟ ବ୍ୟବସ୍ଥା କରାଯାଉଛି। ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର ଓ ବାଲେଶ୍ୱରରେ ସଂକ୍ରମଣ ଅଧିକ ରହିଛି। ସେସବୁ ଜିଲ୍ଲା ଉପରେ ସରକାରଙ୍କ ନଜର ରହିଛି। ଲୋକମାନେ ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ରଖନ୍ତୁ, କୌଣସି ସ୍ଥାନରେ ଭିଡ଼ କରନ୍ତୁ ନାହିଁ। ଆଗାମୀ ୧୦ ତାରିଖରୁ ବୟସ୍କ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ବୁଷ୍ଟର ଡୋଜ ଆରମ୍ଭ ହେବ। କେନ୍ଦ୍ର ନିଷ୍ପତ୍ତି ଅନୁସାରେ ଯିଏ ଯେଉଁ ଟିକା ନେଇଛନ୍ତି, ସେଇ ଟିକା ହିଁ ନେବେ। ଆଇସିଏମଆର ତରଫରୁ ଓମିକ୍ରନ ଚିହ୍ନଟ ଲାଗି କିଛିଦିନ ତଳେ ନୂଆ କିଟ୍ ବ୍ୟବହାର ନେଇ ଅନୁମୋଦନ ଆସିଛି। ଏହି କିଟ୍ ଆଣିବାକୁ ରାଜ୍ୟ ସରକାର କାର୍ଯ୍ୟପନ୍ଥା ଆରମ୍ଭ କରିଛନ୍ତି।

## ରାଜ୍ୟରେ ଥିବା ଆଇସିୟୁରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲା



ଭୁବନେଶ୍ୱର: ରାଜ୍ୟରେ ଯେମିତି କରୋନା ଓ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିଚାଲିଛି, ଠିକ୍ ସେମିତି ଆଇସିୟୁରେ ଥିବା ରୋଗୀଙ୍କ ସଂଖ୍ୟା ବି ବଢ଼ିଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରାଜ୍ୟରେ ବୟସ୍କଙ୍କ ପାଇଁ ୫୩୧୧ଟି ସାଧାରଣ ବେଡ୍ ଥିବା ବେଳେ ଗତ ୫ ତାରିଖରେ ୧୧୧ ଜଣ ରୋଗୀ ଅଛନ୍ତି। ଏଯାଏଁ ୨.୦୯% ବେଡ୍ ସରିଛି। ଅପରପକ୍ଷରେ ରାଜ୍ୟରେ ବୟସ୍କଙ୍କ ପାଇଁ ୧୩୭୪ଟି ଆଇସିୟୁ/ ଏଚଡିୟୁ ବେଡ୍ ଥିବା ବେଳେ ଗତ ୫ ତାରିଖରେ ୧୪୩ ଜଣ ରୋଗୀ ଅଛନ୍ତି। ଏଯାଏଁ ୧୦.୪୧% ବେଡ୍ ସରିଛି। ଠିକ୍ ସେହିପରି ରାଜ୍ୟରେ ବୟସ୍କଙ୍କ ପାଇଁ ୬୨୪ଟି ଭେଣ୍ଟିଲେଟର ଥିବା ବେଳେ ଏଥିରେ ଗତ ୫ ତାରିଖରେ ୧୯ ଜଣ ରୋଗୀ ଅଛନ୍ତି। ଏଯାଏଁ ୩.୦୫% ଭେଣ୍ଟିଲେଟର ବେଡ୍ ସରିଛି। ହୋମ୍ ଆଇସୋଲେସନରେ ଥିବା ସଂକ୍ରମିତ ବୟସ୍କଙ୍କ ସଂଖ୍ୟା ୩୫୮୯।

ରାଜ୍ୟରେ ପିଲାଙ୍କ ପାଇଁ ୯୩୭ଟି ସାଧାରଣ ବେଡ୍ ଥିବା ବେଳେ ଗତ ୫ ତାରିଖରେ ୯ ଜଣ ରୋଗୀ ଅଛନ୍ତି। ଏଯାଏଁ ୦.୯୬% ବେଡ୍ ସରିଛି। ଅପରପକ୍ଷରେ ପିଲାଙ୍କ ପାଇଁ ୨୪୨ଟି ଆଇସିୟୁ/ଏଚଡିୟୁ ବେଡ୍ ଥିବା ବେଳେ ଗତ ୫ ତାରିଖରେ ମାତ୍ର ଜଣେ ରୋଗୀ ଅଛନ୍ତି। ଏଯାଏଁ ୦.୪୧% ବେଡ୍ ସରିଛି। ଠିକ୍ ସେହିପରି ରାଜ୍ୟରେ ପିଲାଙ୍କ ପାଇଁ ୧୧୦ଟି ଭେଣ୍ଟିଲେଟର ଥିବା ବେଳେ ଏଥିରେ ଗତ ୫ ତାରିଖରେ ଏଥିରେ କେହି ରୋଗୀ ନାହାନ୍ତି। ହୋମ୍ ଆଇସୋଲେସନରେ ଥିବା ଶିଶୁ ଓ କିଶୋରଙ୍କ ସଂଖ୍ୟା ୫୮୩।

## ରାଜ୍ୟର ଆଉ ଜଣେ ଓମିକ୍ରନ ସଂକ୍ରମିତ ସୁସ୍ଥ: ବର୍ତ୍ତମାନ ସୁଦ୍ଧା ମୋଟ ୫ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୬/୧ (ନି.ପ୍ର): ରାଜ୍ୟର ଆଉ ଜଣେ ଓମିକ୍ରନ ସଂକ୍ରମିତ ସୁସ୍ଥ ହୋଇଥିବା ଜଣାଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ମୋଟ ୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଣେ ରାଜ୍ୟରେ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି। ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। କୋଭିଡ-୧୯ର ନୂଆ ଭାରିଆଣ୍ଟ 'ଓମିକ୍ରନ୍' ରାଜ୍ୟବାସୀଙ୍କର ଚିନ୍ତା ବଢ଼ାଇଛି। ଏବେ ରାଜ୍ୟରେ ପୁଣି ୨୪ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଇଏଲ୍ ?ଏସ୍ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଏହି ସୂଚନା ଦିଆଯାଇଛି। ନୂଆକରି ଚିହ୍ନଟ ହୋଇଥିବା ଓମିକ୍ରନ୍ ସଂକ୍ରମିତଙ୍କ ମଧ୍ୟରେ ୫ ଜଣଙ୍କର ଅନ୍ତର୍ଜାତୀୟ ଟ୍ରାଭେଲ୍ ହିଷ୍ଟ୍ରି ଥିବାବେଳେ, ଆଉ ୧୯ ଜଣ କମ୍ୟୁନିଟି ସାମ୍ପୁଲରୁ ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ରହିଛି । ତେବେ ମୋଟ ୨୧୮ ନମୁନା ପରୀକ୍ଷଣରୁ ଏହି ପଜିଟିଭ୍ ଚିହ୍ନଟ ହୋଇଥିବା ଆଇଏଲଏସ୍ ସୂଚନା ଦେଇଛି । ଡିସେମ୍ବର ୨୧ରେ ରାଜ୍ୟରେ ପ୍ରଥମ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଥିଲେ।

## ବିଗୁଡୁଛି କେନ୍ଦ୍ର-ରାଜ୍ୟ ଆର୍ଥିକ ସଂପର୍କ

ଭୁବନେଶ୍ୱର,୬/୧ (ନି.ପ୍ର): କେନ୍ଦ୍ରୀୟ ସହାୟତା ବାବଦ ଅର୍ଥ ମିଳିଥିଲେ ଯାଇ ସଂପୃକ୍ତ କାର୍ଯ୍ୟକ୍ରମ ବା ଯୋଜନାରେ ରାଜ୍ୟ ଅଂଶ ପ୍ରଦାନ କର। ଯଦି କେନ୍ଦ୍ରୀୟ ଭାଗ ମିଳିନାହିଁ ତେବେ ଅର୍ଥ ବିଭାଗର ଅନୁମତି ବିନା ବିଭାଗମାନେ ନିଜେ ନିଜେ ରାଜ୍ୟ ଅଂଶ ଅର୍ଥ ପ୍ରଦାନ ବା ଖର୍ଚ୍ଚ କରିପାରିବେ ନାହିଁ। ଏଭଳି କଟକଣା ସହ ସମସ୍ତ ବିଭାଗର ମୁଖିଆମାନଙ୍କୁ ଅର୍ଥ ବିଭାଗ ପକ୍ଷରୁ ଗୋଟିଏ ସ୍ୱଷ୍ଟ ନିର୍ଦ୍ଦେଶନାମା ଯାଇଛି। ପୁଞ୍ଜି ସଂପତ୍ତି ସୃଷ୍ଟି ଲାଗି ପୁଞ୍ଜି ଖର୍ଚ୍ଚ ଉପରେ ଗୁରୁତ୍ୱ ଦେବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଛନ୍ତି। ସେହିଭଳି ସାମାଜିକ କ୍ଷେତ୍ରରେ ବ୍ୟୟ ବୃଦ୍ଧି, ଶୂନ୍ୟ ଆଧାରିତ ନିବେଶ ଭିତ୍ତିକ ପ୍ରକଳ୍ପ ଶେଷ ଲାଗି ଅର୍ଥ ବିନିଯୋଗ ଆଦି ପ୍ରସଙ୍ଗରେ ୬ଟି ସୂତ୍ର ପ୍ରଦାନ କରିଛନ୍ତି।

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଏଭଳି ନିର୍ଦ୍ଦେଶନାମା ପରେ କେନ୍ଦ୍ର-ରାଜ୍ୟ ଅନୁଦାନ ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାକୁ ନେଇ ଚାଲିଥିବା ଅଦୃଶ୍ୟ ବିବାଦ ପ୍ରସଙ୍ଗ ପୁଣି ଥରେ ସାମ୍ନାକୁ ଆସିଛି। କାରଣ ଅଧିକାଂଶ ଯୋଜନାରେ କେନ୍ଦ୍ର-ରାଜ୍ୟ ଅଂଶ ୬୦:୪୦ ପ୍ରତିଶତ ରହିଛି। କିଛି ଯୋଜନାରେ ୫୦:୫୦ ଓ ଆଉ କିଛି ଯୋଜନାରେ ୭୫: ୨୫ ମଧ୍ୟ ରହିଛି। ଏହା ଜରିଆରେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପାଖାପାଖି ୩୧ ହଜାର କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ୍ ୧୮ ହଜାର କୋଟିରୁ ଅଧିକ କେନ୍ଦ୍ରରୁ ଆସିବ ଓ ୧୨ ହଜାର କୋଟି ରାଜ୍ୟ ସରକାର ଖର୍ଚ୍ଚ କରିବେ। ହେଲେ ଠିକ୍ ସମୟରେ କେନ୍ଦ୍ର ସରକାର ନିଜ ଅଂଶଧନ ନ ଦେବା ଫଳରେ ରାଜ୍ୟ ସରକାର ଅକଳରେ ପଡୁଛନ୍ତି। ଯୋଜନା କାର୍ଯ୍ୟାନ୍ୱୟନରେ ଭୀଷଣ ପରିସ୍ଥିତି ସୃଷ୍ଟି ହେଉଛି। ଅର୍ଥ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା କ୍ଷେତ୍ରରେ ରାଜ୍ୟ ସରକାର ମାନେ ସଂପୃକ୍ତ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଆକାଉଣ୍ଟ ଖୋଲିବେ। ଏହି ଫର୍ମୁଲା ପ୍ରୟୋଗ କରାଯିବା କାରଣରୁ କେନ୍ଦ୍ରୀୟ ଅର୍ଥ ମିଳିବାରେ ବି ସମସ୍ୟା ସୃଷ୍ଟି ହୋଇଛି। ଅର୍ଥ ବିଭାଗ ଆହୁରି କହୁଛି ଯେ କିଛି କାର୍ଯ୍ୟକ୍ରମ ଅଛି, ଯେଉଁଥିପାଇଁ କେନ୍ଦ୍ର ସରକାର ଅର୍ଥ ନ ଦେଲେ ବି ରାଜ୍ୟ ସରକାରଙ୍କୁ ଖର୍ଚ୍ଚ କରିବାକୁ ପଡ଼ିବ। ହେଲେ ଯଦି ଏହାକୁ ସବୁ କ୍ଷେତ୍ରରେ ପ୍ରୟୋଗ କରାଯିବ, ତେବେ ରାଜ୍ୟର ଆର୍ଥିକ ସ୍ଥିତି ଖରାପ ହେବ; ସମାନ୍ତରାଳ ଭାବେ କୌଣସି ପ୍ରକଳ୍ପ ଲକ୍ଷ୍ୟ ହାସଲ କରିପାରିବ ନାହିଁ। କେବଳ ସେତିକି ନୁହେଁ, କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ମଧ୍ୟ ସ୍ଥିତି ଆହୁରି ଗମ୍ଭୀର। ଅର୍ଥ ବିଭାଗ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ, ୨୦୨୧ ଆର୍ଥିକବର୍ଷରେ ଅନୁଦାନ ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଏମିତିକି ୨୦୨୦ ତୁଳନାରେ ୨୦୨୧ ବର୍ଷରେ କେନ୍ଦ୍ରୀୟ ଅନୁଦାନ ପାଖାପାଖି ୨୫ ପ୍ରତିଶତ କମିଯାଇଛି। ଅର୍ଥ ବିଭାଗର ଜଣେ ଅଧିକାରୀ କହିଛନ୍ତି, ୨୦୨୦ ମସିହାରେ ଓଡ଼ିଶାକୁ କେନ୍ଦ୍ର ସରକାର ୨୩ ହଜାର କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଡିସେମ୍ବର ସୁଦ୍ଧା ପାଖାପାଖି ୧୬ହଜାର ୬୦୦ କୋଟି ଟଙ୍କା ମିଳିଥିଲା। ଏବର୍ଷ କିନ୍ତୁ ସ୍ଥିତିରେ ଅନେକ ଉନ୍ନତି ଆସିଥିଲେ ହେଁ କେନ୍ଦ୍ରୀୟ ଅନୁଦାନ ୧୨ହଜାର ୩୦୦ କୋଟି ଟଙ୍କାକୁ କମିଯାଇଛି। ଅର୍ଥ ବିଭାଗର ତଥ୍ୟ ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୩୭ ହଜାର ୯୬୩ କୋଟି ୩୨ଲକ୍ଷ ଟଙ୍କା କେନ୍ଦ୍ରରୁ (ଅନୁଦାନ) ଆଶା କରିଥିଲେ। ଏଥିରେ ଜିଏସଟି ଅନୁଦାନ ମଧ୍ୟ ବିଚାରକୁ ନିଆଯାଇଥିଲା। ମାତ୍ର କେନ୍ଦ୍ର ସରକାର ଇତିମଧ୍ୟରେ ଗତବର୍ଷ ଭଳି ଋଣ ସୂତ୍ରରେ ୬୫୦୦ କୋଟି ଟଙ୍କା ଜିଏସ୍‌ଟି ଅର୍ଥ ପ୍ରଦାନ କରିଛନ୍ତି। ଅତଏବ କେନ୍ଦ୍ରୀୟ ଅନୁଦାନ ଲକ୍ଷ୍ୟ ପାଖାପାଖି ୩୧ ହଜାର କୋଟିକୁ ଖସିଆସିଛି। ଏବେ ପ୍ରଶ୍ନ ଉଠୁଛି, କେନ୍ଦ୍ର ସରକାର ଆର୍ଥିକ ବର୍ଷର ପ୍ରଥମ ୯ମାସରେ ଅର୍ଥାତ୍ ଡିସେମ୍ବର ସୁଦ୍ଧା ଏହାର ଏକ ତୃତୀୟାଂଶ ପ୍ରଦାନ କରିଥିବା ବେଳେ ବାକି ତିନିମାସରେ ୧୯ ହଜାର କୋଟି ପ୍ରଦାନ କରିବେ ତ ? ଅର୍ଥନୀତିଜ୍ଞମାନେ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହିତ ନେଉଛନ୍ତି। ସେମାନଙ୍କର ମତ ହେଲା, ରାଜ୍ୟ ସରକାର ନିଜ ଅର୍ଥରେ ଯଦି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବେ, ତେବେ ଗୋଟିଏ ବାର୍ତ୍ତା ଯିବ ଯେ ଠିକ୍ ସମୟରେ କେନ୍ଦ୍ର ସରକାର ଅର୍ଥ ପ୍ରଦାନ କରୁଛନ୍ତି। କେବଳ ସେତିକି ନୁହେଁ, ଆଗତୁରା ଅର୍ଥ ଦେଇ ଯଦି ଯୋଜନା ଚାଲୁ ରଖିଲେ, ତେବେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ବୋଝ ରହିବ। ଏଣୁ ଅର୍ଥ ବିଭାଗ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରିବାରେ କୌଣସି ଅସ୍ୱାଭାବିକତା ନାହିଁ। ଦ୍ୱିତୀୟ ଦିଗଟି ହେଲା, ଓଡ଼ିଶାରେ ଗୋଟିଏ ଆଞ୍ଚଳିକ ଦଳ ଶାସନରେ ଅଛି। କେନ୍ଦ୍ରୀୟ ଅବହେଳା ତାଙ୍କ ପାଇଁ ଏକମାତ୍ର ରାଜନୈତିକ ଅସ୍ତ୍ର। ଯେହେତୁ ମୋଦୀ ସରକାର ସବ୍‌କା ସାଥ୍, ସବକା ବିକାଶ କଥା କହୁଛନ୍ତି; କେନ୍ଦ୍ର ସରକାରଙ୍କ ଯୋଜନାରେ ଅଚଳାବସ୍ଥା କଥା ସାମ୍ନାକୁ ନ ଆସିଲେ, କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଆଦୌ ଜୋର୍ ଧରିବ ନାହିଁ। ଏହା ଏକଥା ବି ପ୍ରମାଣ କରିବ ଯେ କେନ୍ଦ୍ର ସରକାରଙ୍କର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଅଭିଯୋଗ ମିଥ୍ୟା ବା ଅମୂଳକ ନୁହେଁ।

## ଓଡିଶାର ପ୍ରଜ୍ଞାପନ ମେଢ ବାଦ୍ ପଡିବା ମାମଲାରେ ରାଜ୍ୟପାଳଙ୍କୁ ଭେଟିଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୬/୧ (ନି.ପ୍ର): ଆସନ୍ତା ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦେଇଥିବା ଅଭିଯୋଗ କରି ଆଜି ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧୀ ମଣ୍ଡଳୀ ରାଜ୍ୟପାଳଙ୍କୁ ସାକ୍ଷାତକରି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ନିକଟରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଥିବା ବେଳେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ମଡେଲକୁ ଜାତୀୟ ସାଧାରଣତନ୍ତ୍ର ଦିବସରେ ସାମିଲ କରାଇ ନଦେବା ପାଇଁ ଷଡଯନ୍ତ୍ର ହୋଇଥିବାର ସ୍ପଷ୍ଟ ହୋଉଛି ବୋଲି ରାଜ୍ୟପାଳ ଗଣେଶୀ ଲାଲଙ୍କୁ ପ୍ରତିନିଧୀ ମଣ୍ଡଳିର ନେତୃତ୍ୱ ନେଇଥିବା ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଜଣାଇଥିଲେ ।

## ପିକ୍‌ଅପ ଧକ୍କାରେ ବାଇକ ଆରୋହୀ ମୃତ

ରାଇରଙ୍ଗପୁର, ୦୬/୦୧ (ନି.ପ୍ର): ମୟୂରଭଂଜ ଜିଲ୍ଲାର ବହଳଦା ଥାନା ଅନ୍ତର୍ଗତ ଗମ୍ଭାରିଆ ଛକ ଗଡାଣିଆ ରାସ୍ତାରେ ଏକ ବାଇକ ସହ ପିକଅପ ଧକ୍କାରେ ଘଟଣାସ୍ଥଳରେ ବାଇକ ଆରୋହୀ ମୃତ ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ପଞ୍ଚାୟତର ସୁକୁଲାଲ ସର୍ଦ୍ଦାର(୨୪) ମଟର ସାଇକେଲ ଯୋଗେ ଶଶୁର ଘର ହଳଦା ଗାଁକୁ ଯାଉଥିବା ବେଳେ ସାମନାପଟୁ ଏକ ପିକଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକ ସୁକଲାଲ ରାସ୍ତାରେ ଘୋଷାରି ଘୋଷାରି ହୋଇ ଛିଟକି ପଡିଥିଲେ । ଫଳରେ ଘଟଣାସ୍ଥଳରେ ଯୁବକ ଜଣକର ମୃତ୍ୟୁ ହୋଇଥିଲା । ପିକଅପ ଭ୍ୟାନ ଖସି ପଳାଉ ଥିବାବେଳେ ବହଳଦାରେ ବହଳଦା ପୋଲିସ ଖବର ପାଇ ପିକଅପ ଭ୍ୟାନକୁ ଅଟକ ରଖିବା ସହ ଘଟଣାର ତଦନ୍ତ କରୁଛି । ମୃତକକୁ ପୋଲିସ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଇଥିବା ଶାଯାଇଛି । ନୂଆ ବର୍ଷର ଆରମ୍ଭରୁ ୫ ଦିନ ମଧ୍ୟରେ ବାମନଘାଟୀ ଉପଖଣ୍ଡରେ ରାସ୍ତା ଦୁର୍ଘଟଣାରେ ୩ ମୁଣ୍ଡ ଗଡିଲାଣି ।

## ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣାରେ ଜଣେ କୋର୍ଟ ଚାଲାଣ

ବାଲିଆପାଳ, ୦୬/୦୧ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଖଗଡାପାଳ ଶିବ ମନ୍ଦିର ଛକ ନିକଟରେ ବୁଧବାର ରାତ୍ରୀରେ ଗାଡିରେ ସାଇଟ ଦେବାକୁ କେନ୍ଦ୍ରକରି କଚୁଆପଡା ଗ୍ରାମର ରମେଶ ଜେନାଙ୍କ ପୁଅ ରୂପେଶ ଜେନାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଘଟଣା ଘଟାଇ ଅଭିଯୁକ୍ତମାନେ ଦୁଇଟି ବୁଲେଟ ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ରୂପେଶଙ୍କ ଅଭିଯୋଗ ମୂଳେ ବାଲିଆପାଳ ଥାନା କେଶ ନଂ ୭/୨୨ରେ ବାସୁଦେବପୁର ଗ୍ରାମର କାର୍ତ୍ତିକ ବାରିକ, ପ୍ରଭାତ ବାରିକ, ରାଜେଶ ବାରିକ ଓ ବିକାଶ ବାରିକଙ୍କ ନାମରେ ମାମଲା ରୁଜୁ ହୋଇଛି । ଆଇଆଇସି ପର୍ଶୁରାମ ସାହୁ ଘଟଣାକୁ ଗୁରୁତର ସହ ନେଇ ପୁଲିସ ଟିମ ସହ ବାସୁଦେବ ଗ୍ରାମରେ ଚଢାଉ କରିଥିଲେ । ମୁଖ୍ୟ ଅଭିଯୁକ୍ତ କାର୍ତିକ ବାରିକକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୩ ସହ ଯୋଗୀ ଫେରାର ହୋଇଯାଇଛନ୍ତି । ପୁଲିସ ଆଜି କାର୍ତିକକୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଆଇଆଇସି ଶ୍ରୀ ସାହୁ କହିଛନ୍ତି ।

## ବାଲି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ, ୦୬/୦୧ (ନି.ପ୍ର): କେତେକ ଅସାଧୁ ଠିକାଦାର ଓ କୋଣାର୍କ ଅଞ୍ଚଳର ବାଲିମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି କୋଣାର୍କ ବାଲିବନ୍ତ ସୁରକ୍ଷା ସମିତି । ବାଲିବନ୍ତ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅସାଧୁ ଠିକାଦାର ଓ ବାଲିମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଜିଲ୍ଲାପାଳ ଶ୍ରୀବର୍ମା ଅତିରିକ୍ତ ଜିଲ୍ଲାପାଳ ଓ ଗୋପ ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ଜାନକୀ ପଟ୍ଟନାୟକଙ୍କ ୯୩ ତମ ଜନ୍ମ ଦିବସ ପାଳିତ



ଖୋର୍ଦ୍ଧା, ୦୬/୦୧ (ନି.ପ୍ର): ସୋମବାରଦିନ ଖୋର୍ଦ୍ଧା ଜାନକୀପାର୍କ ଠାରେ ସ୍ୱର୍ଗତ ଖୋର୍ଦ୍ଧା ଗୌରବ, ପ୍ରବାଦ ପୁରୁଷ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଆସାମ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୯୩ ତମ ଜନ୍ମ ଦିବସ ପାଳନ କରାଯାଇଥିଲା । ଜାନକି ବାବୁ ଆମ ବୀରରକ୍ତ ଖୋର୍ଦ୍ଧା ମାଟିର ସନ୍ତାନ । ସେ ଟାଙ୍ଗୀବ୍ଲକ ରାମେଶ୍ୱର ଗ୍ରାମର ସୁଯୋଗ୍ୟ ସନ୍ତାନ ଓ ଖୋର୍ଦ୍ଧା ବିଯେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର । ସେ ଏକ ଧାରରେ ସାମ୍ବାଦିକ, ସୁ-ସାହିତ୍ୟିକ, ଲେଖକ, ରାଜନୀତିଜ୍ଞ ଥିଲେ । ସେ କଂଗ୍ରେସ ଶାସନ ବେଳେ କେନ୍ଦ୍ର ମନ୍ତ୍ରୀ ଓ ୧୩ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ପରେ ଓଡିଶା କଂଗ୍ରେସର ବିଭ୍ରାଟ ଆରମ୍ଭ ଆସ୍ତେ ଆସ୍ତେ ହେଲା ଏବେ ବି ଚାଲିଛି । ଜାନକୀ ପଟ୍ଟନାୟକ ଖୋର୍ଦ୍ଧା ବୀର ପାଇକ ମାଟିର ସୁଯୋଗ୍ୟ ସନ୍ତାନ । ତାଙ୍କ ସ୍ମୃତି ପାଇଁ ଖୋର୍ଦ୍ଧା ଜାନକୀ ପ୍ରେମୀ ଖୋର୍ଦ୍ଧା ୫୭ ତମ ରାଜପଥ କଡ଼ରେ ଘଣ୍ଟା କପାନୀ ଛକ ପାଖ ଦକ୍ଷିଣଦିଗରେ ତାଙ୍କ ନାମରେ ଏକ ପାର୍କ ନିର୍ମାଣ କରିଥିଲେ । ଏହି ପାର୍କ ମଧ୍ୟରେ ସ୍ୱର୍ଗତ ଜାନକୀ ବାବୁଙ୍କ ବିରାଟ କାୟ ବ୍ରୋଞ୍ଜ ମୂର୍ତ୍ତି କରାଯାଇଥିଲା । ସେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡରେ ଥିବା ମେଡିକାଲ ଷ୍ଟୋର ତାଙ୍କ ଜୀବନର ୨୫ ବର୍ଷ କଟାଇ ରୋଗୀଙ୍କ ପ୍ରିତି ଭାଜନ ହୋଇଥିଲେ । ଏଇଠି ବସି ଜାନକୀ ବାବୁଙ୍କ ସ୍ମୃତି କଥା ରଖିବା ପାଇଁ ଚିନ୍ତା କରୁଥଲେ । ତାଙ୍କୁ ସାହଯ୍ୟ କରୁଥଲେ ପପୁ ସାମନ୍ତରାୟ, ସଞ୍ଜୟ ପଟନାୟକ, ନିଉ ଥିଙ୍କିଂ ଫୋରମର ସମ୍ପାଦକ ଓ ନରେନ୍ଦ୍ର ପୃଷ୍ଟି, ପ୍ରମୋଦ ପଟନାୟକ, କୁନି ହରିଚନ୍ଦନ, ଈଶ୍ୱର ମଙ୍ଗରାଜ ବିନିମେଡିକାଲ ଷ୍ଟୋର ମାଲିକ ସବୁ କଂଗ୍ରେସ ପ୍ରେମୀ । ଆଜି ତାଙ୍କ ୯୩ ତମ ଜନ୍ମ ବାର୍ଷିକ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳିଥିଲା । ପ୍ରଥମେ ସାଧୁ ସନ୍ଥ ମାନଙ୍କ ପୂଜା ନାମ ଯଜ୍ଞ ସାରା ପରିବେଶକୁ ମୁଖରିତ କରିଥିଲା । ହରେକୃଷ୍ଣ ହରେ ରାମ ଧ୍ୱନି ସାରା ପାର୍କ ସୌନ୍ଦର୍ଯ୍ୟକୁ ମୁଖରିତ କରିଥିଲା । ଏହାପରେ ଜାନକୀ ବାବୁଙ୍କ ପ୍ରତିମୂର୍ତ୍ତି ରେ ଫୁଲମାଳ ଦେଇ ସମ୍ମାନ ଦିଆ ଯାଇଥିଲା । ଆଜି ଏହି ଉତ୍ସବରେ ଦଳମତ ନିର୍ବିଶେଷରେ ସବୁ ନେତା, ଅଭିନେତା, ଜ୍ଞାନୀ ଗୁଣୀ ଖୋର୍ଦ୍ଧା ପାଇକ ମାଟିର ସନ୍ତାନ ବହୁ ପରିମାଣରେ ଯୋଗ ଦେଇଥିଲେ ।

# ବାଲିଆପାଳରେ ଶେଷ ସ୍ୱାଧୀନତା ସଂଗ୍ରାମୀ ଶ୍ରୀକାନ୍ତ ନାୟକଙ୍କ ପରଲୋକ



ବାଲିଆପାଳ, ୦୬/୦୧ (ନି.ପ୍ର): ବାଲିଆପାଳ ବ୍ଲକର ଡଗରା ଗ୍ରାମର ଶ୍ରୀକାନ୍ତ ନାୟକ ହେଉଛନ୍ତି ଶେଷ ସ୍ୱାଧୀନତା ସଂଗ୍ରାମୀ । ଖାଲି ସଂଗ୍ରାମୀ ନୁହନ୍ତି ଜଣେ ସମାଜସେବୀ, ଭୂଦାନ କର୍ମୀ ଓ ଯୋଗ ଗୁରୁ,ସଙ୍ଗୀତ ନିର୍ଦ୍ଦେଶକ ଭାବରେ ଏ ଅଂଚଳରେ ଜନମାନସରେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ । ବିନୋବାଙ୍କ ଆଦର୍ଶକୁ ଅନୁସରଣ କରି ଅନେକ ଭୂମିହୀନକୁ ସେ ଜମି ବଂଟନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ପ୍ରଶାସନ ତାଙ୍କୁ ସ୍ୱାଧୀନ ସଂଗ୍ରାମୀ ତାଲିକାରୁ ବାଦ ଦେବାରୁ ଗଣମାଧ୍ୟମ ଚାପରେ ପୁଣି ତାଙ୍କୁ ତାଲିକାଭୁକ୍ତ କରିଥିଲେ । ଏହି ଶେଷ ସଂଗ୍ରାମୀଙ୍କର ବହୁମୁଖୀ ପ୍ରତିଭା ପାଇଁ ବାଲିଆପାଳ ବାସୀ ଖୁବ ଗର୍ବିତ ଏହି ସଂଗ୍ରାମୀଙ୍କ ଆଜି ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳର ଲୋକ ସ୍ତବ୍ଧ ହୋଇଯାଇଥିଲେ । ସଂଗ୍ରାମୀ ଶ୍ରୀକାନ୍ତ ନାୟକ ଡଗରା ଗ୍ରାମରେ ୧୯୨୭ ମସିହା ଏପ୍ରିଲ ମାସ ୧୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ଖୁବ ଅଳ୍ପ ବୟସରୁ ଗାନ୍ଧୀଜୀଙ୍କ ଡାକରାରେ ସେ ବାନର ସେନାରେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ଇଂରେଜ ବିରୋଧରେ ଆନ୍ଦୋଳନ କରି ସେ ଜେଲ ଭରଣ କରିଥିଲେ । ଗାନ୍ଧୀଜୀଙ୍କ ମୃତ୍ୟୁ ପରେ ସେ ଭୂଦାନ ଯଜ୍ଞ ଓ ଭୂଦାନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଆଜୀବନ ଗାନ୍ଧୀ ତଥା ବିନୋବାଙ୍କ ଆଦର୍ଶ ଓ ନୀତିକୁ ପାଥେୟ କରି ଜୀବନ ତମାମ ଖଦଡ ପରିଧାନ କରି ଜନକଲ୍ୟାଣରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳର ଶୁଭେଚ୍ଛୁ, ବନ୍ଧୁ ପରିଜନ,ଜ୍ଞାତି କୁଟୁମ୍ବ ତାଙ୍କ ଶବାଧାରରେ ଜାତୀୟ ପତକା ଘୋଡାଇ ଅନ୍ତିମ ସଂସ୍କାର କରିଛନ୍ତି । ଜ୍ୟୋଷ୍ଠ ପୁତ୍ର ସୁଧାଂଶୁ ମୁଖାଗ୍ନି ଦେଇଥିବା ବେଳେ ମଧ୍ୟମ ପୁତ୍ର ବୁଲୁ ନାୟକ,ହିମାଂଶୁ ନାୟକ,୬ ଝିଅ ଓ ଜ୍ୱାଇଁ ପ୍ରମୁଖ ମୃତ୍ୟୁ ଶବଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କ ମୃତ୍ୟୁରେ ଯୁବକଂଗ୍ରେସ ନେତା ତୀର୍ଥ କୁମାର ନାଗ,ପୂର୍ବତନ ସମିତି ସଦସ୍ୟ ପ୍ରଫୁଲ ସାହୁ,ଗଣପତି ଜେନା, ସୁଧାଂଶୁ ମାଝୀ,ସରୋଜ ସାହୁ, ପୂର୍ବତନ ସରପଂଚ ରମେଶ ଖଟୁଆ,ଯୋଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ସଂଗ୍ରାମୀଙ୍କ ବାସଗୃହରେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ,କଳାକାର ସଂଘର ସଂପାଦକ ପ୍ରଫୁଲ ବାଗ, ମିଡିଆ ଫୋରମର ସଭାପତି ପ୍ରତାପକୁମାର ପାତ୍ର,ସଂପାଦକ ଅଜିତ କୁମାର ଦାସ,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ଅଧ୍ୟାପକ ସୁକାନ୍ତ ଗିରି, ବ୍ୟୋମକେଶ ସାହୁ,ସନ୍ୟାସୀ ବେହେରା, ସାଗର ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଜାମକୁଣ୍ଡା ୟୁକୋବ୍ୟାଙ୍କ ଶାଖା ପକ୍ଷରୁ ୭୯ତମ ପ୍ରତିଷ୍ଠାଦିବସ




ବାଲିଆପାଳ, ୦୬/୦୧ (ନି.ପ୍ର): ଜାମକୁଣ୍ଡା ୟୁକୋବ୍ୟାଙ୍କ ଶାଖା ପକ୍ଷରୁ ୟୁକୋବ୍ୟାଙ୍କର ୭୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଲଲାଟେନ୍ଦୁ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାଖା ପରିଚାକ ପଚାଇ ସୋରେନ, ସହଶାଖା ପରିଚାଳକ ସରୋଜ କୁମାର ପାତ୍ର, କୋଷାଧକ୍ଷ ଚିନ୍ମୟ କୁମାର ଦାସ, ବ୍ୟାଙ୍କ ମିତ୍ର ମୃଣ୍ମୟ କୁମାର ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନଶିବିର ଅନୁଷ୍ଠିତ ହୋଇଥିଲା ।ଏହି ଶିବିରରେ ୫୨ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । କାର୍ଯକ୍ରମକୁ ରାଜେଶ କୁମାର ରାଉତ,ତାପସ କୁମାର ଜେନା,କିରଣସାହୁ, ବଳରାମ ସାହୁ, ସଙ୍ଗୀତା ପ୍ରଧାନ,ଚିନ୍ମୟ ଜେନା, ଅଙ୍କିତା ମହାନ୍ତି, ମଞ୍ଜୁଲତା ଦାସ, ସୁଜାତା କର, ଜ୍ୟୋସ୍ନାରାଣି ଦାସ, ମଞ୍ଜୁଲତା ସାହୁ, ସକାଳ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## ମାଗଣା ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରୋପଚାର ବ୍ୟବସ୍ଥା ଶିବିର

ଜଳେଶ୍ୱର, ୬/୧(ନିପ୍ର): ଆଜି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର କାଳିକସ୍ଥିତ କଲ୍ୟାଣ ମଣ୍ଡପରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଅସ୍ତ୍ରୋପଚାର ବ୍ୟବସ୍ଥା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଇବଣିଆ ଅଂଚଳରେ ଥିବା ୧୦୦ରୁ ଅଧିକ ଚକ୍ଷୁରୋଗୀଙ୍କ ପରୀକ୍ଷା କରାଯାଇ ୨୭ଜଣଙ୍କୁ ବାଲେଶ୍ୱରର ରୋଟାରୀ କ୍ଲବର ଚକ୍ଷୁଚିକିତ୍ସା ଶିବରକୁ ପଠାଇ ଦିଆଯାଇଛି । ସେଠାରେ ସେମାନଙ୍କର ସଲ୍ୟ ଚିକିତ୍ସା ହେବା ସମ୍ପର୍କରେ କୁହାଯାଇଛି । ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି ରାଜେଶ ଖଟୁଆ, ସମ୍ପାଦକ ମଣିଭଦ୍ର ଜେନା, ତାରାପଦ ମହାନ୍ତି, ଦୀପକ ସାହୁ, ଅଶୋକ ମହାନ୍ତି, ସୁବ୍ରତ ରଣା, ନନ୍ଦନ ଦତ୍ତ, ଡା ଦୀପ୍ତିମୟୀ ମହାପାତ୍ର, ବଳରାମ ପାଳ, ସୁବିର ଚାଟାର୍ଜି, ଶ୍ୟାମସୁନ୍ଦର ମିର୍ଦ୍ଧା, ସାଗର କାମିଲା, ସତ୍ୟବ୍ରତ ଜେନା ଓ ସତ୍ୟନାରାୟଣ ସିଂ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚଳାନା କରିଥିଲେ ।

# ଚକହରୀ ବେଆଇନ୍ ବାଲି ଖନନ ବିରୋଧରେ ତହସିଲରେ ଧାରଣା

ଜଳେଶ୍ୱର, ୬/୧(ନିପ୍ର): ପୂର୍ବ ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା ନଦୀର ଚକହରୀ ଗାଁ ଠାରେ ବାଲି ଉତ୍ତୋଳନ ବିରୋଧରେ ଆଜି କେତେକ ଗ୍ରାମବାସୀ ଆସି ଜଳେଶ୍ୱର ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ । ନଦୀ ବନ୍ଧ କାଟିବା ବନ୍ଦ କରିବା, ନଦୀରୁ ବେଆଇନ୍ ବାଲି ନ ଉଠାଇବା, ଗ୍ରାମ୍ୟ ଜଂଗଲକୁ ନଷ୍ଟ ନ କରିବା ଓ ଗ୍ରାମବାସୀଙ୍କ ଧନଜୀବନକୁ ସୁରକ୍ଷିତ ରଖିବା ଦାବିରେ ଏହି ଗ୍ରାମବାସୀମାନେ ଆନ୍ଦୋଳନ କରିଥିବା ପ୍ରକାଶ । ଏଥିରେ ଭବେଶ ଦାସ, ସୁବାସ ଦାସ, କାଳିଚରଣ ଦେ, ଶ୍ରୀକାନ୍ତ ଦାସ,ଳ ଉମେଶ ଦାସ, ଗୋପାଳ ଦାସ, ପରେଶ ଦାସ, ସହଦେବ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିବା ବେଳେ ରାଜ୍ୟ କଂଗ୍ରେସ ପ୍ରବକ୍ତ ସୁଦର୍ଶନ ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେ ତହସିଲଦାରଙ୍କ ସହିତ ଏ ସମ୍ପର୍କରେ ବିଷଦ ଆଲୋଚନା କରିଛନ୍ତି । ଅନ୍ୟପକ୍ଷରେ ରାଇବଣିଆ ଅଂଚଳରେ ସୁବର୍ଣ୍ଣରେଖା ବହୁମୁଖୀ ଯୋଜନାର କେନାଲ ଖନନ କାର୍ଯ୍ୟ ଚାଲିଥିବାରୁ ସେଠାରୁ ବାଲି ନେବାଲାଗି ଜିଲାପାଳଙ୍କ ନିର୍ଦ୍ଦେଶରେ ୧୦ ଦିନିଆ ଲିଜ୍ ଦିଆଯାଇଛି । କିନ୍ତୁ ବାଲି ନେବାପାଇଁ ନଦୀବଂଧରୁ ନଦୀକୁ ରାସ୍ତା ନିର୍ମାଣ କରିବାକୁ ନେଇ ବିବାଦ ଦେଖାଦେବାରୁ ଏପରି ଧାରଣା ଦିଆଯାଇଥିବା ପ୍ରକାଶ । ଏ ସମ୍ପର୍କରେ ତହସିଲଦାର ସ୍ମୃତିରଂଜନ ମଲ୍ଲିକଙ୍କୁ ପଚାରିବାରୁ ଆପୋଷି ସମାଧାନ ହୋଇଥିବା କହିଛନ୍ତି ।

# ଜିଲ୍ଲା ପରିଷଦ ସଦସ୍ୟ ସୁଧାଂଶୁ ପଣ୍ଡାଙ୍କ ପରଲୋକ

ବାଲେଶ୍ୱର,୦୬/୦୧ (ନି.ପ୍ର): ୨୭ ନଂ ଜୋନ ଜିଲା ପରିଷଦ ସଦସ୍ୟ ବରିଷ୍ଠ ବିଜେପି ନେତା ସୁଧାଂଶୁ ଶେଖର ପଣ୍ଡାଙ୍କର ଗୁରୁବାର ଭୁବନେଶ୍ୱରସ୍ଥିତ ଆମ୍ରି ହସପିଟାଲରେ ପରଲୋକ ହୋଇଯାଇଛି । ଗତ ନଭେମ୍ବର ମାସ ୨୦ ତାରିଖରେ ବାଲେଶ୍ୱର ସହରରେ ହଠାତ ସଜ୍ଞାହୀନ ହୋଇପଡ଼ିବାରୁ ତାଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଆମ୍ରି ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା । ମାତ୍ର ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିଲା । ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳ ପ୍ରାୟ ୫ଟା ୨୮ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଅପରାହ୍ଣରେ ବାଲେଶ୍ୱରରେ ପହଞ୍ଚିବା ପରେ ତାଙ୍କର ପ୍ରାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ଶୋଭାଯାତ୍ରାରେ ବିଜେପି ଜିଲା କାର୍ଯ୍ୟାଳୟ, ରେମୁଣା ଶାଖା କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କ ସମେତ ସାଧାରଣ ଲୋକେ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ତାଙ୍କର ମରଶରୀର ଶୋଭାଯାତ୍ରା କୁରୁଡ଼ା, ସାଡ଼ଁ, ଗେଙ୍ଗୁଟି, ଶାସଙ୍ଗ, ଜୟଦେବକସବା, ରସାଳପୁର, ବର୍ଦ୍ଧନପୁର, ପଦ୍ମପୁର ପ୍ରଭୃତି ପଞ୍ଚାୟତ ପରିକ୍ରମା କରିଥିଲା । ସ୍ଥାନେ ସ୍ଥାନେ ଜାତି, ଧର୍ମ ଓ ଦଳ ନିର୍ବିଶେଷରେ ଲୋକେ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବର୍ଦ୍ଧନପୁର ମଣିନାଗେଶ୍ୱର ମନ୍ଦିର ପଡ଼ିଆରେ ବେଶ କିଛି ସମୟ ପାଇଁ ତାଙ୍କର ମରଶରୀରକୁ ଦର୍ଶନ ପାଇଁ ରଖାଯାଇଥିଲା । ଆଖପାଖ ଅଞ୍ଚଳରୁ ୧୦ହଜାରରୁ ଅଧିକ ଲୋକ ରୁଣ୍ଡ ହୋଇଥିଲେ ସେଠାରେ । ପରେ ତାଙ୍କର ବାସଭବନକୁ ନିଆଯାଇଥିଲା । ସାଂସଦ ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏକ ଅଶ୍ରୁଳ ତଥା ଶୋକାକୁଳ ପରିବେଶ ମଧ୍ୟରେ ବିଳମ୍ବିତ ରାତ୍ରିରେ ଘର ବାଡ଼ିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ୧୯୫୭ ମସିହାରେ ଫେବୃୟାରୀ ତାରିଖରେ ସ୍ୱର୍ଗତ ଭବାନୀ ଶଙ୍କର ପଣ୍ଡାଙ୍କ ମଧ୍ୟମ ପୁତ୍ର ଭାବେ ଜନ୍ମଗ୍ରହଣ କରିଥିଲେ ସେ । ବର୍ଦ୍ଧନପୁରରେ ବାଲ୍ୟଶିକ୍ଷା ପରେ ରସାଳପୁର ହାଇସ୍କୁଲ ଓ ରସାଳପୁର କଲେଜରେ ପାଠପଢ଼ିଥିଲେ । ଶିକ୍ଷାଗ୍ରହଣ ପରେ ସମାଜସେବାକୁ ବ୍ରତଭାବେ ଗ୍ରହଣ କରିଥିଲେ । କେବଳ ବର୍ଦ୍ଧପୁର ନୁହେଁ ବରଂ ଆଖପାଖ ୧୦ଖଣ୍ଡ ପଞ୍ଚାୟତର ଲୋକେ ଯେ କୌଣସି ସମସ୍ୟାରେ ପ୍ରଥମେ ତାଙ୍କୁ ଖୋଜିଥା'ନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଧର୍ମେନ୍ଦ୍ର କଲେ ବିଜେଡିକୁ ....

ଦିନକାଳ ସରି ସରି ଆସୁଥିବା ସେ କହିଛନ୍ତି । ତେବେ ହତ୍ୟାକାଣ୍ଡକୁ ବର୍ଷେ ବିତି ଯାଇଥିଲେ ମଧ୍ୟ କୁଳମଣିଙ୍କ ପରିବାର ଓ ତାଙ୍କୁ ଭଲ ପାଉଥିବା ଲୋକ ଏବେ ବି ନ୍ୟାୟ ଅପେକ୍ଷାରେ ରହିଛନ୍ତି । ତେଣୁ ସ୍ମୃତିସଭା ଜରିଆରେ ସେ ନୂଆ ଡିଜିପିଙ୍କୁ ଅନୁରୋଧ କରିଛନ୍ତି, ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଖାଲି ସେତିକି ନୁହେଁ, ପୁରା ମାମଲାରେ ସ୍ଥାନୀୟ ବିଧାୟକ ତଥା ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ନନେଇ ଖୁବ କଡା ଟିପ୍ପଣୀ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ନ୍ୟାୟ ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଭରସା ନକରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ତେବେ ମହାଙ୍ଗାର ନୃତାଙ୍ଗରେ ସ୍ୱର୍ଗତ କୁଳମଣି ବରାଳଙ୍କ ଏକ ପ୍ରତିମୂର୍ତ୍ତି ଅନାବରଣ ହୋଇଛି । ତାଙ୍କ ସ୍ମୃତି ସଭାରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଦିଲ୍ଲୀରୁ ଭିସି ଯୋଗେ ଯୋଡି ହୋଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳଙ୍କ ହତ୍ୟାକାଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛି ରାଜ୍ୟ ବିଜେପି । ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ସହ କୁଳମଣିଙ୍କ ହତ୍ୟା ପ୍ରସଙ୍ଗ ଯୋଡି ହୋଇରହିଥିବାରୁ ଏହାକୁ ନେଇ ଦଳ ସଂଗ୍ରାମ ଜାରି ରଖିବ ବୋଲି ସଂକଳ୍ପ କରିଛି ।

### ୧୦ ରୁ ବର୍ଷା....

ଆସନ୍ତା ୧୦ ତାରିଖରୁ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ ଆର ବିଶ୍ୱାଶ କହିଛନ୍ତି ଜାନୁଆରୀ ୧୦ ତାରିଖରେ ରାଜ୍ୟର ୧୧ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ୧୦ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । ତେବେ ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ । ସେହିପରି ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୪ ଜିଲ୍ଲାରେ ଘନ କୁହୁଡି ପଡିବାର ସମ୍ଭାବନା ରହିଛି । ର କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଅନ୍ୟ ରାଜ୍ୟ ଭଳି ଆମ....

ସେଇ ଟିକା ହିଁ ନେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଅନ୍ୟ ରାଜ୍ୟରେ ଯେଭଳି ବଢ଼ୁଛି, ଆମ ରାଜ୍ୟରେ ବି ବଢ଼ିବ । ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ସିଭିୟରିଟି ନାହିଁ, ଯଦି ବଢ଼ିବ ସେଥିଲାଗି ସରକାରଙ୍କ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ଯେ ଟିକାକରଣ ଓ ସର୍ଭେଲାନ୍ସ ଜାରି ରହିଛି । ଏବେ ରାଜ୍ୟରେ ଆଇସିୟୁ ଲୋଡ୍ ବହୁତ କମ୍ ରହିଛି । ଆଇସିୟୁ ବେଡ୍ ବଢାଇବାକୁ ମଧ୍ୟ ବ୍ୟବସ୍ଥା କରାଯାଉଛି । ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର ଓ ବାଲେଶ୍ୱରରେ ସଂକ୍ରମଣ ଅଧିକ ରହିଛି । ସେସବୁ ଜିଲ୍ଲା ଉପରେ ସରକାରଙ୍କ ନଜର ରହିଛି ।


# ଗୋଟିଏ ଦିନରେ ୧୮୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୮୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୯୭୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୫୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୫ ହଜାର ୫୧୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୭୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୮୯୭ ଜଣଙ୍କ ମଧ୍ୟରୁ ୧୧୦୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୯୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୬୬୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୧୦୦ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୧୪୮ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨, ଗଂଜାମ ଜିଲ୍ଲାରେ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୯, ଯାଜପୁରରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧,କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୧ , ଖୋର୍ଦ୍ଧାରୁ ୬୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୫ ଜଣ ଓ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୫୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ନନ୍ଦନକାନନ ବୁଲିବା ପାଇଁ ଅନଲାଇନ୍ ଟିକେଟ୍ ବୁକିଂ ବାଧ୍ୟତାମୂଳକ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ବୁଲିବାକୁ ହେଲେ ଅନଲାଇନ୍ ରେ ଟିକେଟ୍ ବୁକିଂ କରିବାକୁ ପଡିବ । ଆସନ୍ତାକାଲି ,ଜାନୁଆରୀ ୭ ତାରିଖ ଠାରୁ ନୂଆ ନିୟମ ଲାଗୁ ହେବ । କୋଭିଡ ସଂକ୍ରମର ବଢ଼ିବା କାରଣରୁ ଭୁବନେଶ୍ୱର ମହାନଗର ନିଗମ ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ି ଥିବା ବେଳେ ନନ୍ଦନକାନନରେ ପର୍ଯ୍ୟଟକମାନେ କଟକଣା ମାନୁନାହାନ୍ତି । ବିନା ମାସ୍କ ଓ ସାମାଜିକ ଦୂରତା ରକ୍ଷା ନକରି ପର୍ଯ୍ୟଟକମାନେ ବୁଲୁଛନ୍ତି । ସେଥିଲାଗି ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବୁଲି ଆସୁଥିବା ଚହୁଁଥିବା ପର୍ଯ୍ୟଟକଙ୍କ ଲାଗି କର୍ତ୍ତୃପକ୍ଷ କଟକଣା ଜାରି କରିଛନ୍ତି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ଏଠାକୁ ବୁଲି ଆସିବାକୁ ହେଲେ ନନ୍ଦନକାନନର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ନନ୍ଦନକାନନ ଡଟ୍ ଓଆରଜି କୁ ଯାଇ ଅନଲାଇନ୍ ଟିକେଟ ବୁକ୍ କରିବାକୁ ପଡିବ । ସମସ୍ତଙ୍କ ପାଇଁ ମାସ୍କ ପରିଧାନ ଅପରିହାର୍ଯ୍ୟ ମଧ୍ୟ କରାଯାଇଛି । ସେହିପରି ପର୍ଯ୍ୟଟକ ଯଥା ସମ୍ଭବ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।

# ସଂକୁଚିତ ହେଉଛି ଐତିହାସିକ ହେମ ସାଗର ପୋଖରୀ



ବାରିପଦା, ୦୬/୦୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ସହରର ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିରର ସେବାୟତ ମାନଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ବାହାନାରେ ରାଜାରାଜୁଡା ଅମଳର ଐତିହାସିକ ପୁଷ୍କରିଣୀ ପୋତା ଚାଲିଛି ବୋଲି ସେବାୟତ ମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ୨ୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରି ବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଏବଂ ନୀତିକ୍ରାନ୍ତି ପାଇଁ ବହୁ ପୁରତନ କାଳରୁ ହେମସାଗର ପୁଷ୍କରିଣୀ ନିର୍ମାଣ କରାଯାଇଥିଲା । ୨୦୧୯ ମସିହାରେ ବାରିପଦା ମୁନିସିପାଲିଟି ପକ୍ଷରୁ ବାରିପଦା ସହରର ୭ ଗୋଟି ପୋଖରୀର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ହେଲେ ବର୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନା ଧରୁନାହିଁ । ପୁଣି ବର୍ତମାନ ପୁନରୁଦ୍ଧାର ସମୟରେ ପୋଖରୀ ପୋତି ଦିଆଯିବାର ନଜରକୁ ଆସୁଥିବା ସେବାୟତ ମାନଙ୍କ ଦ୍ୱାରା ଅଭିଯୋଗ କରାଯାଇଛି । ଅନ୍ୟପଟେ ପୂର୍ବରୁ ଏହି ପୁଷ୍କରିଣୀ ଦେବୋତର ବିଭାଗ ଖାତାରେ ରହିଥିବା ବେଳେ ଏବେ ଏହା ମୁନିସିପାଲିଟି ତଦାରଖ ରେ ରହିଛି । ପୋଖରୀଟି ସମୁଦାୟ ୪ ଏକର ୧୫ ଡେସିମିଲ ଥିବାବେଳେ ଆଡିବନ୍ଧକୁ ଛାଡି ଦେଲେ ୨ ଏକର ୬୯ ଡେସିମିଲ ଜମୀ ଜଳ ଭାଗ ଥିଲା । ତେବେ ବର୍ତମାନ ତାହା ସଂକୁଚିତ ହେଉଥିବାର ଅଭିଯୋଗ ଆଣିଛନ୍ତି ସେବାୟତ ମାନେ । ଏବାବଦରେ ଆଜି ସେବାୟତ ମାନେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିବା ସହିତ, ୧୫ ଦିନ ଭିତରେ ସମସ୍ୟାର ସମାଧାନ ପ୍ରତି ପଦକ୍ଷେପ ନିଆ ନଗଲେ ସେବାୟତ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି । ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ କାମେଶ୍ୱର ତ୍ରିପାଠୀ, ଅରୁଣ ମିଶ୍ର ପ୍ରମୁଖ ସେବାୟତ ମାନେ ଉପସ୍ଥିତ ଥିଲେ ।

ବାଲେଶ୍ୱର, ଶୁକ୍ରବାର, ୦୭ ଜାନୁଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ : ସମସ୍ତଙ୍କୁ ଘରଡିହ ଓ ପକାଗୃହ ବ୍ୟବସ୍ଥା

ଜଳେଶ୍ୱର, ୬/୧(ନିପ୍ର): ରାଜ୍ୟରେ କେହି ଭୋକିଲା ରହିବେ ନାହିଁ, ସେଥିପାଇଁ ମୁଖ୍ୟମନ୍ତ୍ରୀ ୧ ଟଙ୍କିଆ ଚାଉଳର ବ୍ୟବସ୍ଥା କରିଛନ୍ତି । ସେହିପରି ରାଜ୍ୟରେ କେହି ଭୂମିହୀନ, ଗୃହହୀନ ନ ରହିବାପାଇଁ ମୁଖ୍ୟମନ୍ତ୍ରୀ ସରକାରୀ ଜମିଯୋଗାଇ ଆବାସ ଯୋଜନାରେ ଗୃହ ନିର୍ମାଣର ବ୍ୟବସ୍ଥା କରିଛନ୍ତି ବୋଲି ଆଜି ୭୧ ଜଣଙ୍କୁ ଜମିପଟା ବଟନ କରି ବିଧାୟକ ଅଶ୍ୱିନୀ ପାତ୍ର ଏହି ସୂଚନା ଦେଇଛନ୍ତି । ଆଜି ଆଦିବାସୀ ଅଧ୍ୟୁସୀତ ଖୁଆଡ ପଂଚାୟତରେ ରାଜ୍ୟ ସରକାରଙ୍କ ଭୂମୀହୀନଙ୍କୁ ଘରଡିହ ପଟ୍ଟା ଯୋଗାଣ ଯୋଜନାରେ ୧୩ଜଣ ଭୂମିହୀନଙ୍କୁ ବିଧାୟକ ଶ୍ରୀ ପାତ୍ର ପଟାବଣ୍ଟନ କରିଥିଲେ । ଏହି ଅବସରରେ ୨୦୧୪-୧୫ରୁ ଅଦ୍ୟାବଧି ୮୯୬ ଜଣ ଲୋକଙ୍କୁ ଏହି ଯୋଜନାରେ ଜଳେଶ୍ୱର ତହସିଲ ଅଧିନରେ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ଜଂଗଲ ଜମି ଆଇନ୍ ଅନୁଯାୟୀ ୨୦୧୮-୧୯ ମସିହାଠାରୁ ୩୧୧ ଜଣଙ୍କୁ ପଟା ବଣ୍ଟନ ହୋଇଥିବା ସେ ସୂଚନା ଦେଇଥିଲେ । ଜଳେଶ୍ୱର ତହସିଲ ଅଧିନରେ ରାଇବଣିଆର ୬ଟି ପଂଚାୟତ ଆଦିବାସୀ ଅଧ୍ୟୁସୀତ ହୋଇଥିବାରୁ ଜଂଗଲ ଜମି ଅଧିକାର ଆଇନ୍ ଅନୁଯାୟୀ ତଥା ଘରଡିହ ଜମିନଥିବା ବହୁ ଆଦିବାସୀ ଏବେବି ଏଥିପାଇଁ ଅପେକ୍ଷା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ସରପଂଚ ଖୁଲଣା ପାତ୍ର ଉପସ୍ଥିତ ଥିବା ବେଳେ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ ପର୍ଯ୍ୟାୟକ୍ରମେ ଜଳେଶ୍ୱରର ସବୁ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯିବ ବୋଲି କହିଥିଲେ । ରାଜସ୍ୱ ସୁପର ଭାଇଜର ସୁଭେନ୍ଦୁ କୁମାର ସାହୁ, ରାଜସ୍ୱ ନିରିକ୍ଷକ ସପନ ବାସ୍କେ, ଶିବ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବାଧିକ ଆଦିବାସୀ ବସବାସ କରୁଥିବା ବରଡିଆ ପଂଚାୟତରେ ୨୦ଜଣଙ୍କୁ ଏହି ଦୁଇ ଯୋଜନାରେ ଭୁମୀହୀନଙ୍କୁ ବିଧାୟକ ଜମିପଟା ପ୍ରଦାନ କରିଛନ୍ତି । ସେଠାରେ ତହସିଲଦାରଙ୍କ ସହିତ ପୂର୍ବତନ ସରପଂଚ ଅଜୟ କୁମାର ମହାନ୍ତି, ପୂର୍ବତନ ସମିତି ସଦସ୍ୟ ମୁନିନ୍ଦ୍ର କୁମାର ଧର, ମଂଗଳ ଅଧିକାରୀ ସୁଜୟ ଚନ୍ଦ ପ୍ରମୁଖ ଉପସ୍ଥିତ ଥଲେ । ଏହା ବ୍ୟତିତ ରାୟାଁରାମଚନ୍ଦ୍ରପୁର ପଂଚାୟତରେ ୧୦ଜଣ ଓ ନାମ୍ପୋଠାରେ ୨୫ଜଣ ଭୂମିହୀନ ବ୍ୟକ୍ତିଙ୍କୁ ପଟ୍ଟା ଦିଆଯାଇଛି ।

## ରାଜ୍ୟରେ କରୋନାରେ ଆଉ ୧ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୬୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ପୁରୀରେ ୨୯ହଜାର ୩୦୬ ଜଣ ନୂତନ ଭୋଟ୍ର

ପୁରୀ,୦୬/୦୧ (ନି.ପ୍ର): ପୁରୀଜିଲ୍ଲାର ଚୂଡ଼ାନ୍ତଭୋଟ୍ର ତାଲିକା ପ୍ରକାଶ ପାଇଛି । ମୃତ୍ୟୁବରଣ କରିଥିବା ଭୋଟରମାନଙ୍କୁ ବାଦ୍ ଦେବା ପରେ ସ୍ଥାନାନ୍ତରଣ ହୋଇଥିବା ମତଦାତାଙ୍କୁ ମିଶାଇ ଜିଲ୍ଲାର ଚୂଡ଼ାନ୍ତ ଭୋଟ୍ର ତାଲିକାରେ ମୋଟ ୨୯ହଜାର ୩୦୬ଜଣ ନୂତନ ଭୋଟ୍ର ସାମିଲ ହୋଇଥିବା ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି । ପୂର୍ବରୁ ଜିଲ୍ଲାରେ ୧୩ ଲକ୍ଷ ୬୧ ହଜାର ୭୫୮ଜଣ ଭୋଟର ଥିବାବେଳେ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ଥିବା ୬ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ୍ ଭୋଟରଙ୍କ ସଂଖ୍ୟା ୧୩ ଲକ୍ଷ ୯୧ ହଜାର ୬୪ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରେ ୭ଲକ୍ଷ ୧୭ହଜାର ୩୮୨ଜଣ ପୁରୁଷ, ୬ଲକ୍ଷ ୭୩ ହଜାର ୬୦୬ଜଣ ମହିଳା ଓ ୭୬ଜଣ କିନ୍ନର ଅନ୍ତର୍ଭୁକ୍ତ । ଜିଲ୍ଲାରେ ୧୫୯୩ ଟି ମତଦାନ କେନ୍ଦ୍ର ରହିଥିବା ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ସିମୁଳିଆ ଥାନା ପୁଲିସ ବିରୋଧରେ ଏସପିଙ୍କୁ ଜାମଝାଡ଼ି ମହିଳାଙ୍କ ଫେରାଦ

ବାଲେଶ୍ୱର,୦୬/୦୧ (ନି.ପ୍ର): ବାହାର ରାଜ୍ୟର ଲୋକଙ୍କଠାରୁ ବଟି ଆଦାୟକୁ ବିରୋଧ କରି ଆକ୍ରମଣ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନରେ ସିମୁଳିଆ ଥାନା ପୁଲିସର ନିଷ୍କ୍ରିୟତା ସମ୍ପର୍କରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକଙ୍କଠାରେ ଫେରାଦ ହୋଇଛନ୍ତି ପୀଡ଼ିତ ପରିବାର । ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡ଼ି ଅଞ୍ଚଳର ଉମାକାନ୍ତ ଦାସଙ୍କ ପତ୍ନୀ ମାଣିକ ଦାସ ଆଜି ଏସପିଙ୍କ ଅଫିସରେ ପହଞ୍ଚି ଗତ ୨ ତାରିଖରେ ତାଙ୍କ ସ୍ୱାମୀଙ୍କ ଉପରେ ହୋଇଥିବା ସଙ୍ଘବଦ୍ଧ ଆକ୍ରମଣ ଓ ସିମୁଳିଆ ପୁଲିସର ସନ୍ଦେହପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ । ତାଙ୍କ ଆପତ୍ତି ଅନୁସାରେ ଜାମୁଝାଡ଼ି ଅଞ୍ଚଳର ଅଷ୍ଟମପ୍ରହରୀ ପଡ଼ିଆରେ ଅସ୍ଥାୟୀ ତମ୍ବୁ ପକାଇ ଗାଁ ଗାଁ ବୁଲି ଚୁଡ଼ି ବେପାର କରୁଥିବା ବାହାର ରାଜ୍ୟର ଯାଯାବର ପରିବାରଙ୍କଠାରୁ କିଛି ଅସାମାଜିକ ବ୍ୟକ୍ତି ବଟି ଆଦାୟ କରିଥିଲେ । ଏ ସମ୍ପର୍କରେ ଜାଣିବା ପରେ ଗାଁର କିଛି ବ୍ୟକ୍ତି ସେମାନଙ୍କୁ ବିରୋଧ କରିବା ଯୋଗୁଁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସ୍ଥାନୀୟ ସରପ ସସ୍ମିତା ଦାସ ଏଥିରେ ହସ୍ତକ୍ଷେପ କରିଥିଲେ । ତାଙ୍କର ନିଷ୍ପତ୍ତି କ୍ରମେ ତହିଁଆରଦିନ ଆୟୋଜିତ ବୈଠକରେ ସରପଞ୍ଚ ଶ୍ରୀମତୀ ଦାସ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଦାସଙ୍କ ସମେତ ବହୁ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ । ମାତ୍ର ଅଭିଯୁକ୍ତମାନେ କୌଣସି କଥା ଶୁଣିବା ପରିବର୍ତ୍ତେ ସେଠାରେ ଉପସ୍ଥିତ ଲୋକଙ୍କୁ ଲାଠିରେ ଆକ୍ରମଣ କରିଥିଲେ । ଏଥିରେ ମାଣିକ ଦାସଙ୍କ ସ୍ୱାମୀ ଉମାକାନ୍ତ ଦାସ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି । ଏନେଇ ସିମୁଳିଆ ଥାନାରେ ଏତଲା ହୋଇଥିଲେ ବି ଅଭିଯୁକ୍ତଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୁଲିସ ଆଗ୍ରହ ପ୍ରକାଶ କରୁନଥିବା ଶ୍ରୀମତୀ ଦାସ ଆରୋପ ଉଠାଇଛନ୍ତି । ଅନ୍ୟ କୌଣସି ଉପାୟ ନପାଇ ଶେଷରେ ନ୍ୟାୟ ପାଇଁ ସେ ଏସପିଙ୍କଠାରେ ଗୁହାରୀ କରିଛନ୍ତି । ଏନେଇ ଏକ ଦାବିପତ୍ର ସେ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଜାମୁଝାଡ଼ି ଅଞ୍ଚଳର କିଛି ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଗ୍ରାହକ ବେଶରେ ଅବକାରୀ କର୍ମଚାରୀ ଧଳା ଜହର ସହିତ କାବୁକଲେ ଜଣକୁ



ଜଳେଶ୍ୱର ୬/୧(ନିପ୍ର): ଆଜି ଜଳେଶ୍ୱରର ଜଣେ ଅବକାରୀ କର୍ମଚାରୀ ଗ୍ରହକ ବେଶରେ ସମୁଦ୍ର କୂଳରେ ଥିବା ଉଦୟପୁର ସାମୁଦ୍ରିକ ଥାନା ଅଧିନରେ ଜଣେ ବ୍ୟବସାୟୀ ଘରକୁ ଯାଇ ବ୍ରାଉନ୍‌ସୁଗର କ୍ରୟ ବେଳେ ୫୫୦ ଗ୍ରାମର ଧଳା ଜହର ଜବତ୍ କରିଥିବା ଜଣା ପଡିଛି । ଘଟଣାରୁ ପ୍ରକାଶ ଏବେ ଦୀଘାରୁ ଓଡିଶାର ସାହାବାଜିପୁର, ଉଦୟପୁର ରାସ୍ତାରେ ଓଡିଶା ଅଂଚଳକୁ ବ୍ରାଉନ୍‌ସୁଗର ଚୋରାରେ ଆସୁଥିବାର ଜାଣି ବାଲେଶ୍ୱର ଜିଲା ଡେପୁଟି କମିସନର ଅଶୋକ ଶତପଥିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଥାନା ଅଧିକାରୀ ଦେବେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୫ଜଣି ଟିମ୍ ଛପି ରହିଥିଲେ । ପଶ୍ଚିମବଂଗର ବୀରଭୂମ ଜିଲା ପାଇକା ଥାନା ଅନ୍ତର୍ଗତ ଭାଗାଇଲ ଗାଁର ତୃଜା ମାଇଲ ସେକ୍‌ଙ୍କ ପୁଅ ମଇନୁଦ୍ଦିନ ସେକ୍ ଧାଳା ଜହର ମୁର୍ଷିଦାବାଦ ଅଂଚଳରୁ ଆଣି ବିକ୍ରିଲାଗି ନିକଟସ୍ଥ ଏକ ଘରେ ପସରା ମେଳାଇଥିଲା । ଅବକାରୀ ବିଭାଗର କର୍ମଚାରୀ ମାନେ କିଣିବାପାଇଁ ଗ୍ରହକ ବେଶରେ ଯାଇ ୫୫ ଲକ୍ଷ ଟଙ୍କା ମୂଲ୍ୟର ୫୫୦ ଗ୍ରାମ ଧଳାଜହରକୁ ଜବତ୍ କରିଥିଲେ । ମଇନୁଦ୍ଦିନ ସେକ୍‌କୁ ଗିରଫ କରି ବାଲେଶ୍ୱର ସ୍ୱତନ୍ତ୍ର ଜଜ୍‌ଙ୍କ ବିଚାର ବିଭାଗୀୟ ଅଦାଲତକୁ ପଠାଇଛନ୍ତି ।

## ରାସ୍ତା ଦୁର୍ଘଟଣା : ୧ ମୃତ, ରାସ୍ତା ଅବରୋଧ

ଜଳେଶ୍ୱର, ୬/୧(ନିପ୍ର): ଆଜି ୫୭ ରାଜ୍ୟ ରାଜପଥର ତାଳବଣିଆ ର ଅନତି ଦୂରରେ ପିକ୍‌ଅପ୍ ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛି । କିନ୍ତୁ ନିକଟ ଅଂଚଳର ଲୋକେ ଝଏପରି ଦୁର୍ଘଟଣାପରେ ଉତ୍ତେଜନା ପ୍ରକାଶ ପାଇବାରୁ ରାସ୍ତା ଅବରୋଧ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଆଜି ପୂର୍ବାହ୍ନରେ କମର୍ଦ୍ଦାରେ ରହି ଟାଇଲ ମିସ୍ତ୍ରୀଭାବେ କାର୍ଯ୍ୟ କରିଆସୁଥିବା ପଶ୍ଚିମବଂଗର ନନ୍ଦିଗ୍ରାମ ଅଂଚଳର ରହିମ୍ ଖାଁ (୨୨) ଅନ୍ୟ ଜଣକୁ ବାଇକ୍‌ରେ ନେଇ ଜଳେଶ୍ୱର ଅଭିମୁଖେ ଗଲାବେଳେ ଘଟଣାସ୍ଥଳରେ ପିକ୍‌ଅପ୍ ସହିତ ଧକ୍କା ହେବାରୁ ସେ ମୃତ୍ୟୁବରଣ କରିଛି । ଅନ୍ୟଜଣେ ଆହତ ବ୍ୟକ୍ତି ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । କିନ୍ତୁ ଏହି ରାସ୍ତାରେ ଯାନଗୁଡିକ ବେପାରୁଆ ଚାଳନା ହେଉଥିବାରୁ ସାଧାରଣ ଲୋକେ ଉତ୍ତେଜିତ ହୋଇ ରାସ୍ତା ଅବରୋଧ କରିଥିଲେ । ପରେ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଓ ନାମ୍ପୋ ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ଅଟବୃଦ୍ଧି ଘଟଣା ସ୍ଥଳରେ ବୁଝାସୁଝା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ପୁଲିସ୍ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଛାନ୍‌ଭିନ୍ କରୁଛି ।

## ସଦର ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନାରେ ଦୀପଦାନ

ବାଲେଶ୍ୱର,୦୬/୦୧ (ନି.ପ୍ର): ପଞ୍ଜାବରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ରଚାଯାଇଥିବା ଆକ୍ରମଣକୁ ନିନ୍ଦା କରିଛି ବାଲେଶ୍ୱରର ସଦର ବିଜେପି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘାୟୁ କାମନା କରି ସଦର ବିଜେପିର କର୍ମକର୍ତ୍ତା ଓ ସଦସ୍ୟମାନେ ଗୁରୁବାର ସଂଧ୍ୟାରେ ସହରର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀ ମନ୍ଦିରରେ ପୂଜାର୍ଚ୍ଚନା ସହ ସାମୂହିକ ଦୀପଦାନ କରିଛନ୍ତି । ସଦର ବିଜେପି ନେତା ମାନସ ଦତ୍ତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏଥିରେ ଯୋଗଦେଇ ମାଆ ଲଳିତେଶ୍ୱରୀଙ୍କୁ ଆରଧନା ସହ ଦୀପଦାନ କରିଥିଲେ ।

## ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ବାଲେଶ୍ୱର,୦୬/୦୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ଓ ବରୁଣସିଂ ଉନ୍ନୟନ କମିଟିର ମିଳିତ ସହଯୋଗରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ମାର୍କଣ୍ଡ ସେଠୀ ଏହି ଶିବିରକୁ ଉଦଘାଟନ କରିବା ସହ ଦୁଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ । କରୋନା ଯୋଗୁଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମାଧାନରେ ଏହି ଶିବିର ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ । ବରୁଣସିଂ ଉନ୍ନୟନ କମିଟି କର୍ମକର୍ତ୍ତା ଭାସ୍କର ବେହେରା ଓ ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନର ଅଧ୍ୟକ୍ଷା ସଂଯୁକ୍ତାରାଣୀ ବେହେରା ଏଥିରେ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ଲୋକେ ଡାକ୍ତରଙ୍କୁ ଦେଖାଇ ଆଖି ପରୀକ୍ଷା କରିଥିଲେ । ଏଥି ସହିତ ବହୁ ବ୍ୟକ୍ତି ରକ୍ତଚାପ ଓ ଡାଇବେଟିସ ବି ପରୀକ୍ଷା କରାଇଥିଲେ । ଲାୟନ୍ସ କ୍ଲବ ସହଯୋଗରେ ଆୟୋଜିତ ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଭିମନ୍ୟୁ ମହାପାତ୍ର ଲୋକମାନଙ୍କର ଆଖି ପରୀକ୍ଷା ସହ ଔଷଧ ଓ ପରାମର୍ଶ ଦେଇଥିଲେ । ଏହି ପରୀକ୍ଷାରୁ ମୋତିଆବିନ୍ଦୁ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଲାୟନ୍ସ କ୍ଲବ ପକ୍ଷରୁ ପରବର୍ତ୍ତୀ ସମୟରେ ସେମାନଙ୍କର ମାଗଣା ଅପରେସନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଉର୍ମିଳା ବେହେରା, ନିରଞ୍ଜନ ବେହେରା, ଗଙ୍ଗାଧର ପରିଡ଼ା, ରବୀନ୍ଦ୍ର ମହାକୁଡ଼, ସାବିତ୍ରୀ ବେହେରା ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ ।

## ୮ ମାସର ଶିଶୁ ପୁତ୍ରକୁ ଧରି ବୁଲୁଛି ମାନସିକ ଅନଗ୍ରସର ମହିଳା

ବାଲିଆପାଳ, ୦୬/୦୧ (ନି.ପ୍ର): ଜଣେ ମାନସିକ ଅନଗ୍ରସର ମହିଳା ଏକ ୮ ମାସର ଶିଶୁପୁତ୍ରକୁ ଧରି ଗତ ୪ ରୁ ୫ ଦିନ ହେଲା ଶୀତ କାକରରେ ବାଲିଆପାଳ ଅଂଚଳରେ ବୁଲୁଥିବା ଦେଖିବାକୁ ମିଳୁଛି । ରାତିରେ ସେ କେଉଁଠି ଶୋଉଛି, କେଉଁଠି ଖାଉଛି ତାହାର ହିସାବ କାହାରି ପାଖରେ ନାହିଁ । ଛୁଆଟି ଶୀତରେ ଥରୁଥିଲେ ମଧ୍ୟ ତାକୁ ଘୋଡାଇ ରଖିବା ପାଇଁ ମହିଳା ନିକଟରେ ଆବଶ୍ୟକ ଶୀତବସ୍ତ୍ର ମଧ୍ୟ ନାହିଁ । ପ୍ରବଳ ଶୀତରେ ଛୋଟ ପିଲାଟି ରୋଗାକ୍ରାନ୍ତ ହୋଇ



କାନ୍ଦୁଥିବାର ଦେଖିବାକୁ ମିଳୁଛି । ବୁଧବାର ସ୍ଥାନୀୟ ଅଂଚଳର ଯୁବକ ଲମ୍ବୋଦର ମାହାନା ଏବଂ ଅନ୍ୟ କେତେଜଣ ଯୁବକ ମହିଳାକୁ ଅଟକାଇ କିଛି ଖାଦ୍ୟ ଓ ଶୀତବସ୍ତ୍ର ଦେବା ସହିତ ଜିଲ୍ଲା ଚାଇଲ୍ଡ ଲାଇନ ମୁଖ୍ୟ ପ୍ରଶାନ୍ତ ରାଉତଙ୍କୁ ଏ ବିଷୟରେ ଜଣାଇଥିଲେ । ତେବେ ଦିର୍ଘ ସମୟ ରହି ଅପେକ୍ଷା କଲେ ମଧ୍ୟ ଚାଇଲ୍ଡ ଲାଇନ ପକ୍ଷରୁ କେହି ଘଟଣାସ୍ଥଳରେ ପହଁଚିନଥିଲେ । ପରେ ମହିଳା ଜଣକ ପିଲାଟିକୁ ଧରି କେଉଁ ଆଡେ ଚାଲିଯାଇଥିଲା । ଆଜି ଚାଇଲ୍ଡ ଲାଇନ ପକ୍ଷରୁ ଉକ୍ତ ମହିଳା ଓ ତାଙ୍କ ଶିଶୁ ପୁତ୍ରଙ୍କୁ ଖୋଜା ଯାଉଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ମିଳୁନାହିଁ ।

## ପ୍ରକାଶ ପାଇଲା ଜିଲ୍ଲାର ଚୂଡାନ୍ତ ଭୋଟର ତାଲିକା

ବାରିପଦା, ୦୬/୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଫଟୋ ଭୋଟର ତାଲିକା-୨୦୨୨ ଆଜି ପୂର୍ବାହ୍ନରେ ପ୍ରକାଶ ପାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ଦ୍ୱାରା ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଫଟୋ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶିତ ହୋଇଛି । ସୂଚନା ଯୋଗ୍ୟ ଯେ, ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିବର୍ଷ ସ୍ୱଚ୍ଛ ଓ ନିର୍ଭୂଲ ଭୋଟର ତାଲିକା ପ୍ରସ୍ତୁତି ସକାଶେ ସଂଶୋଧନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ଆସୁଅଛି ଏବଂ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୧ଜାନୁଆରୀ ୨୦୨୨ ତାରିଖକୁ ଯୋଗ୍ୟତା ସୂଚକ ଭାବେ ୧୮ବର୍ଷ ପୂର୍ଣ୍ଣ ସମସ୍ତ ସାବାଳକ ମାନଙ୍କୁ ନୂତନ ଭୋଟର ତାଲିକାରେ ନାମ ପଞ୍ଜିକରଣ କରାଯିବା ସହିତ ମୃତକ ଓ ସ୍ଥାନାନ୍ତରିତ ବ୍ୟକ୍ତି ମାନଙ୍କ ନାମ



ଭୋଟର ତାଲିକାରୁ ବାଦଦେବା ଏବଂ ଭୋଟର ତାଲିକାରେ କୌଣସି ଭୁଲ ଓ ତୃଟି ଇତ୍ୟାଦିର ସଂଶୋଧନ କାର୍ଯ୍ୟ ଗତ ୧ନଭେମ୍ବର ୨୦୨୧ ରିଖଠାରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ସଂଶୋଧନ ପ୍ରକ୍ରିୟା ଉପ-ଜିଲ୍ଲାପାଳ ତଥା ଇଆରଓ ଏବଂ ଏଇଆରଓଙ୍କ ତତ୍ତ୍ୱାବଧାନରେ ବିଏଲଓ ଏବଂ ବିଭିନ୍ନ ରାଜନୈତିକ ଦଳୀୟ ସହଯୋଗରେ ସମ୍ପାଦିତ ହୋଇଥିଲା । ଏଥିରେ ସମସ୍ତ ଆପତି ଅଭିଯୋଗର ୨୦ଡିସେମ୍ବର ୨୦୨୧ରିଖ ସୁଦ୍ଧା ଫଇସଲା କରାଯାଇ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ ହୋଇଛି । ବିଧାନସଭା ନିର୍ବାଚନମଣ୍ଡଳି ଓ୍ୱାରି ପ୍ରକାଶିତ ଚୂଡାନ୍ତ ଫଟୋ ଭଟର ତାଲିକାର ସପ୍ଲିମେଣ୍ଟ କପି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ ତଥା ଇଆରଓ, ଏଇଆରଓଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହୋଇ ପାରିବ । ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମୟୂରଭଞ୍ଜ ରୁଦ୍ର ନାରାୟଣ ମହାନ୍ତି, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ବାରିପଦା ଉପ-ଜିଲ୍ଲାପାଳ ଅନ୍ୟା ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରିତା ଟୁଡୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳିୟ କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## ଗୁଣି, ଗାରେଡ଼ି ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ଉଦଳା, ୦୬/୦୧ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବାଟ୍ରଷ୍ଟ ତରଫରୁ ଗୁଣି, ଗାରେଡ଼ି ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଘାଗରାଗଡ଼ି ଗ୍ରାମ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନାଚକ୍ର ଓ ଶୀତବସ୍ତ୍ର ବଣ୍ଟନର ପର୍ବ ଅନୁଷ୍ଠିତ ହୋଇଥିଲା । ଆଲୋଚନାଚକ୍ରରେ ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରିବା ସହ ଅନ୍ଧବିଶ୍ୱାସରେ ବଶବର୍ତ୍ତି ହୋଇ ମହିଳା ମାନଙ୍କୁ ଡ଼ାହାଣୀ କହି ସେମାନଙ୍କ ଉପରେ ଯେଉଁ ଅତ୍ୟାଚାର କରାଯାଉଛି ତାହା ବର୍ଣ୍ଣନା କରିବା ସହ ଏଥିରୁ ନିବୃତ୍ତ ରହିବାକୁ



ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଯୋଗ ଦେଇ ରୋଗ ହେଲେ ଡ଼ାକ୍ତରଖାନା ଯିବା ପାଇଁ ପରାମର୍ଶ ଦେବା ସହ ସମସ୍ତେ ପାଇଖାନା ବ୍ୟବହାର କରିବା, ନିଶାଦ୍ରବ୍ୟ ସେବନ ଠାରୁ ଦୂରରେ ରହିବା ଓ ମଶାରିଟାଣି ରାତିରେ ଶୋଇବାକୁ ବକ୍ତବ୍ୟ ମାଧମରେ କହିଥିଲେ । ଏକଲ ଅଭିଯାନ କର୍ମୀ ସୁକେଶ ବେହେରା ଓ ବେଣୁଧରକଣ୍ଠାବାଉଁଶିଆ ମହିଳା ମାନଙ୍କୁ ଡ଼ାହାଣୀ କହି ସେମାନଙ୍କୁ ମାଡ଼ ମାରିବା, ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲାଇବା, ବିଷ୍ଠା ଖୁଆଇବା ଏପରିକି ହତ୍ୟା କରିବାକୁ ମଧ ଲୋକେ ପଛାଉ ନାହାଁନ୍ତି । ଏଣିକି ଏପରି କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନି ଦେଇଥିଲେ । ଏହାପରେ ଗ୍ରାମରେ ବସବାସ କରୁଥିବା ଅସହାୟ, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ସାମାଜିକ କର୍ମୀ ଅଜୟ ବେହେରା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସରସ୍ୱତୀ ମୁର୍ମୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ନଦୀକୂଳ ସୁରକ୍ଷା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ବାରିପଦା, ୦୬/୦୧ (ନି.ପ୍ର): ବୁଢାବଲଙ୍ଗ ନଦୀକୁ ବାରିପଦାର ଲାଇଫଲାଇନ କୁହା ଯାଉଥିବା ବେଳେ, ବାରିପଦା ଉଦଳା ରାସ୍ତାର ପୋଡା ଅସ୍ତିଆ ବଳଙ୍ଗ ପୋଲ ନିକଟରେ ନଦୀକୂଳ ଖାଇବାରୁ ସେଠାରେ ରହିଥିବା ମା ଅସ୍ତକଲା, ବଳଙ୍ଗେଶ୍ୱର, ହନୁମାନ ଆଦି ମନ୍ଦିର ନଦୀ ଗର୍ଭରେ ଲୀନ ହେବାକୁ ବସିଥିଲା ଏବଂ ନିକଟରେ ରହିଥିବା ବଳଙ୍ଗପୋଲ ପ୍ରତି ମଧ ବିପଦ ରହିଥିଲା । ଦୀର୍ଘବର୍ଷ ଧରି ନଦୀକୂଳ ଖାଉଥିବା ବେଳେ ସ୍ଥାନୀୟ ଲୋକେ ସେହି ଠାରେ ସୁରକ୍ଷା କାର୍ଯ୍ୟ କରିବାକୁ ଦାବୀ କରି ଆସୁଥିଲେ । ଏପରିକି ଗତ ନଭେମ୍ବର ୧ ତାରିଖରେ ସ୍ଥାନୀୟ ଲୋକେ ଜନତା ବିକାଶ ବାହିନୀର ସଂଯୋଜକ



ଦେବେନ୍ଦ୍ର କୁମାର ସିଂଙ୍କ ନେତୃତ୍ୱରେ ଶ୍ୟାମାଖୁଂଟା ବ୍ଲକ ଘେରାଇ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏହି କାର୍ଯ୍ୟ କରାନଗଲେ ଆଗାମୀ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ମଧ ଦାବୀପତ୍ର ମାଧମରେ ଚେତାବନୀ ଦେଇଥିଲେ । ତେବେ ଓଡିଶା ସରକାରଙ୍କ ୱାଟର ରିସର୍ସ ଡିପାର୍ଟମେଂଟ ତରଫରୁ ମୟୂରଭଂଜ ଜଳସେଚନ ବିଭାଗ ଆନୁକୂଲ୍ୟରେ ମୋଟ ୪୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟ ୟରେ ଏହି ନଦୀବନ୍ଧ ସୁରକ୍ଷା ପ୍ରକଳ୍ପ ନିର୍ମିତ ହେବ ବୋଲି ଜଣା ଯାଇଛି । ଏବଂ ଆଜି ପୂର୍ବାହ୍ନରେ ଉକ୍ତ ବୁଢାବଳଙ୍ଗ ନଦୀକୂଳ ପ୍ରଟେକସନ ୱାର୍କ ପାଇଁ ଓଡିଶାର ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିବାର ଜଣା ଯାଇଛି । ଏହାକୁ ନେଇ ଦୀର୍ଘଦିନ ଧରି ଦାବୀ କରି ଆସୁଥିବା ଗ୍ରାମବାସୀ ମାନେ ଖୁସିଥିବାର ଜଣା ଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମାରାଣ୍ଡିଙ୍କ ସହିତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗଦେଇଥିଲେ ।

## ସଦର ବ୍ଲକର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନକୁ ନେଇ ବିବାଦ

### ବିଧାୟକ ଓ ଅଧ୍ୟକ୍ଷଙ୍କ ସହ ଧାରଣାରେ ବସିଲେ ବିଜେଡି କର୍ମୀ

ବାଲେଶ୍ୱର,୦୬/୦୧ (ନି.ପ୍ର): ସଦର ବ୍ଲକରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ବେଳେ କସିପଦା ପଞ୍ଚାୟତର ମହିଳା ସରପଞ୍ଚଙ୍କ ଅଶାଳୀନ ବ୍ୟବହାରକୁ ନେଇ ବାଲେଶ୍ୱର ବିଧାୟକ ନିଜର ସହଯୋଗୀଙ୍କ ସହ ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ଘଟଣା ଏବେ ସବୁଠି ଆଲୋଚନାର ବିଷୟବସ୍ତୁ ହୋଇଛି । ପୂର୍ବରୁ ମନୋନୟନ ହୋଇଥିବା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ଲକ କର୍ତ୍ତୃପକ୍ଷ ଗୁରୁବାର ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ । ସେହିକ୍ରମରେ ପୂର୍ବାହ୍ନରେ ସଦର ବ୍ଲକ ସଭାଗୃହରେ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ । ଏହି ସମୟରେ କସିପଦା ପଞ୍ଚାୟତର ମହିଳା ସରପଞ୍ଚ ଅନୀତା ବେହେରା ସେଠାରେ ପହଞ୍ଚି ତାଙ୍କୁ ଏହି କାର୍ଯ୍ୟକ୍ରମକୁ କାହିଁକି ଆମନ୍ତ୍ରଣ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଥିଲେ । ବ୍ଲକର ବିଭାଗୀୟ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ବିଧାୟକଙ୍କୁ ବି ସେ ନାନା ପ୍ରକାର ଅପଶବ୍ଦ ବ୍ୟବହାର କରି ଗାଳି ଦେଇଥିଲେ । ଭତ୍ତା ପ୍ରଦାନ ସମ୍ପର୍କରେ ସୂଚନା ଦେବାରେ ଯଦିଚଃ ବିଳମ୍ବ ହୋଇଥିଲା, ତେବେ ଏଠି ତ କେବଳ ୨୦ ଜଣଙ୍କୁ ଦେଇ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ପରବର୍ତ୍ତୀ ସମୟରେ ପଞ୍ଚାୟତୱାରୀ ସରପଞ୍ଚମାନେ ସେମାନଙ୍କ ଅଞ୍ଚଳର ନୂତନ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିବେ ବୋଲି ବିଧାୟକ ଶ୍ରୀ ଦାସଙ୍କ ସମେତ ବ୍ଲକର ବିଭାଗୀୟ ଅଧିକାରୀ ସରପଞ୍ଚ ଶ୍ରୀମତୀ ବେହେରାଙ୍କୁ କହି ବୁଝାଇଥିଲେ । ମାତ୍ର ସେ ଆହୁରି ଉତକ୍ଷିପ୍ତ ହୋଇ ପୁଣିଥରେ ସମସ୍ତଙ୍କୁ ଗାଳିଗୁଲଜ କରିବା ସହିତ ବେକରେ ଗାମୁଛା ପକାଇ ଘୋସାରିବ ବୋଲି ଚେତବନୀ ଦେଇଥିବା ବିଧାୟକ ଓ ତାଙ୍କ ସହଯୋଗୀମାନେ ଆରୋପ କରିଛନ୍ତି । ଏହି ଘଟଣାର ପ୍ରତିବାଦ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବିଧାୟକ ଶ୍ରୀ ଦାସ ବିଡିଓଙ୍କ ଅଫିସ ଆଗରେ ଧାରଣା ଦେଇଥିବା ଲକ୍ଷ୍ୟ କରାଯାଇଥିଲା । ତାଙ୍କ ସହ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବିଜେଡି ବ୍ଲକ ସଭାପତି ବସନ୍ତ ପଣ୍ଡା, ଜିଲା ବିଜେଡି କର୍ମକର୍ତ୍ତା ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଏହି ଗଣଧାରଣାରେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ଓ ତାଙ୍କର ସହଯୋଗୀମାନେ ଚେତାବନୀ ଦେଇଥିଲେ । ଅନ୍ୟପକ୍ଷରେ ବିଧାୟକଙ୍କ ଆରୋପକୁ ଖଣ୍ଡନ କରିଛନ୍ତି କସିପଦା ସରପଞ୍ଚ ଅନୀତା ବେହେରା । ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ବ୍ଲକ କର୍ତ୍ତୃପକ୍ଷ ସର୍ବଦା ଉପେକ୍ଷା କରୁଥିବା ନେଇ ସେ ଅଭିଯୋଗ ଉଠାଇଛନ୍ତି । ସରପଞ୍ଚ ଓ ସମିତି ସଭ୍ୟଙ୍କୁ ସୂଚନା ନ ଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କାହିଁକି କରାଗଲା ବୋଲି ଶ୍ରୀମତୀ ବେହେରାଙ୍କ ସମେତ ଅନ୍ୟାନ୍ୟ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ପ୍ରଶ୍ନ କରିଛନ୍ତି । ଏହାକୁ ନେଇ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାମାନେ ଅନୁରୂପ ଭାବେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାନ୍ତରାଳ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା । ତେବେ ବିଡିଓ ନରେନ୍ଦ୍ର କୁମାର ଖମାରୀ ତାଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଉଭୟ ପକ୍ଷକୁ ବୁଝାସୁଝା କରିଥିଲେ । ଆଗାମୀ ଦିନରେ ଯେପରି ଏଭଳି ତ୍ରୁଟି ନହୁଏ ସେଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo